

ଡକେଟ୍‌ଙ୍କ ଶତକ

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-1 ♦BHUBANESWAR ♦WEDNESDAY ♦25 JUNE 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୧ ♦ଭୁବନେଶ୍ୱର ♦ବୁଧବାର ♦୨୫ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦





ସକାଳ
THE SAKALA




## ହେଉନାହିଁ ପାଟ୍ରୋଲିଂ, ଲାଗିନାହିଁ ସିସିଟିଭି

# ରାଜ୍ୟର ବେଳାଭୂମି ଅସୁରକ୍ଷିତ

ଭୁବନେଶ୍ୱର,୨୪।୬(ସମିସ): ଗୋପାଳପୁର ଗଣଦୁଷ୍କର୍ମ ରାଜ୍ୟର ପର୍ଯ୍ୟଟନ ଶିଳ୍ପକୁ ଗଭୀର ଆଘାତ ପହଞ୍ଚାଇଛି। ରାଜ୍ୟର ବେଳାଭୂମିକୁ ପର୍ଯ୍ୟଟକଙ୍କ ସଂଖ୍ୟା କମିବାରେ ଲାଗିଛି। ଏହି ସମୟରେ ଆମେରିକା ପ୍ରଶାସନ ଓଡ଼ିଶାକୁ ପରୋକ୍ଷରେ ଦୁଷ୍କର୍ମ ପ୍ରବଣ ରାଜ୍ୟ ଭାବରେ ଉଲ୍ଲେଖ କରି ନିଜ ଦେଶର ପର୍ଯ୍ୟଟକଙ୍କୁ ଓଡ଼ିଶାକୁ ଆସିବା ଉପରେ ଅଙ୍କୁଶ ଲଗାଇଛି । ଯାହା ଫଳରେ ରାଜ୍ୟ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ନିନ୍ଦିତ ହୋଇଛି । ସାମ୍ପ୍ରତିକ ସ୍ଥିତିରେ ରାଜ୍ୟର ବେଳାଭୂମିଗୁଡ଼ିକ ମହିଳାଙ୍କ ପାଇଁ ଅସୁରକ୍ଷିତ ସାବ୍ୟସ୍ତ ହୋଇଛି।

ଓଡ଼ିଶାରେ ଗୋପାଳପୁର, ଚାନ୍ଦିପୁର, ରାଜନଗର ପେଣ୍ଠ, ପାରାଦ୍ୱୀପ, ଶିଆଳି, ପୀର ଜାହାନିଆ, ପୁରୀ,କୋଣାର୍କ ଆଦି ପ୍ରମୁଖ ବେଳାଭୂମି ରହିଛି। ଏଠାକୁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ଆସିଥାଆନ୍ତି । ବେଳାଭୂମିର ମନୋରମ ପରିବେଶ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ସୁନେଲି ସୂର୍ଯ୍ୟୋଦୟରୁ ରକ୍ତିମ ସୂର୍ଯ୍ୟାସ୍ତ ଯାଏଁ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହେ। ସମୁଦ୍ର ସ୍ନାନ ସାଙ୍ଗକୁ ବଣଭୋଜି ଆସର ଜମେ। ମାତ୍ର ଗୋପାଳପୁର,ଚାନ୍ଦିପୁର, ପେଣ୍ଠ, ଶିଆଳି, କୋଣାର୍କ ଏବଂ ପୀର ଜାହାନିଆ ଆଦିକୁ ସମ୍ପ୍ରତି ପର୍ଯ୍ୟଟକଙ୍କ ପାଇଁ ସମ୍ବେଦନଶୀଳ ମନେ କରାଯାଉଛି। ଏହି ବେଳାଭୂମିରେ ଆଲୋକ ବ୍ୟବସ୍ଥା ନାହିଁ ଓ ପୁଲିସ ପାଟ୍ରୋଲିଂ ମଧ୍ୟ କରାଯାଉ ନାହିଁ। ସଞ୍ଜ ନଇଁବା ସହ ଏହି ବେଳାଭୂମିଗୁଡ଼ିକ ଅପରାଧୀ ଓ ନିଶାଡ଼ିଙ୍କ



ଚରାଭୂଇଁ ପାଲଟିଛି । ଅନେକ ସମୟରେ ପର୍ଯ୍ୟଟକ, ସେମାନଙ୍କ ପରିବାର ଏହି ଅପରାଧୀଙ୍କ ଦ୍ୱାରା ଲୁଣ୍ଠନ ଓ ଅସଦାଚରଣର ଶିକାର ହେଉଛନ୍ତି। ଅନକେ ନିଜ ସମ୍ମାନ ଦୃଷ୍ଟିରୁ ତୁଣ୍ଡ ଖୋଲୁ ନାହାନ୍ତି। ପୂର୍ବରୁ ପେଣ୍ଠ ବେଳାଭୂମିରେ ଅସଦାଚରଣ, ପ୍ରେମୀ ଯୁଗଳଙ୍କ ମୃତଦେହ ଉଦ୍ଧାର ଭଳି ଘଟଣା ସାମ୍ନାକୁ ଆସିଛି।

ପାରାଦ୍ୱୀପ ଏବଂ ପୁରୀ ବେଳାଭୂମିରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଲୋକ ରହୁଥିବା ଦୃଷ୍ଟିରୁ କିଛିଟା ସୁରକ୍ଷିତ ମନେ କରାଯାଉଛି। ମାତ୍ର ଅନ୍ୟ ବେଳାଭୂମିରେ ଆଲୋକର ଅଭାବ ଓ ପୁଲିସ ପାଟ୍ରୋଲିଂ ନ ଥିବାରୁ ସେଠାରେ ଏବେ ପର୍ଯ୍ୟଟକ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ସେହିପରି ଅପରାଧ ତତ୍ତ୍ୱମାନେ ଏଠାରେ ଆତଙ୍କରାଜ ଚଳାଇଥିବା ଅଭିଯୋଗ ହୋଇଛି। ଗୋପଳପୁର ଘଟଣା ପରେ ରାତି ୮ଟା ପର୍ଯ୍ୟନ୍ତ ପାଟ୍ରୋଲିଂ କରାଯାଉଥିଲେ ହେଁ ତାହା ପର୍ଯ୍ୟଟକମାନଙ୍କୁ ଆଶ୍ୱସ୍ତ କରିପାରି ନାହିଁ। ପୁରୀ ବେଳାଭୂମିରେ ୨୪ ଘଣ୍ଟା ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥାଏ। କିନ୍ତୁ ସେଠାରେ ପର୍ଯ୍ୟଟକଙ୍କ ପାଇଁ ସହାୟତା କେନ୍ଦ୍ର ନାହିଁ । ବାଲେଶ୍ୱର ଚାନ୍ଦିପୁର ବେଳାଭୂମିକୁ ସୁବର୍ଣ୍ଣ ବେଳାଭୂମି କୁହାଯାଇଥାଏ। ଯେଉଁଠି ସମୁଦ୍ର ଅନେକ ଦୂରକୁ ଘୁଞ୍ଚି ଯାଇଥାଏ। ପର୍ଯ୍ୟଟକ ମାନେ ବାଲିରେ ଚାଲିଚାଲି ପାଣି ପାଖକୁ ଯାଇ ଏହାର ସୌନ୍ଦର୍ଯ୍ୟ ଉପଭୋଗ କରିଥାନ୍ତି। ହେଲେ ଚାନ୍ଦିପୁର ବେଳାଭୂମିର ଲାଇଟ ଲାଗିଥିଲେ ମଧ୍ୟ ସବୁ ଖରାପ ହୋଇ ବନ୍ଦ ହୋଇଥିବାରୁ ବେଳାଭୂମି ଅନ୍ଧକାରମୟ ହୋଇଛି। ବ୍ୟବସାୟୀମାନଙ୍କୁ ରାତ୍ର ୧୦ଟା ସୁଦ୍ଧା ବନ୍ଦ କରିବାକୁ ପୁଲିସ ପକ୍ଷରୁ ନିର୍ଦ୍ଦେଶ ଥିବା ବେଳେ ୧୦ଟା ପରେ ସମୁଦ୍ର ବେଳାଭୂମି ସଂପୂର୍ଣ୍ଣ ଅନ୍ଧାର ଏବଂ ନିଛାଟିଆ ହୋଇଯାଉଛି। ବଡ଼ କଥା ହେଲା ଏହି ସବୁ ବେଳେଭୂମି ନିକଟରେ କୌଣସି ସିସିଟିଭି ଲାଗିନାହିଁ। ଯାହାର ଫାଇଦା ନେଉଛନ୍ତି ଅପରାଧୀ।

ଜଣେ ପୁଲିସ କର୍ମଚାରୀ କହିଛନ୍ତି ଯେ ବାଲିରେ ପାଟ୍ରୋଲିଂ କରିବା ପାଇଁ ସ୍ୱତନ୍ତ୍ର ଗାଡିର ଅଭାବ ରହିଛି। ତେଣୁ ବେଳାଭୂମି ପାଟ୍ରୋଲିଂ କରିବାକୁ ଏହି ଗାଡି ଯୋଗାଇ ଦେବା ସହ କର୍ମଚାରୀ ସଂଖ୍ୟା ବୃଦ୍ଧିର ଆବଶ୍ୟକତା ରହିଛି। ଆଗରୁ ଚାଲି ଚାଲି ପାଟ୍ରୋଲିଂ କରାଯାଉଥିଲା ଏବେ ଗାଡିରେ ପାଟ୍ରୋଲିଂ କରାଯାଉଛି ବୋଲି ପୁଲିସ କର୍ମଚାରୀ ଜଣଙ୍କ କହିଛନ୍ତି।

# ଚାକିରି ପାଇଁ ୪୨, ପଢ଼ିବା ପାଇଁ ୩୦

ଭୁବନେଶ୍ୱର,୨୪।୬(ସମିସ): ରାଜ୍ୟରେ ବିଭିନ୍ନ ଚାକିରି ପାଇଁ ଆବେଦନ ବୟସ ସୀମା ବଢ଼ାଯାଇଛି। ଶାରୀରିକ ଦକ୍ଷତା ପରୀକ୍ଷା ରହୁଥିବା ପଦ ବ୍ୟତୀତ ଅନ୍ୟ ପଦ ପାଇଁ ବୟସ ସୀମା ୩୨ରୁ ୪୨ ବର୍ଷ ହଇଛି। ସାଧାରଣ ବର୍ଗ ପ୍ରାର୍ଥୀଙ୍କ ପାଇଁ ୪୨ ବର୍ଷ ଓ ଅନ୍ୟବର୍ଗର ପ୍ରାର୍ଥୀମାନଙ୍କ ବୟସ ଏହା ଉପରେ ଅଧିକ କୋହଳ କରାଯାଇଛି। ଏକ ପକ୍ଷରେ ଚାକିରି ବୟସ ୪୨ ବର୍ଷ କରାଯାଇଥିବାବେଳେ ସିଟି ବା ଡିଇଏଲ୍ଇଡି ପଢ଼ିବା ପାଇଁ ସାଧାରଣ ବର୍ଗ ପ୍ରାର୍ଥୀଙ୍କ ପାଇଁ ସର୍ବୋଚ୍ଚ ବୟସ ୩୦ ବର୍ଷ ରଖାଯାଇଛି। ସେହିପରି ଅନୁସୂଚୀତ ଜାତି, ଜନଜାତି ଓ ସାମାଜିକ ଆର୍ଥୀକ ପଛୁଆ ବର୍ଗ (ଏସ୍ଇବିସି) ବର୍ଗ ପ୍ରାର୍ଥୀଙ୍କ ପାଇଁ ୩୫ ଓ ଦିବ୍ୟାଙ୍ଗଙ୍କ କ୍ଷେତ୍ରରେ ୪୦ ବର୍ଷ ରହିଛି। ଯଦି ୪୨ ବର୍ଷ ପର୍ଯ୍ୟନ୍ତ ଜଣେ ନିଯୁକ୍ତି ପରୀକ୍ଷା ଦେଇ ପାରିବ, ତାହେଲେ ଅଧିକ ବୟସ ପର୍ଯ୍ୟନ୍ତ ଜଣେ କାହିଁକି ପାଠ ପଢ଼ି ପାରିବ ନାହିଁ ବୋଲି ପ୍ରଶ୍ନ ଉଠିଛି। ଚଳିତ ଶିକ୍ଷାବର୍ଷ ସିଟି ନାମଲେଖା ପାଇଁ ଆବେଦନ ଆରମ୍ଭ ହୋଇଛି। ଜୁଲାଇ ୯ ତାରିଖ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଆବେଦନ କରପାରିବେ। ହେଲେ ଆବେଦନ ପୂର୍ବରୁ ପ୍ରକାଶିତ ସୂଚନା ପୁସ୍ତିକାରେ ଆବେଦନକାରୀଙ୍କ ବୟସସୀମା ନିର୍ଦ୍ଧାରଣ କରାଯାଇଛି।

**■ ଆଶାୟୀଙ୍କ ପ୍ରଶ୍ନ: କାହା ସ୍ୱାର୍ଥ ସାଧନ ନିମନ୍ତେ ନିଯୁକ୍ତି ବୟସ ବୃଦ୍ଧି ଘୋଷଣା**
**■ ସିଟି ବୟସ ସୀମା କୋହଳ କରିବାକୁ ଦାବି**

ଫଳରେ ବୟସ ଅତିକ୍ରମ କରିଥିବା ବହୁ ଆଶାୟୀ ଆବେଦନରୁ ବଞ୍ଚିତ ହୋଇଛନ୍ତି। ନିଯୁକ୍ତି ପାଇଁ ବୟସ ବଢ଼ାଯାଇଥିବାବେଳେ ପାଠ ପଢ଼ିବାକୁ କାହିଁକି ଅଙ୍କୁଶ ଲଗାଯାଇଛି ବୋଲି ଆଶାୟୀମାନେ ପ୍ରଶ୍ନ କରିଛନ୍ତି। ସିଟି ପାଠ୍ୟକ୍ରମ ମାତ୍ର ୨ ବର୍ଷ। ଜଣେ ପ୍ରାର୍ଥୀ ୪୦ ବର୍ଷରେ ସିଟି ପାସ୍ କଲେ ମଧ୍ୟ ୪୨ ବର୍ଷ ମଧ୍ୟରେ ନିଯୁକ୍ତି ପାଇବାର ସମ୍ଭାବନା ରହିଛି। ପୁଲିସ୍, ଅଗ୍ନିକ, ଫରେଷ୍ଟର, ଫରେଷ୍ଟଗାର୍ଡ ପରି ଶାରୀରିକ ପରୀକ୍ଷା ଥିବା ଚାକିରିରେ ବୟସ ବୃଦ୍ଧି ହେବନାହିଁ। ୩୨ ବର୍ଷ ସେମାନଙ୍କ ପାଇଁ ଶେଷସୀମା। ଶିକ୍ଷକତା ପରି ଶାରୀରିକ ପରୀକ୍ଷା ନ ଥିବା ଚାକିରି ପାଇଁ ଯଦି ସେମାନଙ୍କୁ ସୁଯୋଗ ଦିଆ ନ ଯିବ, ତାହେଲେ ବର୍ଦ୍ଧିତ ବୟସ ସୀମା କାହା ପାଇଁ ରଖାଯାଇଛି ବୋଲି ଆଶାୟୀ ପ୍ରଶ୍ନ କରିଛନ୍ତି।

## ସରକାରଙ୍କ ଉପରେ ବର୍ଷିଲା ଏଆଇସିସି ତଥ୍ୟ ଅନୁଧ୍ୟାନ କମିଟି

# ଓଡ଼ିଶାରେ ଅରାଜକତା; ବଳାତ୍କାରୀ ଓ ଭ୍ରଷ୍ଟାଚାରୀଙ୍କ ସରକାର

ଭୁବନେଶ୍ୱର,୨୪।୬(ସମିସ): ରାଜ୍ୟ ସରକାରଙ୍କ ଉପରେ ପ୍ରଚଣ୍ଡ ଭାବରେ ବର୍ଷିଛି ଓଡ଼ିଶାରେ ବିଭିନ୍ନ ଅଞ୍ଚଳରେ ଘଟିଥିବା ଗଣଦୁଷ୍କର୍ମ ସମ୍ପର୍କରେ ଏଆଇସିସି ତଥ୍ୟ ଅନୁସନ୍ଧାନକାରୀ କମିଟି । ଏଆଇସିସିର ୫ ଜଣିଆ ତଥ୍ୟ ଅନୁଧ୍ୟାନ କମିଟି (ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍) ୩ ଦିନ ଧରି ଗୋପାଳପୁର, କନ୍ଧମାଳ ଓ କେନ୍ଦୁଝର ଜିଲ୍ଲାରେ ଦୁଷ୍କର୍ମର ଶିକାର ହୋଇଥିବା ପୀଡ଼ିତାଙ୍କ ପରିବାର, ଗ୍ରାମବାସୀ, ସ୍ଥାନୀୟ ନେତୃତ୍ୱ, ପୁଲିସ ଓ

**■ 'ବୟଫ୍ରେଣ୍ଡ-ଗାର୍ଲଫ୍ରେଣ୍ଡ' କହି ଖସିବାକୁ ସରକାରଙ୍କ ଉଦ୍ୟମ**
**■ ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯିବ ଓଡ଼ିଶାରୁ ସଂଗ୍ରହ ହୋଇଥିବା ତଥ୍ୟ**

ଜିଲ୍ଲା ପ୍ରଶାସନ ଆଦିଙ୍କୁ ଭେଟି ଘଟଣାଗୁଡ଼ିକ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି। ମଙ୍ଗଳବାର କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ କମିଟି ପକ୍ଷରୁ ଏ ସମ୍ପର୍କରେ ସୂଚନା ପ୍ରଦାନ କରାଯିବା ସହ ରାଜ୍ୟରେ ଏବେ ଅରାଜକତା ସୃଷ୍ଟି ହୋଇଛି ଏବଂ ବଳାତ୍କାରୀ ଓ ଭ୍ରଷ୍ଟାଚାରୀମାନଙ୍କୁ ସୁରକ୍ଷା ଦେଉଛନ୍ତି ବୋଲି ଅଭିଯୋଗ କରାଯାଇଛି। ଏଭଳି ସମ୍ବେଦନଶୀଳ ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ସମୟ ମାଗିଥିଲେ ମଧ୍ୟ ତାହାକୁ ସରକାର ଗ୍ରହଣ କରିନାହାନ୍ତି ବୋଲି କମିଟିର ସଦସ୍ୟାମାନେ ଅଭିଯୋଗ କରିଛନ୍ତି।

ଜାତୀୟ ମହିଳା କମିସନର ପୂର୍ବତନ ଅଧକ୍ଷା ଓ ତଥ୍ୟ ଅନୁସନ୍ଧାନ କମିଟିର ଅଧକ୍ଷା ଦୀପା ଦାସମୁନ୍ସୀ କହିଛନ୍ତି ଯେ ରାଜ୍ୟରେ ନିଖୋଜ, ଅପହରଣ ଓ ଦୁଷ୍କର୍ମ



ଏବେ ନିତିଦିନିଆ ଘଟଣା ହୋଇଛି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିବାକୁ ଆମେ ସମୟ ମାଗିଥିଲୁ, ମାତ୍ର ସେ ସମୟ ଦେଲେ ନାହିଁ। ରାଜ୍ୟରୁ ସଂଗ୍ରହ ହୋଇଥିବା ହୃଦୟବିଦାରକ ଘଟଣାଗୁଡ଼ିକର ବିବରଣୀ ଦଳର କେନ୍ଦ୍ରୀୟ ନେତୃତ୍ୱକୁ ପ୍ରଦାନ କରାଯିବ ଏବଂ ରାଜ୍ୟସଭା ଓ ଲୋକସଭାରେ ଏହି ପ୍ରସଙ୍ଗକୁ କଂଗ୍ରେସ ଜୋରଦାର କରିବ । ଏହାସହିତ ଓଡ଼ିଶାରୁ ରାଷ୍ଟ୍ରପତି ହୋଇଥିବା ଦ୍ରୌପଦୀ ମୁର୍ମୁଙ୍କୁ ମଧ୍ୟ ସାକ୍ଷାତ କରି ଓଡ଼ିଶାରେ ଘଟୁଥିବା ଏହି ଘଟଣା ସମ୍ପର୍କରେ ଅବଗତ କରାଯିବ । ଗୋଟିଏ ଅଞ୍ଜନା ମାମଲା ରାଜ୍ୟ କଂଗ୍ରେସକୁ ଗାଦିଚ୍ୟୁତ କରିଥିଲା, ମାତ୍ର ସମ୍ପ୍ରତି ରାଜ୍ୟରେ ଶହଶହ ଅଞ୍ଜନା ମାମଲା ଘଟୁଛି। ଏହି ଘଟଣା ରାଜ୍ୟ ସରକାରଙ୍କ ପତନର କାରଣ ହେବ ବୋଲି ସେ କହିଛନ୍ତି।

କମିଟି ସଦସ୍ୟା ତଥା ସାଂସଦ ରଞ୍ଜିତ୍ ରଞ୍ଜନ କହିଛନ୍ତି ଯେ ରାଜ୍ୟରେ ବର୍ତ୍ତମାନ ମଦ ମାଫିଆ ଓ ଶାସକ-ପ୍ରଶାସକଙ୍କ ଅସାଧୁ ମେଣ୍ଟ ହୋଇଛି। ଯେଉଁଥିପାଇଁ ଆସାମୀମାନେ ଦୁଷ୍କର୍ମ ଏପରିକି ଗଣଦୁଷ୍କର୍ମ ଓ ହତ୍ୟା ପରେ ବି ଅବାଧରେ ବିଚରଣ କରୁଛନ୍ତି। ପ୍ରଶାସନର "ବୟଫ୍ରେଣ୍ଡ-ଗାର୍ଲଫ୍ରେଣ୍ଡ କଥା' କହି ଘଟଣାକୁ ହାଲୁକା ଭାବେ ନେଉଛି ବୋଲି କହିଛନ୍ତି। ପୂର୍ବତନ ଜାତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଶୋଭା ଓଜା କହିଛନ୍ତି ଯେ ଓଡ଼ିଶାରେ ପ୍ରତି ୫ କିଲୋମିଟରରେ ଜଣେ ଶିଶୁ ନିର୍ଯାତନାର ଶିକାର ହେଉଛି, ପ୍ରତି ୧୦ କିଲୋମିଟରରେ ଜଣେ ଶିଶୁ ନିଖୋଜ ହେଉଛି । ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ମଧ୍ୟ ଦୁଷ୍କର୍ମକାରୀ ନିର୍ଭୟରେ ବୁଲିବା ଦ୍ୱାରା ଅପରାଧକୁ ପ୍ରୋତ୍ସାହନ ଦିଆଯାଉଥିବା ସ୍ପଷ୍ଟ। ଗଞ୍ଜାମରେ ବଳାତ୍କାରୀ ମୁଖ୍ୟମନ୍ତ୍ରୀଙ୍କ ସହ ବୁଲୁଛି। ଏ କଥା କଥା ଆମେରିକା ଜାଣିଲାଣି, ଅଥଚ ମୁଖ୍ୟମନ୍ତ୍ରୀଙ୍କ କାନରେ ପଡୁନି! ଓଡ଼ିଶା ପରି ଏକ ସଂସ୍କୃତିସମ୍ପନ୍ନ ରାଜ୍ୟରେ ଏବେ ଅରାଜକତା, ଭ୍ରଷ୍ଟାଚାର ଓ "ବଳାତ୍କାର' ଛଡ଼ା ଆଉ କିଛି ଶବ୍ଦ ଶୁଭୁନାହିଁ ବୋଲି ଲୋକସଭା ସାଂସଦ ପ୍ରଣିତୀ ସିନ୍ଦେ କହିଛନ୍ତି।

ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ରାଜ୍ୟରେ ନାରୀ ହିଂସା ବଢୁଛି। ବର୍ଷେ ହେଲାଣି, ମହିଳା କମିଶନ ଗଢ଼ା ହେଉନି। ମହିଳାଟେ ଦୁଃଖ କହିବ ତ, କେଉଁଠି କହିବ ବୋଲି ସେ ପ୍ରଶ୍ନ କରିଛନ୍ତି।

# ଧରାକୋଟ ଘଟଣାକୁ ପ୍ରିୟଙ୍କା ଗାନ୍ଧୀଙ୍କ ନିନ୍ଦା

ଭୁବନେଶ୍ୱର,୨୪।୬(ସମିସ): ଗଞ୍ଜାମର ଧରାକୋଟ୍ ଠାରେ ଦୁଇ ଦଳିତ ଯୁବକଙ୍କ ପ୍ରତି ଅମାନୁଷିକ ଅତ୍ୟାଚାର ଘଟଣାରେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଓଡ଼ିଶା ସରକାରଙ୍କ ଉପରେ ବର୍ଷିଛନ୍ତି। ମଙ୍ଗଳବାର ପ୍ରିୟଙ୍କା ନିଜ ଫେସ୍‌ବୁକ୍ ଆକାଉଣ୍ଟରେ ଏହି ଘଟଣାକୁ ଅତ୍ୟନ୍ତ ଲଜ୍ଜାଜନକ ବୋଲି କହିଛନ୍ତି। ପ୍ରିୟଙ୍କା ଉଲ୍ଲେଖ କରିଛନ୍ତି ଯେ ଦୁଇ ଦଳିତ ଯୁବକଙ୍କୁ ଘାସ ଖାଇବାକୁ ଏବଂ ଆଣ୍ଠୁରେ ଚାଲିବାକୁ ବାଧ କରାଯାଇଛି। ମଣିଷ ପ୍ରତି ଏପରି ନିଷ୍ଠୁରତା ସମଗ୍ର ମାନବଜାତିକୁ ଲଜ୍ଜିତ କରିଛି। ଏହି ଘଟଣା କେବଳ ଦଳିତ ସମ୍ପ୍ରଦାୟର ଅପମାନ ନୁହେଁ, ବରଂ ବାବା ସାହେବଙ୍କ ସମ୍ବିଧାନ ଏବଂ ସମାନତା, ନ୍ୟାୟ ଏବଂ ମାନବିକତା ମୂଲ୍ୟବୋଧର ମଧ୍ୟ ଅପମାନ। ବିଜେପି ଶାସିତ ରାଜ୍ୟଗୁଡ଼ିକରେ ଏପରି ଘଟଣା ବୃଦ୍ଧି ପାଉଛି, ଯାହା ଅତ୍ୟନ୍ତ ଚିନ୍ତାର ବିଷୟ। ଦୋଷୀଙ୍କ ବିରୋଧରେ କଠୋର କାର୍ଯାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀମତୀ ଗାନ୍ଧୀ ଦାବି କରିଛନ୍ତି। ଏହାପୂର୍ବରୁ ଲୋକସଭା ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ଘଟଣାର କଡ଼ା ନିନ୍ଦା କରିବା ସହ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ।

**■ ଓଟିପି ସେୟାରିଂ ମାମଲା**

# ଗିରଫ ୬ଜଣଙ୍କ ନାମରେ ଚାର୍ଜସିଟ୍ ଦାଖଲ

ଭୁବନେଶ୍ୱର,୨୪।୬(ସମିସ): ଓଟିପି ସେୟାରିଂ ମାମଲାରେ ପଠାଣିସାମନ୍ତ ସମେତ ୬ଜଣଙ୍କ ନାମରେ ଚାର୍ଜସିଟ୍ ଦାଖଲ କରିଛି ସ୍ୱତନ୍ତ୍ର ଟାସ୍କ ଫୋର୍ସ ବା ଏସ୍‌ଟିଏଫ୍। ୪ଶହ ପୃଷ୍ଠାର ଚାର୍ଜସିଟ୍ ତଦନ୍ତ ଅଧିକାରୀ ଏଡିଜେ-୩ କୋର୍ଟରେ ଦାଖଲ କରିଛନ୍ତି। ଗିରଫ ହୋଇଥିବା ୬ ଅଭିଯୁକ୍ତ ଏବଂ ପାକିସ୍ତାନ ଏଜେଣ୍ଟଙ୍କ ୩୦ଟି ଆକାଉଣ୍ଟକୁ ଏସ୍‌ଟିଏଫ ଫ୍ରିଜ୍ କରିଛି। ଏହି ଆକାଉଣ୍ଟରେ ୭୦ଲକ୍ଷ ଟଙ୍କା ରହିଥିବା ଚାର୍ଜସିଟ୍‌ରେ ଉଲ୍ଲେଖ କରିଛି ଏସ୍‌ଟିଏଫ୍। ଅଭିଯୁକ୍ତ ଗୁଡୁ କୁମାର ଏବଂ ପଠାଣିସାମନ୍ତ ମିଶି ଏକ ସ୍ଲିପରସେଲ୍ ଗଠନ କରିଥିଲେ। ଯେଉଁଥିଲେ ସୋସିଆଲ ମିଡିଆ ମାଧ୍ୟମରେ ଏକାଧିକ ଯୁବକ ଏହି ଆତଙ୍କବାଦୀ ଏଜେଣ୍ଟମାନଙ୍କୁ ସାମିଲ କରାଯାଇଥିଲା। କେହି କାହାକୁ ଦେଖିନଥିବା ବେଳେ ସୋସିଆଲ ମିଡିଆ ଏବଂ ଏକ ସ୍ୱତନ୍ତ୍ର ଆପ୍ ମାଧ୍ୟମରେ କଥା ହେଉଥିଲେ। ଏହି ଆପ୍‌କୁ ଅଭିଜିତ୍ ସଞ୍ଜୟ ପ୍ରସ୍ତୁତ କରିଥିଲା। ଏହି ଆପ୍ ମାଧ୍ୟମରେ

**■ ୩୦ଟି ଆକାଉଣ୍ଟ ଫ୍ରିଜ୍ କରିଛି ଏସ୍‌ଟିଏଫ୍**
**■ ସୋସିଆଲ ମିଡିଆରୁ ସ୍ଲିପର ସେଲ୍ ଗଠନ କରିଥିଲେ**

ଭାରତରେ ଥିବା ପାକିସ୍ତାନ ଏଜେଣ୍ଟଙ୍କ ସହ କଥା ହେଉଥିଲେ। ପ୍ରତିଦିନ ଯାହା କାମ ଦିଆଯାଉଥିଲା ସେମାନେ ତାହାକରି ଏହି ଆପ୍ ମାଧ୍ୟମରେ ଭିଡିଓ ଏବଂ ଫଟୋ ପାକିସ୍ତାନ ପଠାଉଥିଲେ। ସେମାନଙ୍କୁ ମାସ ଶେଷକୁ ଅଭିଜିତ୍ ସଞ୍ଜୟ ଦରମା ଆକାରରେ ୫୦ ହଜାର ଟଙ୍କା ପଠାଉଥିଲା। ଏସ୍‌ଟିଏଫ ତଦନ୍ତ ବେଳେ ଏହି ଆପ୍ ସମ୍ପର୍କରେ ଜଣାପଡ଼ିଥିବା ଚାର୍ଜସିଟ୍‌ରେ ଉଲ୍ଲେଖ ରହିଛି। ଅଭିଯୁକ୍ତଙ୍କ ଠାରୁ ଜବତ ମୋବାଇଲ୍ ଫୋନ୍‌ର ଫୋରେନ୍‌ସିକ୍ ଯାଞ୍ଚ ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି। ଏହି ରିପୋର୍ଟରେ ୬ ଅଭିଯୁକ୍ତ ଏକ ଆପ୍ ମାଧ୍ୟମରେ କଥା ହେବା ସହ ସେଥିରେ ଏକାଧିକ ଭିଡିଓ ଏବଂ ଫଟୋ ପଠାଇଛନ୍ତି। ଦେଶର ବିଭିନ୍ନ ସମ୍ବେଦନଶୀଳ ସ୍ଥାନର ଫଟୋ ଏବଂ ଭିଡିଓ ପାକିସ୍ତାନକୁ ପଠାଇଛନ୍ତି। ତିନି ଅଭିଯୁକ୍ତ ଦୁବାଇ ଯାଇ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ଯୋଜନା କରୁଥିଲେ। ଅଭିଯୁକ୍ତ ଗୁଡୁ କୁମାର, ପଠାଣି ସାମନ୍ତ ଏବଂ ଅଭିଜିତ୍ ସଞ୍ଜୟ ଯାଇଥିବାର ବିମାନଯାତ୍ରାର ତଥ୍ୟ କୋର୍ଟରେ ଦାଖଲ ହୋଇଛି। ସେମାନେ ୧୦ରୁ ଅଧିକ ଥର ଦୁବାଇ ଯାଇଥିବା ଉଲ୍ଲେଖ ରହିଛି।

# ନିବେଶ ନାଁରେ ୭କୋଟି ଠକେଇ

କଟକ, ୨୪।୬(ସମିସ): ଦୁଇଟି ପୃଥକ୍ ଘଟଣାରେ ଅନଲାଇନ୍ ନିବେଶ ନାଁରେ ଲୋଭ ଦେଖାଇ ଠକିଥିବା ମୋଟ ୩ ସାଇବର୍ ଠକକୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ଏମବିଏ ଡିଗ୍ରୀଧାରୀ ରହିଥିବା ଜଣାପଡ଼ିଛି। ଆଇପିଓ ଓ ଓଟିସି ଟ୍ରେଡିଂରେ ଟଙ୍କା ନିବେଶ କରି ଅଧିକ ଅର୍ଥ ପାଇବାର ପ୍ରଲୋଭନ ଦେଖାଇ ଜଣେ ବ୍ୟକ୍ତିଙ୍କଠାରୁ ୧କୋଟି ୩ଲକ୍ଷ ୫୦ ହଜାର ଟଙ୍କା ଠକିନେବା ଅଭିଯୋଗରେ ଜଣେ ସାଇବର ଠକକୁ

**■ ୩ଜଣ ଠକଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ**
**■ ଠକଙ୍କ ମଧ୍ୟରେ ଏମ୍‌ବିଏ ଡିଗ୍ରୀଧାରୀ**

ଗିରଫ କରିଛି କ୍ରାଇମବ୍ରାଞ୍ଚ। ସେ ହେଲା, ବେଙ୍ଗାଲୁରୁ ବିସିସି ଲେଆଉଟ୍ ନିବାସୀ ତଥା ଡିସିଏକ୍ସ ଟେକ୍ନୋଲୋଜିର ଫାଇନାନ୍ସ ମ୍ୟାନେଜର ଗଣେଶ କେ.ସେଟ୍ଟୀ(୪୮)। ଅଭିଯୁକ୍ତକୁ କଟକ ଜେଏମଏଫସି ଅଦାଲତରେ ହାଜର କରାଯାଇଛି। ସେହିଭଳି ଆଉ ଜଣେ ବ୍ୟକ୍ତିଙ୍କଠାରୁ ୬କୋଟି ୪ଲକ୍ଷ୫୩ହଜାର ଟଙ୍କା ଠକେଇ ଘଟଣାରେ ମହାରାଷ୍ଟ୍ର ଓ ପୁଣେରୁ ଦୁଇ ଠକ ଗିରଫ ହୋଇଛନ୍ତି। ସେମାନେ ହେଲେ, ଏମ୍‌ବିଏ ଡିଗ୍ରୀ ଧାରୀ ସ୍ୱପ୍ନିଲ ଗୋରଖା ଢୋକାଲେ ଓ ସ୍ନାତକ ଡିଗ୍ରୀଧାରୀ ଆଜାଜ ସାଫିକ। ତଦନ୍ତକାରୀ ଟିମ୍ ଅଭିଯୁକ୍ତମାନଙ୍କଠାରୁ ମୋବାଇଲ୍, ସିମ୍ କାର୍ଡ, ଆଧାର କାର୍ଡ, ପ୍ୟାନ୍ କାର୍ଡ ଇତ୍ୟାଦି ସାମଗ୍ରୀ ଜବତ କରିଛି। ଏହି ମାମଲାରେ ଠକମାନଙ୍କର ଏକାଧିକ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରାଯାଇଛି।

**■ ବିପର୍ଯ୍ୟୟରେ 'ଶୂନ୍ୟ ମୃତ୍ୟୁ' ପ୍ରହସନ**

# ବନ୍ୟା ପାଣିରେ ବୁଡ଼ି ନାବାଳକର ମୃତ୍ୟୁ

ଭୋଗରାଇ/କମର୍ଦ୍ଦା, ୨୪।୬ (ସମିସ): ସୁବର୍ଣ୍ଣରେଖା ନଦୀ ବନ୍ୟାରେ ପୁଣି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଗବଗାଁ ଗ୍ରାମର ଜଣେ ନାବାଳକ ବନ୍ୟାପାଣିରେ ବୁଡ଼ି ଆଜି ପ୍ରାଣ ହରାଇଛି। ସେ ହେଲା, ଦେବବ୍ରତ ଦେଙ୍କ ପୁଅ ରୁଦ୍ର ନାରାୟଣ ଦେ (୧୩)। ସୂଚନାନୁଯାୟୀ, ବନ୍ୟା ଆସିଲେ ଏହି ଗ୍ରାମଟି ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇଥାଏ। ନଦୀରେ ଜଳସ୍ତର ହ୍ରାସ ପାଇଲେ ମଧ୍ୟ ଏହି ଗାଁରୁ ପାଣି ଛାଡ଼ିବାକୁ ୧୦/୧୫ଦିନ ଲାଗିଥାଏ। ରୁଦ୍ର ଆଜି ଘରୁ ବାହାରି ରାସ୍ତାକୁ ଆସୁଥିବା ବେଳେ ତା'ର ଗୋଡ଼ ଖସି ଯାଇଥିଲା। ତଳେ ଖାଲୁଆ ସ୍ଥାନରେ ଅଧିକ ପାଣି ଥିବାରୁ ସେ ବୁଡ଼ିଯାଇଥିଲା। କିଛି ସମୟ ପରେ ପିଲାଟିକୁ ଖୋଜାଖୋଜି କରି ସ୍ଥାନୀୟ ଲୋକେ କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ମାତ୍ର ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଉଲ୍ଲେଖଯୋଗ୍ୟ, ତିନି ଦିନ ତଳେ ଏହି ବ୍ଲକର କୁହ୍ଲା ଗ୍ରାମରେ ଜଣେ ଯୁବକ ବନ୍ୟାପାଣିରେ ଭାସି ପ୍ରାଣ ହରାଇଥିଲେ। ଚଳିତବର୍ଷ ପ୍ରଥମ ବନ୍ୟାରେ ଜିଲ୍ଲାରେ ଦୁଇ ଦୁଇଟି ଜୀବନ ଯାଇଥିଲା ବେଳେ ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପରିଚାଳନାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ସାପ କାମୁଡ଼ାରେ ଭାଇ-ଭଉଣୀ ମୃତ

ବଲାଙ୍ଗିର, ୨୪।୬(ସମିସ): ବଲାଙ୍ଗିର ମାଲଗୋଦାମପଡ଼ା ବସ୍ତିରେ ସାପ କାମୁଡ଼ାରେ ଭାଇ ଭଉଣୀଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଅବଦୁଲ ରହେମାନଙ୍କ ଝିଅ ମେହେକ (୪) ଓ ପୁଅ ଦୁଃଖୀଶ୍ୟାମ (୫)। ସୂଚନାନୁଯାୟୀ, ଗତରାତିରେ ସମସ୍ତେ ଖାଇପିଇ ଶୋଇଥିବା ବେଳେ ରାତି ପ୍ରାୟ ୧୧ଟା ବେଳେ ମେହେକ କାନ୍ଦିଥିଲା। ଏହାର କିଛି ସମୟ ପରେ ପୁଅ ଦୁଃଖୀଶ୍ୟାମ ଚିତ୍କାର କରିବା ସହ ତାକୁ ସାପ କାମୁଡ଼ି ଦେଇଥିବା କହିଥିଲା। ପରିବାରଲୋକ ଦୁହିଁଙ୍କୁ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଦୁହିଁଙ୍କୁ ମୃତ୍ୟୁ ହୋଇଯାଇଥିଲା। ଆଜି ସକାଳେ ଦୁହିଁଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

**■ ନିୟନ୍ତ୍ରଣ ବାହାରେ ଗଣଦୁଷ୍କର୍ମ, ହଇଜା**

# ମୋହନ ସରକାରର ଇସ୍ତଫା ଦାବିରେ ବିକ୍ଷୋଭ

ଭୁବନେଶ୍ୱର, ୨୪।୬ (ସମିସ): ଦିନକୁ ଦିନ ରାଜ୍ୟରେ ଗଣଦୁଷ୍କର୍ମ, ରାହାଜାନି, ଲୁଟ୍ ଭଳି ଅପରାଧ ଉପରମୁହାଁ ହେଉଥିବା ବେଳେ ମନୁଷ୍ୟକୃତ ହଇଜା ସୀମା ଲଂଘୁଛି। ତେଣୁ, ଏସବୁକୁ ନିୟନ୍ତ୍ରଣ କରିବାରେ ବିଫଳ ମୋହନ ସରକାର ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଦାବିରେ ସିପିଆଇ ଏବଂ ବିକେଏମ୍‌ୟୁ ପକ୍ଷରୁ ମିଳିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶହଶହ ସିପିଆଇ କର୍ମୀମାନେ ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନଠାରୁ ଏକ ବିଶାଳ




ଶୋଭାଯାତ୍ରାରେ ବାହାରି ରାଜମହଲ ଛକ ପର୍ଯ୍ୟନ୍ତ ଯାଇଥିଲେ। ପରେ ସେଠାରେ ସିପିଆଇ ଏବଂ ବିକେଏମ୍‌ୟୁ ପକ୍ଷରୁ ମିଳିତ ଭାବେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

ସିପିଆଇ ପକ୍ଷରୁ କୁହାଯାଇଛି ଯେ ରାଜ୍ୟରେ ମହିଳାଙ୍କ ପ୍ରତି ହିଂସା, ଗଣଦୁଷ୍କର୍ମ, ହତ୍ୟା, ରାହାଜାନି ବଢ଼ିବଢ଼ି ଚାଲିଥିବା ବେଳେ ସରକାର ପୂରା ନିରବଦ୍ରଷ୍ଟା ପାଲଟିଛନ୍ତି। ଗୋପାଳପୁର ବେଳାଭୂମିରେ ଯୁବତୀଙ୍କୁ ଗଣଦୁଷ୍କର୍ମ, ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଯୁବତୀଙ୍କୁ ଗଣଦୁଷ୍କର୍ମ ଓ ହତ୍ୟା ପରେ ମୃତଦେହକୁ ଗଛରେ ଟାଙ୍ଗି ଦିଆଯିବା ଭଳି ଜଘନ୍ୟ ଅପରାଧ ଘଟିଛି। ଖାଲି ଏହି ଦୁଇଟି ଜାଗା ନୁହେଁ, ରାଜଧାନୀ ଭୁବନେଶ୍ୱରଠାରୁ ଆରମ୍ଭ କରି କଟକ, ବ୍ରହ୍ମପୁର, ସମ୍ବଲପୁର, ବଲାଙ୍ଗୀର, ପୁରୀ, ବାଲେଶ୍ୱର, କେନ୍ଦୁଝର, ଭଦ୍ରକ, ଜଗତ୍‌ସିଂହପୁର ଭଳି ପ୍ରାୟ ସବୁ ଜିଲ୍ଲାରୁ ଏଭଳି ସାଂଘାତିକ ଅପରାଧର ଚିତ୍ର ଆସୁଛି। ଅଧିକାଂଶ ଜିଲ୍ଲାରେ ଶାସକ ଦଳର ବାହୁଛାୟା ତଳେ ରହି ଅପରାଧୀମାନେ ନାରକୀୟ କାଣ୍ଡ କରୁଛନ୍ତି। ଓଡ଼ିଶାର ଏପରି ସ୍ଥିତି ଯୋଗୁଁ ଯୁକ୍ତରାଷ୍ଟ୍ର ଆମେରିକା ଓଡ଼ିଶାକୁ ଅସୁରକ୍ଷିତ ବୋଲି ନିର୍ଦ୍ଦେଶାବଳୀ ଜାରି କରିବା ସହ ନିଜ ନାଗରିକଙ୍କୁ ନଯିବା ପାଇଁ ମନା କରିଛି। ସେହିପରି ଯାଜପୁରରୁ ଆରମ୍ଭ ହୋଇଥିବା ହଇଜା ଏବେ ମହାମାରୀର ରୂପ ନେଇ ଜିଲ୍ଲାକୁ ଜିଲ୍ଲା ଡେଉଁଛି। ପ୍ରତିଦିନ ଶତାଧିକ ଆକ୍ରାନ୍ତ ହେଉଥିବା ବେଳେ କାହାର ନା କାହାର ମୁଣ୍ଡ ଗଡ଼ୁଛି। କିନ୍ତୁ ଏସବୁ ପ୍ରତି ଧ୍ୟାନ ନ ଦେଇ ସରକାର ବର୍ଷପୂର୍ତ୍ତି ପାଳନ ଉତ୍ସବରେ ବ୍ୟସ୍ତ। ଏଣୁ, ବିଜେପି ସରକାର ଇସ୍ତଫା ଦିଅନ୍ତୁ ବୋଲି ଦୁଇ ସଂଗଠନ ଦାବି କରିଛନ୍ତି। ଏହି ବିକ୍ଷୋଭରେ ସିପିଆଇର ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ, ବିକେଏମ୍‌ୟୁ ରାଜ୍ୟ ସମ୍ପାଦକ ସୁର ଜେନା, ସିପିଆଇ ଭୁବନେଶ୍ୱର ଅଞ୍ଚଳ ସହସମ୍ପାଦକ କୈଳାସ ଚନ୍ଦ୍ର ପୁହାଣ, ଡାକ ହେମ୍ବ୍ରମ୍, ଶରତ ସ୍ୱାଇଁ, ପୂଜା ସରେନ୍ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଗୁଟ୍‌ଖା ମାରିଦେଲା ପାନ ବେଉସା

# ଆୟକୁ ବଳି ଗଲାଣି ବ୍ୟୟ, ଦୁର୍ଦ୍ଦିନରେ ଚାଷୀ

ଭୁବନେଶ୍ୱର, ୨୪।୬(ସମିସ): ରାଜ୍ୟର ଲକ୍ଷାଧିକ ସଂଖ୍ୟାରେ ପାନ ଚାଷୀ ଏବେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ପାନ ବରଜ ପାଇଁ ଯେତିକି ମୂଳ ଧନ ଖର୍ଚ୍ଚ କରୁଛନ୍ତି, ସେତିକି ବି ଆଦାୟ କରିପାରୁନାହାନ୍ତି। ଫଳରେ ବାପା, ଅଜା ଅମଳରୁ ପାନ ଚାଷ କରି ଗୁଜୁରାଣ ମେଣ୍ଟାଇ ଆସୁଥିବା ହଜାର ହଜାର ଚାଷୀ ଏବେ ବୃତ୍ତି ବଦଳାଇବାକୁ ବାଧ ହେଉଛନ୍ତି। ଯେତିକି ବି ଚାଷୀ ଚାଷ କରୁଛନ୍ତି, ଅଧିକାଂଶ କ୍ଷତି ସହୁଛନ୍ତି। ଗୁଟ୍‌ଖାର ବହୁଳ ପ୍ରଚାର ଓ ବିକ୍ରି ଭିତରେ ପାରମ୍ପରିକ ପାନକୁ ଲୋକେ ଆଉ ପସନ୍ଦ କରୁନାହାନ୍ତି। ପୂର୍ବରୁ

**■ ଧାର୍ଯ୍ୟ ହେଉନାହିଁ ସର୍ବନିମ୍ନ ସହାୟକ ମୂଲ୍ୟ**
**■ କରୋନା ପରଠୁ ବିଦେଶକୁ ରପ୍ତାନୀ ବନ୍ଦ**

ରାଜ୍ୟ ତଥା ଦେଶ ବାହାରକୁ ଓଡ଼ିଶା ପାନ ରପ୍ତାନୀ ହେଉଥିଲା। ମାତ୍ର କରୋନା ପରଠୁ ଏହି ରପ୍ତାନୀ ସଂପୂର୍ଣ୍ଣ ବନ୍ଦ ହୋଇଯାଇଛି। ତେଣୁ ଏବେ ଯେତିକି ଚାଷ ହେଉଛି, ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବିକ୍ରିବଟା ହେଉଛି। ଏଥିରେ ଚାଷୀ ଯେତିକି ଟଙ୍କା ପାଉଛି, ତା' ତୁଳନାରେ ମଧ୍ୟସ୍ଥି ଅଧିକ ଲାଭ ରଖି ଦେଉଛି। ତେଣୁ ଧାନ ଭଳି ପାନର ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରାଯାଉ ବୋଲି ଚାଷୀମାନେ ଦାବି କରୁଛନ୍ତି। ସର୍ବଭାରତୀୟସ୍ତରରେ ପାନ ଚାଷରେ ଓଡ଼ିଶାର ସ୍ଥାନ ତୃତୀୟ ସ୍ଥାନ। ପଶ୍ଚିମବଙ୍ଗରେ ୨୦ ହଜାର ହେକ୍ଟର ଜମିରେ ପାନ ଚାଷ ହେଉଥିବାବେଳେ କର୍ଣ୍ଣାଟକରେ ପ୍ରାୟ ୬ହଜାର ହେକ୍ଟର ଓ ଓଡ଼ିଶାରେ ୩ହଜାର ହେକ୍ଟର ଜମିରେ ପାନ ଚାଷ ହୋଇଥାଏ। ପୂର୍ବରୁ ଉତ୍ତର ଓ ଉପକୂଳ ଓଡ଼ିଶାରେ ପ୍ରଚୁର ପରିମାଣରେ ପାନ ଚାଷ କରାଯାଉଥିଲା। ବାଲେଶ୍ୱର, ଜଗତସିଂହପୁର, କଟକ, ପୁରୀ ଆଦି ଜିଲ୍ଲାରେ ହଜାର ହଜାର ହେକ୍ଟର ଜମିରେ ଲୋକମାନେ



ପାନ ବରଜ କରୁଥିଲେ। ଧାନ ଭଳି ପାନ ଚାଷକୁ ବିଶେଷ ଗୁରୁତ୍ୱ ଦେଉଥିଲେ। ମୁମ୍ବାଇ, ସୁରଟ ଆଦି ସହରରେ ଓଡ଼ିଶା ପାନର ବେଶ୍ ଚାହିଦା ବି ଥିଲା। ଆମର ଏଠି ଉଭୟ ପାଚିଲା ଓ କଞ୍ଚାପାନ ବାହାରକୁ ରପ୍ତାନୀ ହେଉଥିଲା। ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଅଞ୍ଚଳର ପାଚିଲା ପାନର ବେଶ୍ ଚାହିଦା ଦେଶ ବିଦେଶରେ ମଧ୍ୟ ଥିଲା। ଏଠାରୁ ଉତ୍ପାଦିତ ପାନକୁ ଭାଟିରେ ପଚାଯାଉଥିଲା। ପାନ ପାଚିବା ପରେ ହଳଦିଆ ରଙ୍ଗରେ ପରିଣତ ହେଉଥିଲା ଏବଂ ତାହାକୁ ବାହାରକୁ ପଠାଯାଉଥିଲା। କୁଜଙ୍ଗ ଅଞ୍ଚଳରେ ପାନ ପଚାଇବା କାର୍ଯ୍ୟରେ ମୟୂରଭଞ୍ଜ ଜିଲ୍ଲାରେ ଅନେକ ଶ୍ରମିକ ନିୟୋଜିତ ହୋଇଥିଲେ। ତେବେ ମହାବାତ୍ୟା ଓ ପରେ ପୋସ୍କୋ ବିବାଦ ପରଠାରୁ ସେଠାରେ ଏହି ବେଉସା ଏକପ୍ରକାର ବନ୍ଦ ହୋଇଯାଇଛି।

ଓଡ଼ିଶା ପାନ ଚାଷୀ ମହାସଂଘର ସହ ସମ୍ପାଦକ ସର୍ବେଶ୍ୱର ଦାସ କହିଛନ୍ତି ଯେ ପାନ ବରଜ ପାଇଁ ବାଉଁଶ ଫାଳିଆ ଯୋଗାଡ଼ କରିବାରେ ବହୁ ସମସ୍ୟା ହେଉଛି। ଗାଁ ଗହଳିରୁ ଧୀରେ ଧୀରେ ବାଉଁଶ ବୁଦା ଲୋପ ପାଇବାରେ ଲାଗିଛି। ଲୋକମାନେ ବାଡ଼ି ବଗିଚାରେ ଆଉ ବାଉଁଶ ରଖୁନାହାନ୍ତି। ତେଣୁ ବାଉଁଶ ଫଳିଆ ଦାମ୍ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଯେଉଁ ଛୋଟ ବାଉଁଶ ଫାଳିଆ ୧୦୦ଟାକୁ ୨୫୦୦ଟଙ୍କା ଥିଲା ତାହା ଏବେ ୫ହଜାର ଟଙ୍କାରେ ବିକ୍ରି ହେଉଛି। ବଡ଼ ଫାଳିଆ ୧୦୦ଟାକୁ ୫ହଜାର ଟଙ୍କାରେ ବିକ୍ରି ହେଉଥିଲା ତାହା ଏବେ ୮ହଜାର ଟଙ୍କାରେ ବିକ୍ରି ହେଉଛି। ପାନ ବରଜ ଭିଡ଼ିବାକୁ ପୂର୍ବରୁ ଯେଉଁମାନେ ହଜାରେ ଟଙ୍କା ମଜୁରି ନେଉଥିଲେ ସେ ଏବେ ୧୫୦୦ଟଙ୍କା ଦାବି କରୁଛନ୍ତି। ଲକ୍ଷେ ଟଙ୍କା ଖର୍ଚ୍ଚ କରି ବରଜଟିଏ କଲେ, ୭୦ରୁ ୮୦ ହଜାର ଆଦାୟ ହେଉଛି। ସବୁବେଳେ ପ୍ରାୟ ୨୦-୩୦ ହଜାର କ୍ଷତି ହେଉଛି। ପାନ କଡ଼ାକୁ ଅତି ବେଶୀରେ ବେପାରୀ ୩୫ରୁ ୫୦ ଟଙ୍କାରେ କିଣି ନେଉଛି। ସେମାନେ ଦୋକାନୀଙ୍କୁ ୭୦ରୁ ୮୦ ଟଙ୍କାରେ ବିକ୍ରି କରୁଛନ୍ତି। ତେଣୁ ଚାଷୀ ଅଧିକାଂଶ ସମୟରେ କ୍ଷତି ସହୁଛି। ତେଣୁ ସରକାରୀ ସହାୟତା ଯୋଗାଇଦେଲେ ପାନ ଚାଷ ବଞ୍ଚିରହିବ ବୋଲି ସେ କହିଛନ୍ତି।

# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-1 ♦BHUBANESWAR ♦WEDNESDAY ♦25 JUNE 2025 ♦PAGE-12 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧ ♦ଭୁବନେଶ୍ୱର ♦ବୁଧବାର ♦୨୫ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ଜୁଲାଇ ପହିଲାରୁ ମହଙ୍ଗା ହେବ ରେଳ ଯାତ୍ରା

**ନୂଆଦିଲ୍ଲୀ, ୨୪।୬ (ଏଜେନ୍ସି):** ଆସନ୍ତା ମାସରୁ ରେଳ ଯାତ୍ରୀଙ୍କୁ ବଡ଼ ଝଟକା ଲାଗିବାକୁ ଯାଉଛି। ବାସ୍ତବରେ, ରେଳବାଇ କୋଭିଡ୍-୧୯ ମହାମାରୀ ପରେ ପ୍ରଥମ ଥର ପାଇଁ ଯାତ୍ରୀ ଭଡ଼ାରେ ବୃଦ୍ଧି କରିବାକୁ ଯାଉଛି। ଭଡ଼ାରେ ଏହି ବୃଦ୍ଧି ଜୁଲାଇ ପହିଲାରୁ ଲାଗୁ ହେବ। ଏଥିରେ ଲୋକାଲଠାରୁ ଆରମ୍ଭ କରି ମେଲ୍ ଏକ୍ସପ୍ରେସ୍‌ର ଭଡ଼ା ବୃଦ୍ଧି ହେବାକୁ ଯାଉଛି। ଏହାସହିତ, ତତକାଳ ଟିକଟ୍ ବୁକିଂର ନିୟମ ମଧ୍ୟ ପରିବର୍ତ୍ତନ ହେଉଛି। ଭାରତୀୟ ରେଳ ବୋର୍ଡ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ସାଧାରଣ ମେଲ୍ / ଏକ୍ସପ୍ରେସ୍ ଟ୍ରେନ (ନନ୍-ଏସି) ର ଭଡା ପ୍ରତି କିଲୋମିଟରରେ ୧ ପଇସା ବୃଦ୍ଧି ପାଇବ। ଯେଉଁମାନେ ଏସି ଶ୍ରେଣୀରେ ଯାତ୍ରା କରୁଛନ୍ତି ସେମାନଙ୍କ ପାଇଁ ଭଡା ପ୍ରତି କିଲୋମିଟରରେ ୨ ପଇସା ବୃଦ୍ଧି ପାଇବ। ସେହିପରି ୫୦୦ କିମି ଯାତ୍ରା ପାଇଁ ସହର ତଳି ଟିକଟ୍ ଓ ଦକ୍ୱିତୀୟ ଶ୍ରେଣୀ ଯାତ୍ରା ଭଡ଼ାରେ କୌଣସି ବୃଦ୍ଧି ହେବ ନାହିଁ। ୫୦୦ କିମିରୁ ଅଧିକ ଦୂରତା ପାଇଁ ବୃଦ୍ଧି ଅଧା ପଇସା ପ୍ରତି କିଲୋମିଟର ହେବ। ଏହା ବ୍ୟତୀତ , ମାସିକ ସିଜନ ଟିକଟ୍‌ରେ ମଧ୍ୟ କୌଣସି ବୃଦ୍ଧି ହେବନାହିଁ। ଏହାବ୍ୟତୀତ, ରେଳବାଇ ଆଉ ଏକ ବଡ଼ ନିଷ୍ପତ୍ତି ନେଇଛି। ଅନ୍‌ଲାଇନ୍ ତତ୍କାଳ ଟିକେଟ୍ ସିଷ୍ଟମରେ ଦୀର୍ଘ ▸ପୃଷ୍ଠା-୭

# ଟ୍ରମ୍ପଙ୍କୁ ମାନିଲେନି ଇରାନ-ଇସ୍ରାଏଲ୍

## ଯୁଦ୍ଧବିରତି ଘୋଷଣାର ଅଢ଼େଇ ଘଣ୍ଟାରେ ପୁଣି କ୍ଷେପଣାସ୍ତ୍ର/ବୋମା ମାଡ଼

**ତେହରାନ/ୱାସିଂଟନ, ୨୪।୬ (ଏଜେନ୍ସି):** ୧୨ ଦିନର ଘମାଘୋଟ ଲଢ଼େଇ ପରେ ଶାନ୍ତ ପଡ଼ିଛି ମଧ୍ୟପ୍ରାଚ୍ୟ। ପରସ୍ପର ଉପରେ ଆକ୍ରମଣ ଚଳାଇଥିବା ଇରାନ ଏବଂ ଇସ୍ରାଏଲ ଯୁଦ୍ଧବିରତି ଲାଗି ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ପ୍ରସ୍ତାବରେ ରାଜି ହୋଇଛନ୍ତି। ତେବେ ଟ୍ରମ୍ପଙ୍କ ଅସ୍ତ୍ରବିରତି ଘୋଷଣାର ଅଢ଼େଇ ଘଣ୍ଟା ଭିତ॥ରେ ଉଭୟ ଦେଶ ପରସ୍ପର ଉପରେ ପୁଣି ଥରେ ଆକ୍ରମଣ କରିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। କିନ୍ତୁ ଟ୍ରମ୍ପଙ୍କ ଉଦ୍‌ବେଗ ପରେ ଉଭୟ ଦେଶ ଆକ୍ରମଣରୁ ବିରତ ରହିଛନ୍ତି। ତାଙ୍କର ଅନୁରୋଧ ସତ୍ତ୍ୱେ ଇସ୍ରାଏଲ ଇରାନ ଉପରେ ବୋମାମାଡ଼ କରିଥିବାରୁ ଟ୍ରମ୍ପ ଭୀଷଣ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଆଜି ସକାଳେ ରାଷ୍ଟ୍ରପତି ଟ୍ରମ୍ପ ଅସ୍ତ୍ରବିରତି କଥା ଘୋଷଣା କରିଥିଲେ। ସେ କହିଥିଲେ

### କ୍ଷୁବ୍ଧ ଟ୍ରମ୍ପଙ୍କ ମୁହଁରୁ ବାହାରିଲା ଅଶ୍ଳୀଳ ଶବ୍ଦ



ଯେ ଆକ୍ରମଣ ବନ୍ଦ କରିବା ଲାଗି ଉଭୟ ଦେଶ ରାଜି ହୋଇଛନ୍ତି। ଏଥିପାଇଁ ଉଭୟ ଇରାନ ଓ ଇସ୍ରାଏଲକୁ ସେ ଧନ୍ୟବାଦ ଦେଇଥିଲେ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସେ କହିଥିଲେ ଯେ ଯୁଦ୍ଧବିରତି ହୋଇନଥିଲେ ଏହି ଲଢ଼େଇ ଦୀର୍ଘ ବର୍ଷ ଧରି ଚାଲିଥାଆନ୍ତା ଏବଂ ଏଥିରେ ମଧ୍ୟପ୍ରାଚ୍ୟ ସଂପୂର୍ଣ୍ଣ ରୂପେ ଧ୍ୱଂସ ହୋଇଯାଇ ଥାଆନ୍ତା। କିନ୍ତୁ ଏହା ହେବାକୁ ଦିଆଯିବ ନାହିଁ।

ତେବେ ମିଳିଥିବା ସୂଚନା ଅନୁଯାୟୀ ଏହି ଯୁଦ୍ଧବିରତି ଲାଗି ଗତକାଲି ଠାରୁ କୂଟନୈତିକ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଥିଲା। କତରରେ ଥିବା ଆମେରିକାର ସାମରିକ ଘାଟି ଉପରେ ଇରାନର ଆକ୍ରମଣ ସତ୍ତ୍ୱେ ଆମେରିକା ପାଲଟା ଆକ୍ରମଣ ନକରିବା ଘଟଣାରୁ ଯୁଦ୍ଧବିରତିର ସୂଚନା ମିଳିଥିଲା। କାରଣ ଟ୍ରମ୍ପ ଘୋଷଣା କରିଥିଲେ ଯେ ଇରାନ ଆକ୍ରମଣରେ ଆମେରିକାର ▸ପୃଷ୍ଠା-୭

### ଶ୍ରୀମନ୍ଦିର ଇତିହାସରେ ପ୍ରଥମ; ମହାପ୍ରଭୁଙ୍କ ମୋଦକ ଚୋରି

# ଠାକୁରଙ୍କୁ ଲାଗିହେଲା ମାରା ମୋଦକ



- ଲାଗି ହେବାକୁଥିବା ୭୦ ମୋଦକ ଉଭାନ
- ଘଟଣାକୁ ଢାଙ୍କିବାକୁ ସରକାରଙ୍କ ଉଦ୍ୟମ
- ବଡ଼ଠାକୁରଙ୍କ ପଡ଼ିବାକୁ ପୂରିଯିବ ବର୍ଷେ
- ହେଲାନି କାର୍ଯ୍ୟାନୁଷ୍ଠାନ, ଆସିଲାନି ରିପୋର୍ଟ

**ପୁରୀ, ୨୪।୬ (ସମିସ):** ଶ୍ରୀମନ୍ଦିର ଇତିହାସରେ ଯାହା କେବେ ଘଟି ନ ଥିଲା, ତାହା ଏବେ ଘଟିଛି। ଅଣସରରେ ଚିକିତ୍ସାଧୀନ ମହାପ୍ରଭୁଙ୍କୁ ସୁସ୍ଥ କରିବା ନିମନ୍ତେ ବୈଦ୍ୟ ସେବକ ଯୋଗାଇ ଦେଇଥିବା ଦଶମୂଳ ମୋଦକ ଚୋରି ହୋଇ ଯାଇଛି। ସବୁଠାରୁ ସଙ୍ଗୀନ କଥା ହେଉଛି ଯେ ଦାରୁ ବିଗ୍ରହଙ୍କୁ ମାରା ମୋଦକ ଲାଗୁ କରାଯାଇଛି। ଏହି ଅଭିଯୋଗ ଅନ୍ୟ କେହି ନୁହେଁ; ଖୋଦ୍ ବଡ଼ଦିଅଁ ମହାପ୍ରଭୁଙ୍କ ଅଙ୍ଗଲାଗି ସେବକ ତଥା ମୁଖ୍ୟ ବାଡ଼ଗ୍ରାହୀ ହଳଧର ଦାସମହାପାତ୍ର ଆଣିଛନ୍ତି ଏପରି ଅଭିଯୋଗ । ଏହି ଘଟଣାର ତଦନ୍ତ ଶେଷ ହୋଇ ନ ଥିବାବେଳେ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ଏପରି ଅଭିଯୋଗକୁ ଅସ୍ୱୀକାର କରି ମୋଦକ ଚୋରି ଅଭିଯୋଗ ମିଛ ବୋଲି କହିଛନ୍ତି । ମାତ୍ର ତଦନ୍ତ ଶେଷ ହୋଇ ନ ଥିବାବେଳେ ପ୍ରଶାସନ ଓ ସରକାର କାହାକୁ ଘଣ୍ଟ ଘୋଡ଼ଇବାକୁ ଆଗୁଆ ସଫେଇ ଦେଉଛନ୍ତି ତାହା ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଆଉ ଦୁଇଦିନ ପରେ ରଥଯାତ୍ରା। ରଥଯାତ୍ରାକୁ ତ୍ରୁଟିଶୂନ୍ୟ କରିବା ଲାଗି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ କିପରି ଅନୁପାଳନ କରାଯିବ ସେ ଦିଗରେ ଅଧିକାରୀମାନେ ଲାଗି ପଡ଼ିଛନ୍ତି, ହେଲେ ଘରେ ନ ପଶୁଣୁ ଚାଳ ବାଜିବା ଭଳି ରଥଯାତ୍ରା ଆରମ୍ଭରୁ ଦେଖାଦେଇଛି ବିଭ୍ରାଟ। ଅଣସରରେ ସେବା ପାଉଥିବା ତିନି ଠାକୁରଙ୍କ ନିକଟରେ ଲାଗି ହେବାକୁ ବୈଦ୍ୟ ସେବକ ଯୋଗାଇଥିବା ମୋଦକ ଚୋରି ହୋଇ ଯାଇଛି। ବଳଭଦ୍ରଙ୍କ ବାଡ଼ଗ୍ରାହୀ ହଳଧର ଦାସମହାପାତ୍ର ଏ ସଂକ୍ରାନ୍ତରେ ଚିଠି ଲେଖି ମୁଖ୍ୟ ପ୍ରଶାସକଙ୍କ ନିକଟରେ ଅଭିଯୋଗ କରିଛନ୍ତି । ହଳଧର ଲେଖିଥିବା କହିଛନ୍ତି ଯେ ଅନବସର ଏକାଦଶୀ ଦିନ ମହାପ୍ରଭୁଙ୍କ ସର୍ବାଙ୍ଗ ପରେ ୭ ଜଣ କବିରାଜ ସେବକ ସମୁଦାୟ ୩୧୩ ମୋଦକ ଗାରଦରେ ଜମା ଦେଇଥିଲେ। ସେମାନଙ୍କ ମଧ୍ୟରେ ରୁଦ୍ରନନ୍ଦନ ମିଶ୍ର ୯୯ ମୂର୍ତ୍ତି, ନନ୍ଦନନ୍ଦନ ମିଶ୍ର ୬୩ ମୂର୍ତ୍ତି, ବିନାୟକ ମିଶ୍ରଙ୍କ ନାତି ସୁଧାଂଶୁ ମିଶ୍ର ୪୯ ମୂର୍ତ୍ତି, ଦୁର୍ଗାପ୍ରସାଦ ମିଶ୍ର ୨୭ ମୂର୍ତ୍ତି, ସର୍ବେଶ୍ୱର ମିଶ୍ର ୨୫ ମୂର୍ତ୍ତି, ସତ୍ୟବ୍ରତ ମିଶ୍ର ଓ ଦେବବ୍ରତ ମିଶ୍ର ୨୫ ମୂର୍ତ୍ତି ଓ କ୍ଷୀରୋଦ ଚନ୍ଦ୍ର ମିଶ୍ର ୨୫ ମୂର୍ତ୍ତି ମୋଦକ ପ୍ରଦାନ କରିଥିଲେ। ହେଲେ ମହାପ୍ରଭୁଙ୍କୁ ଲାଗି ନିମନ୍ତେ ▸ପୃଷ୍ଠା-୭

# ଗୋଷ୍ଠୀ ସଂଘର୍ଷରେ ଗଡ଼ିଲା ମୁଣ୍ଡ

**ଫୁଟିଲା ଗୁଳି, ବୁଲିଲା ଖଣ୍ଡା**

## ପୁଅ ମୃତ, ମା' ସମେତ ୩ ଦରମରା

**ବାରିପଦା, ୨୪।୬ (ସମିସ):** ଅଶାନ୍ତ ମୟୂରଭଞ୍ଜ। ଜିଲ୍ଲାରେ ଆଇନଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଦିନକୁ ଦିନ ଅପରାଧର ଗ୍ରାଫ୍ ଉପରମୁହାଁ ହେବାରେ ଲାଗିଛି। ଗତକାଲି ଏକ ମଦ ଦୋକାନର ସେଲ୍ସ ମ୍ୟାନେଜର୍‌ଙ୍କୁ ଗୁଳିମାଡ଼ ଘଟଣାକୁ ୨୪ ଘଣ୍ଟା ନ ପୂରୁଣୁ ଆଜି ଦୁଇ ଦୁଇଟି ଆପରାଧିକ ଘଟଣା ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷକୁ କେନ୍ଦ୍ର କରି ଆଜି ବାରିପଦା ସହରରେ ଗୁଳି ଫୁଟିବା ଓ ଖଣ୍ଡା ବୁଲିବା ସହ ଜଣଙ୍କର ମୁଣ୍ଡ ଗଡ଼ିଛି। ସେହିପରି ଜିଲ୍ଲାର କୁଳିଅଣା ଥାନା ଅଞ୍ଚଳରେ ଥିବା ଏକ ଗ୍ରାମ୍ୟ ବ୍ୟାଙ୍କରୁ ସ୍ପଷ୍ଟ ଦିବାଲୋକରେ ଡକାୟତମାନେ ବନ୍ଧୁକ ମୁନରେ ୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି।

ସୂଚନାନୁଯାୟୀ, ବାରିପଦା ଟାଉନ୍ ଥାନା ଅଧୀନ କାଳିକାପୁରରେ ଆଜି ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଗୁଳିମାଡ଼ ଓ ଖଣ୍ଡାଚୋଟରେ ପୁଅର ମୃତ୍ୟୁ ଘଟିଥିବା ବେଳେ ମା' ସମେତ ୩ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ, କାଳିକାପୁର ୱାର୍ଡ ନଂ୨୪ର ରାଜୁ ଘଡ଼େଇ(୩୫)। ଆହତମାନେ ହେଲେ, ମୃତ ରାଜୁର ମାଆ ସାବିତ୍ରୀ ▸ପୃଷ୍ଠା-୭

**ଅଶାନ୍ତ ମୟୂରଭଞ୍ଜ**

# ଗ୍ରାମ୍ୟ ବ୍ୟାଙ୍କରୁ ସଶସ୍ତ୍ର ଡକାୟତି

## ନେଇଗଲେ ୮ ଲକ୍ଷ ଟଙ୍କା, ସୁନାଗହଣା ଓ ହାର୍ଡଡିସ୍କ

## ବାହାରୁ ତାଲା ପକାଇ ୬ ଦୁର୍ବୃତ୍ତ ଫେରାର୍

**ବାରିପଦା/କୁଳିଅଣା, ୨୪।୬ (ସମିସ):** କୁଳିଅଣା ଥାନା ଅନ୍ତର୍ଗତ ୧୮ ନଂ. ଜାତୀୟ ରାଜପଥର କୁଚେଇ ଛକରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରୁ ଆଜି ଏକ ବଡ଼ଧରଣର ସଶସ୍ତ୍ର ଡକାୟତି ହୋଇଛି। ଅପରାହ୍ନରେ ଦୁଇଟି ବାଇକ୍‌ରେ ୬ଜଣ ଡକାୟତ ବ୍ୟାଙ୍କ୍ ଭିତରକୁ ଧସେଇ ପଶିବା ସହ କର୍ମଚାରୀ ଓ ଲୋକଙ୍କୁ ଖଣ୍ଡା, ଭୁଜାଲି ଦେଖାଇ ୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା, ୯ଗ୍ରାମ୍ ସୁନା, ମୋବାଇଲ୍ ଲୁଟି ନେଇଛନ୍ତି। ପ୍ରମାଣ ନଷ୍ଟ କରିବା ପାଇଁ ସେମାନେ ବ୍ୟାଙ୍କରେ ଲାଗିଥିବା ସିସିଟିଭିର ହାର୍ଡଡିସ୍କକୁ ବି ନେଇ ଯାଇଛନ୍ତି। ଏପରିକି, ଗଲା ବେଳେ ▸ପୃଷ୍ଠା-୭




ସକାଳ
THE SAKALA



## ପୁରୀ ଶ୍ରୀମନ୍ଦିରରେ ମୋଦକ ଚୋରି ଅଭିଯୋଗ

# ଜଗନ୍ନାଥପ୍ରେମୀଙ୍କ ଉଦ୍‌ବେଗ; କାର୍ଯ୍ୟାନୁଷ୍ଠାନ ଦାବି

ବାଲେଶ୍ୱର,୨୪।୬ (ସମିସ)

ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଚତୁର୍ଦ୍ଧାମୂର୍ତ୍ତି ସ୍ନାନ ପୂର୍ଣ୍ଣିମା ଠାରୁ ଜ୍ୱରରେ ପୀଡ଼ିତ ଥିବାବେଳେ ଶ୍ରୀମନ୍ଦିର ପୁରୀର ଗାରଦ ଘରୁ ମହାପ୍ରଭୁଙ୍କ ଔଷଧ ରୂପେ ବ୍ୟବହୃତ ଦଶମୂଳାରିଷ୍ଟ ମୋଦକ ଚୋରି ହେବା ଘଟଣାକୁ ନେଇ କୋଟିକୋଟି ଜଗନ୍ନାଥ ପ୍ରେମୀଙ୍କ ଧାର୍ମିକ ଭାବନାରେ ଆଘାତ ଲାଗିଛି। ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବାଲେଶ୍ୱରର ଶ୍ରୀଜଗନ୍ନାଥଙ୍କ ଶ୍ରଦ୍ଧାଳୁମାନେ ଦାବି କରିଛନ୍ତି। ସ୍ନାନ ପୂର୍ଣ୍ଣିମା ଠାରୁ ଶ୍ରୀ ଜଗନ୍ନାଥ ଜ୍ୱରରେ ପୀଡ଼ିତ ଥିବା ଯୋଗୁଁ ଅଣସରରେ ଅଛନ୍ତି। ଏହି ସମୟରେ ମହାପ୍ରଭୁଙ୍କ ଦର୍ଶନ ଲାଭ ଭକ୍ତମାନେ କରିପାରନ୍ତି ନାହିଁ। ଜ୍ୱରରୁ ଆରୋଗ୍ୟ ହେବା ପାଇଁ ରାଜବୈଦ୍ୟ ୩୧୩ଟି ଦଶ ମୂଳା ରିଷ୍ଟ ମୋଦକ ଶ୍ରୀମନ୍ଦିରକୁ ପ୍ରଦାନ କରିଥିଲେ। ଏହା ମନ୍ଦିରର ଗାରଦ ଗୃହରେ ରଖାଯାଇ ଥିଲା। ମାତ୍ର ମହାପ୍ରଭୁଙ୍କ ପାଖରେ ଏହି ମୋଦକ ଲାଗିବା ପୂର୍ବରୁ ସେଥିରୁ ୭୦ଟି ମୋଦକ ଚୋରି ହେଇଯାଇଛି। ସମୁଦାୟ ୩୧୩ ମୂର୍ତ୍ତି (ଗୋଟି) ମୋଦକ ବଦଳରେ ୨୪୩ ମୂର୍ତ୍ତି (ଗୋଟି) ମୋଦକ ଥିଲା ବୋଲି ବଡବାଡ଼ ସାଆନ୍ତ ମହାପ୍ରଭୁ ଶ୍ରୀ ବଳଭଦ୍ରଙ୍କ ବାଡ଼ଗ୍ରାହୀ ହଳଧର ଦାସ ମହାପାତ୍ର ଲିଖିତ ଆକାରରେ ମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଚଳିତମାସ ୨୨ ତାରିଖରେ ଲିଖିତ ଭାବେ ଜଣାଇଛନ୍ତି। ଏହା ପ୍ରଚାରିତ ହେବା ପରେ ବାଲେଶ୍ୱରର ବହୁ ବୁଦ୍ଧିଜୀବୀ ଓ ଜଗନ୍ନାଥ ପ୍ରେମୀ ଏହି ଅଘଟଣକୁ ତୀବ୍ର ନିନ୍ଦା କରିବା ପୂର୍ବକ ଉଦ୍‌ବେଗ ପ୍ରକାଶ କରିଛନ୍ତି।

▶▶ ଚୋରି ହୋଇଥିବା ୭୦ ମୂର୍ତ୍ତି (ଗୋଟି) ଦଶମୂଳାରିଷ୍ଟ ମୋଦକ ଗଲା କୁଆଡେ ? ନବକଳେବର ଦାରୁ ଭଳି ବାହାରକୁ ଚାଲାଣ ହୋଇଯାଇନହିଁତ? ଯଦି ତାହା ହୋଇ ଥାଏ ତାହେଲେ ମହା ବିପତ୍ତି। ଗତବର୍ଷ ବଡବାଡ଼ ସାଆନ୍ତ ଶ୍ରୀ ବଳଭଦ୍ର ଦେବ ରଥରୁ ପଡ଼ିଯିବା ଘଟଣା, ପୁଣି ଏବେ ମୋଦକ ଚୋରି ଏହା କୋଟି କୋଟି ଜଗନ୍ନାଥପ୍ରେମୀ ଭକ୍ତଙ୍କ ଭାବାବେଗକୁ କୁଠାରଘାତ କରୁଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ହୋଇ ଦୋଷୀକୁ ଉପଯୁକ୍ତ ଦଣ୍ଡ ଦେବା ଉଚିତ।

**ପଣ୍ଡିତ ସୁଶାନ୍ତ ପଣ୍ଡା, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ**

▶▶ ଶ୍ରୀଜଗନ୍ନାଥଙ୍କ ଗାରଦ ଗୃହରେ ରଖାଯାଇଥିବା ଦଶ ମୂଳ ମୋଦକରୁ ୭୦ଟି ମଦକ ଚୋରି ହୋଇଯିବା ଘଟଣା ସମଗ୍ର ରାଜ୍ୟବାସୀ ତଥା ଜଗନ୍ନାଥ ପ୍ରେମୀମାନଙ୍କୁ ଆଘାତ ଦେଇଛି। ଏହି ଘଟଣାରେ ବିହିତ ତଦନ୍ତ କରାଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ।

**ଗୌରାଙ୍ଗ ପାଣିଗ୍ରାହୀ, ସମାଜସେବୀ**

▶▶ ମୋଦକ ଚୋରି ହେବା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଏହା ସମସ୍ତ ଜଗନ୍ନାଥ ପ୍ରେମୀ ଓ ଓଡିଆ ବାସୀଙ୍କ ଭାବାବେଗକୁ କୁଠାରଘାତ କରିଛି। ତେଣୁ ଏହି ଘଟଣାର ସତ୍ୟାସତ୍ୟ ବାହାର କରାଯାଇ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉ।

**ଦାମୋଦର ନାୟକ, ସଂପାଦକ, ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ**

▶▶ ମୋଦକ ଚୋରି ଭଳି ଏକାଧିକ ଅଘଟଣ ଶ୍ରୀମନ୍ଦିରରେ ଘଟିଥିଲା ବେଳେ ମନ୍ଦିର ପ୍ରଶାସକ ତାହାର ସଠିକ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାଁନ୍ତି। ଏହା ସମାଜ ଓ ସଂସ୍କୃତିକୁ ଶ୍ରୀ ଜଗନ୍ନାଥଙ୍କ ପରମ୍ପରା ସଂପର୍କରେ ନକରାତ୍ମକ ବାର୍ତ୍ତା ପ୍ରଦାନ କରିଛି। ଆମ ପଡ଼ୋଶୀ ରାଜ୍ୟରେ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ନିର୍ମାଣ ହେବା ପରେ ତାହାକୁ ଜଗନ୍ନାଥ ଧାମ କୁହାଯିବା ଏବଂ ବର୍ତ୍ତମାନ ଏହି ମୋଦକ ଚୋରି ଅଭିଯୋଗ ସଂପୃକ୍ତି ସନ୍ଦେହ କରାଯାଉଛି।

**କାମିନିକାନ୍ତ ପାଢ଼ୀ, ଅବସରପ୍ରାପ୍ତ କର୍ମଚାରୀ**

▶▶ ପୁରୀରେ ସେବାୟତଙ୍କ ଦ୍ୱାରା ବହୁଦିନ ଧରି ବିଶୃଙ୍ଖଳା ଚାଲିଛି। ବର୍ତ୍ତମାନ ଯେଉଁ ମୋଦକ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି, ତାହା ମଧ୍ୟ କେତେକ ସେବାୟତଙ୍କ ଦ୍ୱାରା ହୋଇଥାଇ ପାରେ। ସରକାର ଏବିଷୟରେ ପୁଙ୍ଖାନୁପୁଙ୍ଖ ତଦନ୍ତକରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ।

**ଲମ୍ବୋଦର ଗିରି, ଅବସରପ୍ରାପ୍ତ ଶିକ୍ଷକ**

▶▶ ଗତ କିଛି ବର୍ଷଧରି ଶ୍ରୀ ଜଗନ୍ନାଥଙ୍କ ସେବା ଓ ନୀତିକ୍ରାନ୍ତିରେ ବିଭ୍ରାଟ ଘଟଣା କୋଟିକୋଟି ଜଗନ୍ନାଥ ପ୍ରେମୀଙ୍କ ଭାବନାକୁ ବହୁବାର ଆଘାତ କରିଛି। ଚଳିତ ବର୍ଷ ରଥ ଯାତ୍ରା ପୂର୍ବରୁ ଜଗନ୍ନାଥଙ୍କ ଆରୋଗ୍ୟ ପାଇଁ ରାଜ ବୈଦ ପ୍ରସ୍ତୁତ କରିଥିବା ମୋଦକ ଚୋରି ହେବା ଘଟଣା ଆମ ସମସ୍ତଙ୍କୁ ଦୁଃଖ ଦେଇଛି। ଏହାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

**କନକ ପାଣିଗ୍ରାହୀ, ଗୃହିଣୀ**

● ନ୍ୟାସନାଲ ମାଗଜିନ୍ ଅଫ୍ ଇଣ୍ଡିଆ ସର୍ଭେ ରିପୋର୍ଟ

# ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଶାରେ ତୃତୀୟ

ବାଲେଶ୍ୱର,୨୪।୬ (ସମିସ): ସଂପ୍ରତି ଶିକ୍ଷା ବର୍ଷ ୨୦୨୪-୨୫ ପାଇଁ ଭାରତର ଏଜୁକେଶନ ୱାର୍ଲ୍ଡ ଜାତୀୟ ପତ୍ରିକା ସର୍ଭେ ରିପୋର୍ଟ ଅନୁସାରେ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଶାରେ ତୃତୀୟ ଶ୍ରେଷ୍ଠ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଭାବେ ବିବେଚିତ ହୋଇଛି। ପ୍ରଥମ ସ୍ଥାନରେ କଟକର ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ଥିବାବେଳେ ଦ୍ୱିତୀୟ ସ୍ଥାନରେ ପୁରୀର ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ରହିଛି। ପ୍ରତ୍ୟେକ ବର୍ଷ ଭାରତର ବିଭିନ୍ନ ଶିକ୍ଷାନୁଷ୍ଠାନର ଶୈକ୍ଷିକ ଭିତ୍ତିଭୂମି, ଗୁଣାତ୍ମକ ଶିକ୍ଷାଦାନ, ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ, ଗବେଷଣାର ଉନ୍ନତି ଓ ଛାତ୍ରଛାତ୍ରୀଙ୍କ ଜିଲ୍ଲା, ରାଜ୍ୟ ଓ ଜାତୀୟସ୍ତରରେ କୃତିତ୍ୱକୁ ଅନୁଧ୍ୟାନ କରି ଏଜୁକେସନ ୱାର୍ଲ୍ଡ ଜାତୀୟ ପତ୍ରିକା ତାହାର ରିପୋର୍ଟ ପ୍ରଦାନ କରିଥାଏ। ସେଥିପାଇଁ ଫକୀର ମୋହନ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।



# ସମବାୟ ସମିତି କର୍ମଚାରୀଙ୍କ ପରଲୋକ

ରାଜଘାଟ, ୨୪।୬ (ସମିସ): ବସ୍ତା ବ୍ଲକ ସନ୍ତୋଷପୁର ସେବା ସମବାୟ ସମିତିର କାର୍ଯ୍ୟରତ କର୍ମଚାରୀ ରବିନ୍ଦ୍ରନାଥ ସାହୁ (୫୯)ଙ୍କ ଆଜି ହୃଦ୍‌ଘାତରେ ପରଲୋକ ଘଟିଛି। ଭେଲୋରା ସ୍ଥିତ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ହୋଇଥିବା ବେଳେ ପୁତ୍ରରା ତପନ ସାହୁ ମୁଖାଗ୍ନି ଦେଇଥିଲେ। ସ୍ଥାନୀୟ ସରପଞ୍ଚ ଦୁର୍ଗାରାଣୀ ଜେନା, ସମିତି ସଭ୍ୟ ଅନାଦି ଦାସ, ସନ୍ତୋଷପୁର ସରପଞ୍ଚ ସଂଗ୍ରାମ କୁମାର ଦାସ ମହାପାତ୍ର, କୁଳିଦା ସରପଞ୍ଚ ପ୍ରତିନିଧି ଜୟକୃଷ୍ଣ ସେନାପତି, ସୋସାଇଟି ସଭାପତି ସୁନିଲ ସେନାପତି ସମ୍ପାଦକ ଅଞ୍ଜନ କୁମାର ଦାସ, ପ୍ରାକ୍ତନ ସମ୍ପାଦକ ଗୌତମ ହୋତାଙ୍କ ସମେତ ସମିତିର ସମସ୍ତ କର୍ମଚାରୀ ମାନେ ଶେଷ ଦର୍ଶନ କରିବା ସହ ଶୋକ ପ୍ରକାଶ କରିଥିଲେ।

# ଘଣ୍ଟାଏ ବର୍ଷାରେ ବୁଡ଼ିଲା ରାସ୍ତାଘାଟ



ବାଲେଶ୍ୱର, ୨୪।୬ (ସମିସ): ବାଲେଶ୍ୱର ସହରରେ ମହାନାଳ ସଫେଇ କାର୍ଯ୍ୟ ଚାଲିଛି। ମହାନାଳ ଏବଂ ଏହାକୁ ସଂଯୋଗ କରୁଥିବା ନାଳ ଗୁଡିକୁ ସଫା କରାଯାଇଛି। ହେଲେ ଅସରାଏ ବର୍ଷା ହେଲେ ଅବସ୍ଥା ସଙ୍ଗୀନ ହୋଇପଡୁଛି। ବାଲେଶ୍ୱରରେ ଆଜି ଅପରାହ୍ନରେ ପ୍ରବଳ ବର୍ଷା ହୋଇଛି। ପାଖାପାଖି ଏକ ଘଂଟା ଧରି ବର୍ଷା ହେବା ଫଳରେ ରାସ୍ତାରେ ପାଣି ଲହଡି ମାରୁଥିବା ଦେଖିବାକୁ ମିଳିଛି। ଅରଡବଜାର, ବାମପଦା ଛକ ସମେତ ପୌରପରିଷଦର ୧୮ ଏବଂ ୨୯ନମ୍ବର ୱାର୍ଡରେ ଲୋକଙ୍କ ଘରେ ପାଣି ପଶି ଯାଇଥିଲା। ଦରଜିପୋଖରୀ ରାସ୍ତାରେ ମଧ୍ୟ ଆଣ୍ଠୁଏ ପାଣି ଜମି ରହିଥିବା ଦେଖିବାକୁ ମିଳିଛି।

## ଉତ୍ତର ବାଲେଶ୍ୱରରେ ବନ୍ୟା

# ପିସିସି ପକ୍ଷରୁ ରିଲିଫ୍ ବଣ୍ଟନ ଓ ଉଦ୍ଧାର ପାଇଁ କମିଟି ଗଠିତ

ବାଲେଶ୍ୱର,୨୪।୬(ସମିସ): ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ ଉତ୍ତର ବାଲେଶ୍ୱରରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହା ସହିତ ବାଲେଶ୍ୱର ଜିଲ୍ଲାର ଭୋଗରାଇ, ବାଲିଆପାଳ ଓ ଜଳେଶ୍ୱରର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା, ଦଳ ପକ୍ଷରୁ ଦିଆଯାଇଥିବା ରିଲିଫ୍ ବଣ୍ଟନ ଓ ବନ୍ୟାବିପନ୍ନ ଲୋକମାନଙ୍କୁ ପାଣି ଘେରରୁ ଉଦ୍ଧାର କରିବା ପାଇଁ କମିଟି ଗଠନ କରିଛନ୍ତି। ଏଆଇସିସିର ସଦସ୍ୟ ତଥା ବାଲେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀର ସାଂସଦ ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ଏହି କମିଟି ସହିତ ପିସିସିର ଉପସଭାପତି ତଥା ବାଲେଶ୍ୱର ଜିଲ୍ଲା ସଂଗଠନ ଦାୟିତ୍ୱରେ ଥିବା ଦେବାଶିଷ ପଟ୍ଟନାୟକ ବନ୍ୟା ପ୍ରଭାବିତ ଅଞ୍ଚଳକୁ ଗସ୍ତ କରିବେ ଓ ରିଲିଫ୍ ତଥା ଉଦ୍ଧାର କାର୍ଯ୍ୟରେ ସାମିଲ ହେବେ। ନବଜ୍ୟୋତିଙ୍କୁ କମିଟିର ଅଧ୍ୟକ୍ଷ କରାଯାଇଥିବା ବେଳେ ଜିଲ୍ଲା ସଭାପତି ସଞ୍ଜୀବ ଗିରି ଏଥିରେ ସଦସ୍ୟ ଅଛନ୍ତି। ଭୋଗରାଇ ବନ୍ୟା ପ୍ରଭାବତି ଅଂଚଳର ଉଦ୍ଧାର କାର୍ଯ୍ୟ ଓ ରିଲିଫ୍ ବଂଟନ ପାଇଁ ସଦସ୍ୟ ସତ୍ୟଶିବ ଦାସ, ସନ୍ତୋଷ ଜେନା, ମୀନାରାଣୀ ସୁର ଓ ମମତା ସାହୁଙ୍କୁ ସାମିଲ କରାଯାଇଥିବା ବେଳେ ବାଲିଆପାଳ ପାଇଁ ବିଜନ ନାୟକ, ଜଗନ୍ନାଥ ବିଶ୍ୱାଳ, ରଂଜିତା ନାୟକ, ବାବାଜୀ ଦେହୁରୀ ଓ ମୂରଲୀ ମନୋହର ସାହୁ ଏବଂ ଜଳେଶ୍ୱର ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଓ ରିଲିଫ୍ ବଣ୍ଟନ କାର୍ଯ୍ୟ ପାଇଁ ସତ୍ୟ ଦାସ, ଦେବୀ ପ୍ରସନ୍ନ ଚଣ୍ଡ, ମଞ୍ଜୁଶ୍ରୀ ପଣ୍ଡା, ଗିରିଜା ଶଙ୍କର ଦାସ ଓ ରାଜୀବ ପରିଡ଼ାଙ୍କୁ ସଦସ୍ୟ ଭାବେ ନିଆଯାଇଛି ବୋଲି ଓଡ଼ିଶା ପିସିସିର ପ୍ରଶାସନ ସମୀର କୁମାର ରାଉତରାୟ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

# କେଶୁ ଦାସ ପାଇବେ ଶିଳ୍ପୀ ଅସିତ ମୁଖାର୍ଜୀ ସ୍ମୃତି ସମ୍ମାନ

ବାଲେଶ୍ୱର,୨୪।୬ (ସମିସ): ଚଳିତବର୍ଷ କଟକ ବିହାରୀବାଗସ୍ଥ ଶିଳ୍ପୀ ଅସିତ ମୁଖାର୍ଜୀ ସ୍ମୃତି ସଂସଦ ଦ୍ୱାରା ଶିଳ୍ପୀ କେଶୁଦାସଙ୍କୁ ଶିଳ୍ପୀ ଅସିତ ମୁଖାର୍ଜୀ ସ୍ମୃତି ସମ୍ମାନ ପାଇବା ପାଇଁ ମନୋନୀତ ହୋଇଛନ୍ତି। ବିଶିଷ୍ଟ ପ୍ରଚ୍ଛଦପଟ ଶିଳ୍ପୀ ତଥା ଓଡ଼ିଶା ଲଳିତ ଏକାଡେମିର ପୂର୍ବତନ ସଭାପତି ଶିଳ୍ପୀ ଅସିତ ମୁଖାର୍ଜୀଙ୍କ ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ୭ମ ବାର୍ଷିକ ଶ୍ରଦ୍ଧାଞ୍ଜଳି ଉତ୍ସବରେ କଟକ ଶ୍ରୀରାମଚନ୍ଦ୍ର ଭବନରେ ସ୍ମୃତି ସଂସଦ ଓ ଓଡ଼ିଶା ଲଳିତ କଳା ଏକାଡେମି ତରଫରୁ ଆସନ୍ତା ୫ ତାରିଖରେ ଆୟୋଜନ କରାଯିବ ବୋଲି ସ୍ମୃତି ସଂସଦର ସମ୍ପାଦକ ହରେକୃଷ୍ଣ ରାଉତ ଜଣାଇଛନ୍ତି। ସ୍ମୃତି ସଂସଦ ତରଫରୁ ପ୍ରତିବର୍ଷ ଓଡ଼ିଶାର ଜଣେ ଚିତ୍ରକଳାରେ ଉତ୍ସର୍ଗୀକୃତ ଚିତ୍ରଶିଳ୍ପୀଙ୍କୁ ଏହି ସମ୍ମାନଜନକ ସମ୍ବର୍ଦ୍ଧନା ପ୍ରଦାନ କରାଯାଏ। ପ୍ରକାଶଥାଉକି ଶିଳ୍ପୀ କେଶୁଦାସ ବାଲେଶ୍ୱରର ଲୋକକଳା ଓ ଲୋକ ସଂସ୍କୃତି ଜଉକଣ୍ଢେଇକୁ ବିଶ୍ୱ ଦରବାରରେ ପରିଚିତ କରିବା ସହ ଭାରତୀୟ ଜଉକୁ ନେଇ ଏକମାତ୍ର ଜଉଚିତ୍ର ଶିଳ୍ପୀ ଭାବେ ଉଚ୍ଚ ପ୍ରଶଂସିତ। ବିଲୁପ୍ତପ୍ରାୟ ବିଶ୍ୱର ବିସ୍ମୟ ଓ ବିରଳ ନୀଳରକ୍ତ କଙ୍କଡ଼ା, ଗୁପ୍ତପ୍ରାୟ ଶୋଣ, ଗଙ୍ଗାହାର ଓ ବଳଙ୍ଗ ନଦୀର ସଂଗମ ତ୍ରିବେଣୀ ତୀର୍ଥ, ବିସ୍ମୃତ ପ୍ରାୟ ବାଲେଶ୍ୱରର ପୁରାତନ ନାମ 'କୋଶମ୍ବ', ସୁପ୍ତପ୍ରାୟ ଜଗନ୍ନାଥ ସଂସ୍କୃତିର ଅନନ୍ୟ ପରମ୍ପରା ପଟିଦିଅଁ ଅଙ୍କନ, ଅବହେଳିତ ଉତ୍କଳୀୟ ଝୋଟି ଇତ୍ୟାଦିର ପୁନରୁଦ୍ଧାର କରି ପ୍ରତିଷ୍ଠିତ କରିବା ପାଇଁ ଦୀର୍ଘ ଦୁଇ ଦଶନ୍ଧି ଧରି କାର୍ଯ୍ୟକ୍ରମମାନ ନିୟମିତ କରିଆସୁଛନ୍ତି।

## ଗୋପାଳପୁର ଛାତ୍ରୀ ଗଣଦୁଷ୍କର୍ମ ଏବଂ ବଢୁଥିବା ମହିଳା ନିର୍ଯାତନାକୁ ବିରୋଧ

# ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ଗଣଧାରଣା ଆଜି




ବାଲେଶ୍ୱର,୨୪।୬ (ସମିସ): ଗୋପାଳପୁର ଛାତ୍ରୀ ଗଣଦୁଷ୍କର୍ମ ଏବଂ ବଢୁଥିବା ମହିଳା ନିର୍ଯାତନା ବିରୋଧରେ ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ଆସନ୍ତାକାଲି ଫକୀରମୋହନ କଲେଜ ଏବଂ ବାଲେଶ୍ୱର ଜିଲ୍ଲାର ସମସ୍ତ କଲେଜ ସାମ୍ନାରେ ଗଣ ବିକ୍ଷୋଭ ଏବଂ କୁଶପୁତ୍ତଳିକା ଦାହ କରାଯିବ। ଏ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ହେବାକୁ ଥିବା ଗଣ ବିକ୍ଷୋଭ କାର୍ଯ୍ୟକ୍ରମ ପାଇଁ ଆଜି ଏକ ପ୍ରସ୍ତୁତି ବୈଠକ ଏବଂ ସାମ୍ବାଦିକ ସମ୍ମିଳନୀ ସ୍ଥାନୀୟ ଶ୍ରୀହରି ହୋଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ଛାତ୍ର ସଭାପତି ସିମନ ଦାସ ମହାପାତ୍ର, ଯୁବ ସଭାପତି ତାପସ ପରିଡା, ଜୋନାଲ ସଭାପତି ଜୟରାମ ଦାସ, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ତାପସ ପାଣିଗ୍ରାହୀ, ରାଜ୍ୟ ଛାତ୍ର ସାଧାରଣ ସମ୍ପାଦକ ଓମପ୍ରକାଶ ମହାପାତ୍ର, ଶୁଭମସାଇ ମହାପାତ୍ର, ସିମନ ସାମଲ, ରାଜ୍ୟ ସମ୍ପାଦକ ବିଭୁଦତ୍ତ ପରିଡା, ଟାଉନ ଛାତ୍ର ସଭାପତି ଭବାନୀ ମହାନ୍ତି, କାର୍ଯ୍ୟକାରୀ ସଭାପତି ଚିନ୍ମୟ ମହାନ୍ତି, ଜିଲ୍ଲା ଛାତ୍ର ନେତା ସୁଶୀଲ ପଣ୍ଡା, ନରୋତ୍ତମ ଦାସ, ଗଜେନ୍ଦ୍ର ନାୟକ, ଜୀବନ ସଂଗ୍ରାମ ମିଶ୍ର, ଶୁଭମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାଲି ଜିଲ୍ଲାର ୩୦ରୁ ଅଧିକ କଲେଜ ସମ୍ମୁଖରେ ଦିନ ୧୦ ଘଟିକା ଠାରୁ ପ୍ଲାକାର୍ଡ, ପିକେଟିଂ ଏବଂ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ ସହ କଲେଜ ଛାତ୍ରଛାତ୍ରୀଙ୍କୁ ଏକ ବର୍ଷରେ ବିଜେପି ସରକାରର ବିଫଳତା ବିଶେଷ କରି ୩୦୦୦ରୁ ଉର୍ଦ୍ଧ୍ୱ ଦୁଷ୍କର୍ମଜନିତ ଅପରାଧ ପଞ୍ଜିକୃତ ହେବା ସହ ବିଶ୍ୱ ମାନଚିତ୍ରରେ ଓଡିଶାକୁ ଲଜ୍ଜିତ କରିଥିବା ବିଫଳ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସଚେତନ କରାଯିବ ବୋଲି ଛାତ୍ର ସଭାପତି ସିମନ ଦାସ ମହାପାତ୍ର ସୂଚନା ଦେଇଛନ୍ତି।

● ବର୍ଜ୍ୟବସ୍ତୁ ଡିସପୋଜାଲ ହେଉନି

# ଘରୋଇ ହସ୍ପିଟାଲରେ ସ୍ୱାସ୍ଥ୍ୟ ବିଭାଗର ଯାଞ୍ଚ



ବାଲେଶ୍ୱର,୨୪।୬(ସମିସ): ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ ବିଭାଗ ଫକୀରମୋହନ ମେଡିକାଲ କଲେଜକୁ ଉଠିଯିବା ପରେ ଏବେ ଘରୋଇ ହସ୍ପିଟାଲ ଉପରେ ଲୋକ ବେଶି ନିର୍ଭର କରୁଛନ୍ତି। ହେଲେ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷ ସରକାରଙ୍କ ନିୟମ ମାନୁ ନଥିବା ବେଳେ ମେଡିକାଲରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ସଠିକ ଭାବେ ପରିଚାଳନା କରୁନାହାନ୍ତି। ଏଭଳି ଅଭିଯୋଗ ଆସିଛି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ରହିଥିବା ଶ୍ରୀରାମ ହସ୍ପିଟାଲରେ। ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଉକ୍ତ ମେଡିକାଲରେ ପହଞ୍ଚି ଯାଞ୍ଚ କରିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଭାତ କୁମାର ବେହେରା କହିଛନ୍ତି ଯେ, ଶ୍ରୀରାମ ହସ୍ପିଟାଲ କର୍ତ୍ତୃପକ୍ଷ ମେଡିକାଲ ବର୍ଜ୍ୟବସ୍ତୁକୁ ଡିସପୋଜାଲ କରୁନଥିବା ଯାଞ୍ଚ ସମୟରେ ଜଣାପଡ଼ିଛି। ଉକ୍ତ ହସ୍ପିଟାଲକୁ ନୋଟିସ କରାଯିବା ସହ ବର୍ଜ୍ୟବସ୍ତୁ ନେଉଥିବା ସ୍ୱୀକୃତିପ୍ରାପ୍ତ ଏଜେନ୍ସିକୁ ମଧ୍ୟ ଜଣାଯିବ । କେବଳ ଶ୍ରୀରାମ ହସ୍ପିଟାଲ ନୁହେଁ ବରଂ ଦୁର୍ଗା ମେଡିକାଲ, ତାରିଣୀ ମେଡିକାଲ, ଜଟାଣିଆ କ୍ଲିନିକରେ ମଧ୍ୟ ଯାଞ୍ଚ କରାଯାଇଛି।

■ ବାଲେଶ୍ୱର ଜିଲ୍ଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

# ଜୁଲାଇ ୮ରେ ସିଭିଲ ସୋସାଇଟିର ଗଣଧାରଣା




ବାଲେଶ୍ୱର,୨୪।୬(ସମିସ): ବାଲେଶ୍ୱର ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ନେଇ ସିଭିଲ ସୋସାଇଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ଉଠା ଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ମନୋଜ ନାୟକ ଗତ ୧୫ଦିନ ଧରି ବାଲେଶ୍ୱର ଜିଲ୍ଲାର ସରକାରୀ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଥିବାର ପ୍ରକାଶ କରିଥିଲେ। ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର, ନର୍ସ ଓ ଆବଶ୍ୟକ କର୍ମଚାରୀ ଅଭାବରୁ ଗତ ରବିବାର ଦିନ ବହିର୍ବିଭାଗ ସେବା ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ସେହିପରି ଅନେକ ବିଭାଗରେ ତାଲା ଝୁଲୁଛି। ରୋଗୀମାନେ ଓ ସେମାନଙ୍କ ସମ୍ପର୍କୀୟମାନେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଫକୀରମୋହନ ମେଡିକାଲ କଲେଜ ହସ୍ପିଟାଲରେ ରୋଗୀମାନେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇ ପାରୁନାହାନ୍ତି। ଏମ୍‌ସରେ ମାତ୍ର ଦୁଇଦିନ ବହିର୍ବିଭାଗ କାର୍ଯ୍ୟକରୁଥିବା ବେଳେ ସେଠାରେ ପରୀକ୍ଷା ନୀରିକ୍ଷା ପାଇଁ କୌଣସି ଯନ୍ତ୍ରପାତି ମଧ୍ୟ ନାହିଁ। ଜିଲ୍ଲାର ସମସ୍ତ ସରକାରୀ ଚିକିତ୍ସାଳୟରେ ଏହିଭଳି ଦୟନୀୟ ଅବସ୍ଥାରେ ସରକାରୀ ରୋଗୀ ସେବା ପ୍ରଦାନ କରାଯାଉଛି। ଏହି ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ହିମାଂଶୁ ଶେଖର ଦାସ, ମହମ୍ମଦ ଇକବାଲ, ଶରତ ଚନ୍ଦ୍ର ଦଳାଇ, ପ୍ରଫୁଲ୍ଲ କୁମାର ଦାସ, ଅଜିତ କୁମାର ବରାଳ ପ୍ରମୁଖ ଯୋଗଦେଇ ଉଦ୍‌ବେଗ ପ୍ରକାଶ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ତୁରନ୍ତ ସାକ୍ଷାତ କରି ସମସ୍ୟାର ସମାଧାନ ପାଇଁ ଅବଗତ କରାଇଥିବାକୁ ପ୍ରସ୍ତାବ ଦେଇଥିଲେ। ସମସ୍ୟାର ସମାଧାନ ନହେଲେ ଆସନ୍ତା ୮ ତାରିଖରେ ହସ୍ପିଟାଲ ନିକଟସ୍ଥ ସହିଦ ପାର୍କରେ ଗଣଧାରଣା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ଏହି ଗଣଧାରଣାରେ ବାଲେଶ୍ୱରର ସଚେତନ ନାଗରିକ ଓ ଗଣ ସଙ୍ଗଠନମାନେ ଯୋଗଦେବାକୁ ବୈଠକରେ ନିବେଦନ କରାଯାଇଛି। ସୋସାଇଟିର ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ବାଲେଶ୍ୱରରେ ସାମ୍ପ୍ରତିକ ଘଟଣା ସମ୍ପର୍କରେ ବୈଠକରେ ଉପସ୍ଥାପିତ କରିଥିଲେ। ଅନ୍ୟପଟେ ବାଲେଶ୍ୱରର ଜଣେ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ଜନୈକ ବରିଷ୍ଠ ଆଇନଜୀବୀଙ୍କ ଲିଖିତ ଅଭିଯୋଗକୁ ପୁଲିସ ଗ୍ରହଣ ନ କରିବା ଘଟଣାକୁ ବୈଠକରେ ଦୃଢ଼ ନିନ୍ଦା କରାଯାଇଛି। ସେହିପରି କେତେକ ଯୁଦ୍ଧଖୋର ଦେଶର ନେତାଙ୍କ ଅହଂଭାବ ପାଇଁ ୩ୟ ବିଶ୍ୱଯୁଦ୍ଧର ଆଶଙ୍କା ପ୍ରକାଶ ପାଇଛି। ଯୁଦ୍ଧ ବିରୋଧରେ ସମସ୍ତ ଶାନ୍ତିକାମୀ ଜନସାଧାରଣ ଐକ୍ୟବଦ୍ଧ ସ୍ୱର ଉତ୍ତୋଳନ ପାଇଁ ସିଭିଲ ସୋସାଇଟି ଆହ୍ୱାନ ଦେଇଛି। ଏହି ବୈଠକରେ କୋଷାଧ୍ୟକ୍ଷ ସନ୍ତୋଷ ସାହୁ, ସାହେବା ଅକତାର, ସେକ ଉମରଫାରୁ, ଭରତ ଚନ୍ଦ୍ର ସେଠୀ, ଏମଡି. ମୁକ୍ତାର ଅହମ୍ମଦ, କମଳାକାନ୍ତ ବେହେରା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଶ୍ୟାମସୁନ୍ଦର ଜେନା ଧନ୍ୟବାଦ ଦେଇଥିଲେ।

# ଡ୍ରେନ୍ ସଫା ହେଲା, ଆବର୍ଜନା ଉଠିଲାନି

ବାଲେଶ୍ୱର,୨୪।୬(ସମିସ)







## ବର୍ଷା ପାଣିରେ ପୁଣି ଡ୍ରେନ୍‌କୁ ଭାସିଗଲା

ଡ୍ରେନ୍ ସଫା ହେଲା ହେଲେ ଉଠିଲାନି ଅଳିଆ। ସପ୍ତାହରୁ ଅଧିକ ଦିନ ହେବ ସଫା ହୋଇଥିବା ଅଳିଆ ଡ୍ରେନ୍ ପାଖରେ ସେମିତି ପଡ଼ିରହିଛି। ଫଳରେ ଯାତାୟାତରେ ଅସୁବିଧା ହେଉଥିବା ବେଳେ ଦୁର୍ଗନ୍ଧରେ ନାଟ ଫାଟିଯାଉଛି। ରାସ୍ତା କଡ ଦୋକାନକୁ ଯିବାରେ ମଧ୍ୟ ଏହି ଠୁଳ ହୋଇଥିବା ଅଳିଆ ବାଧା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ନିକଟରେ ଥିବା ଦୋକାନୀ ଏବଂ ସ୍ଥାନୀୟବାସୀ ମଧ୍ୟ ଏ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ହେଉଛି ବାଲେଶ୍ୱର ସହର ଆଇଟିଆଇ ଛକ ନିକଟର ଅବସ୍ଥା। ଆଇଟିଆଇ ଛକରୁ ସେଣ୍ଟ୍ରାଲ ସ୍କୁଲ ଆଡକୁ ଯାଇଥିବା ରାସ୍ତା। ଆଇଟିଆଇ ଟ୍ରାଫିକ ଛକ ରାସ୍ତାରୁ ଯାଇଥିବା ଡ୍ରେନ୍ ସଫା ସତ୍ତ୍ୱେ ଆଜି ଯାଏଁ ଅଳିଆ ସେଠାରୁ ଉଠିନାହିଁ। ଯାହାକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ ଶୀଘ୍ର ଅଳିଅ ଉଠାଇବାକୁ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଆରମ୍ଭ ହେଉଛି ବର୍ଷା ଦିନ। ଏଥିସହ ବର୍ତ୍ତମାନ ହଇଜା ଓ ଡାଇରିଆ ଓଡ଼ିଶା ପାଇଁ ବିପଦ ରହିଛି। ଏମିତିକି ବାଲେଶ୍ୱର ଜିଲ୍ଲା ପାଇଁ ମଧ୍ୟ ବିପଦ ରହିଛି। ଏହିପରି ସମୟରେ ପୌରପାଳିକା ପକ୍ଷରୁ ବିଭିନ୍ନ ଡ୍ରେନ୍ ସଫେଇ ଆରମ୍ଭ ହୋଇଛି। ବିଭିନ୍ନ ସ୍ଥାନରେ ବ୍ଲିଚିଂ ପକାଯାଉଛି। ହେଲେ ଅନେକ ଜାଗାରେ ଡ୍ରେନ୍ ସଫା କରାଯାଇ ବାହାରିଥିବା ଅଳିଆ ଓ ମାଟିଗଦାକୁ ସେଠାରୁ ଉଠାଯାଇନାହିଁ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଆଇଟିଆଇ ଛକ। ସେଠାରେ କିଛି ତଳେ ଡ୍ରେନ୍ ସ୍ଲାବ୍ କଢାଯାଇ ସଫା କରାଯାଇଥିଲା। ଫଳରେ ବର୍ଷା ପାଣି ନିଷ୍କାସନ ହୋଇପାରିବ। ହେଲେ ଏଠାରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ରାସ୍ତାର ଦୁଇପାଖ ଡ୍ରେନ୍ ନିକଟରେ ମାର୍କେଟ କମ୍ପ୍ଲେକ୍ସ ଓ ଦୋକାନ ରହିଛି। ଏଥିସହିତ ଆଇଟିଆଇ ଟ୍ରାଫିକ ନିକଟରେ ଖରା ପାଇଁ ସେଡ୍ ମଧ୍ୟ ପ୍ରସ୍ତୁତ ହୋଇଛି। ତେବେ ଏହାରି ଭିତରେ ଡ୍ରେନ୍ ସଫା କରି ରାସ୍ତା କଡରେ ଜମା କରି ଏକପ୍ରକାର ସହରର ସୌନ୍ଦର୍ଯ୍ୟ ନଷ୍ଟ ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଗାଡ଼ି ରଖି ଦୋକାନକୁ ମଧ୍ୟ ଯିବା ପାଇଁ ବାଟ ନାହିଁ। ଡ୍ରେନ ରୁ ବାହାରିଥିବା ଅପରିଷ୍କାର ଆବର୍ଜନା ଏତେ ଦିନ ଧରି ବାହାରେ ପଡି ରହିବାକୁ ନେଇ ସଚେତନ ନାଗରିକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେହିପରି ଆଜି ବର୍ଷା ହେବା ଦ୍ୱାରା ସେଇ ଆବର୍ଜନା ମାଟି ସବୁ ପୁଣି ଡ୍ରେନ୍ ଭିତରେ ପଶିଯାଇଛି। ଅଳିଆ ଏପଟ ସେପଟ ହୋଇ ଘାଣ୍ଟି ଯାଇଛି। ପରିବେଶ ଦୂଷିତ ହୋଇଯାଇଛି। ପ୍ରକାଶ ଥାଉ କି, ସହରରେ ଅଳ୍ପ ବର୍ଷାରେ କୃତ୍ରିମ ପୋଖରୀ ସୃଷ୍ଟି ହେଉଛି। ଏତେ ସଫା ପରେ ବି ପାଣି ନିଷ୍କାସନ ହେଉନି। ଡ୍ରେନ୍ ପାଣି ଭର୍ତ୍ତି ହୋଇ ରାସ୍ତା ଉବୁଟୁବୁ ହେଉଛି। ସହରରେ ଅନେକ ସ୍ଥାନରେ ବର୍ଷ ବର୍ଷ ଧରି ଡ୍ରେନ୍ ସଫା ହୋଇନଥିବା ଅଭିଯୋଗ ହୋଇଛି। ସେଠାରେ ୧୦ ମିନିଟ୍ ବର୍ଷାରେ ଡ୍ରେନ୍ ଓ ରାସ୍ତା ଏକାକାର ହୋଇଯାଉଛି। କଳା ପାଣି ରାସ୍ତାରେ ଭାସୁଛି।

# ଗୁଛିଦା ସ୍ଲୁଇସ ଗେଟ୍ ସମ୍ମୁଖ ବିଲାତି ଦଳ ଭର୍ତ୍ତି

## ବନ୍ୟା ପାଣି ନିଷ୍କାସନରେ ବାଧା

ଭୋଗରାଇ, ୨୪।୬ (ସମିସ)



ସୁବର୍ଣ୍ଣରେଖା ନଦୀରେ ବନ୍ୟା ହ୍ରାସ ପାଉଛି ହେଲେ ନଦୀକୁ ବିଭିନ୍ନ ନାଳ ଖାଲରୁ ପାଣି ନିଷ୍କାସନ ହେବାରେ ବାଧା ସୃଷ୍ଟି ହୋଇଛି। ସୁବର୍ଣ୍ଣରେଖା ନଦୀ ସହିତ ସଂଯୋଗ କରୁଥିବା ବିଭିନ୍ନ ନାଳ ଓ ଖାଳ ଉପରେ ଥିବା ସ୍ଲୁଇସ ଗେଟ ମୁହଁରେ ବିଲାତି ଦଳ ଭର୍ତ୍ତି ହୋଇ ରହିଛି। ସେଥିପାଇଁ ବନ୍ୟାପାଣି ସହଜରେ ନିଷ୍କାସିତ ହୋଇପାରୁ ନାହିଁ। ପ୍ରକାଶ ଯେ, ନଦୀର ଉପରମୁଣ୍ଡ ଝାଡ଼ଖଣ୍ଡର ଗାଲଡିହ ବ୍ୟାରେଜର ଗେଟ ଖୋଲିବା ଯୋଗୁଁ ସୁବର୍ଣ୍ଣରେଖାର ପ୍ରଳୟଙ୍କାରୀ ବନ୍ୟା ସୃଷ୍ଟି କରିଥିଲା। ଏହି ପାଣି ବିଭିନ୍ନ ନାଳ ଖାଳ ଦେଇ ଉତ୍ତର ଭୋଗରାଇର ପ୍ରାୟ ୪୦ରୁ ଅଧିକ ଗାଁରେ ପାଣି ପଶି ଧନ ଜୀବନ ନଷ୍ଟ କରିଥିଲା। ତେବେ ବନ୍ୟା ବେଳେ ଭାସି ଆସିଥିବା ଦଳ ସବୁ ବିଭିନ୍ନ ସ୍ଲୁଇସ ଗେଟ ସମ୍ମୁଖରେ ପାହାଡ଼ ଭଳି ଗଦା ହୋଇ ପଡିଥିବା ଦେଖିବାକୁ ମିଳିଛି। ଗୁଛିଦାଠାରେ ଥିବା ମୁଖ୍ୟ ସ୍ଲୁଇସ ଗେଟ ସମ୍ମୁଖରେ ସବୁଠୁ ଅଧିକ ଦଳ ଭର୍ତ୍ତି ହୋଇଛି। ଫଳରେ ଏହି ସ୍ଲୁଇସର ୧୦ଟି କବାଟ ମଧ୍ୟରୁ ୪ଟି ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଫଳରେ ପାଣି ନିଷ୍କାସନରେ ବାଧା ସୃଷ୍ଟି କରୁଛି। ଯଦି ଡ୍ରେନେଜ ବିଭାଗ ତୁରନ୍ତ ଏହି ଦଳକୁ ସଫା ନ କରନ୍ତି ତେବେ ଭିତରେ ପଶି ରହିଥିବା ବନ୍ୟା ପାଣି ନିଷ୍କାସନରେ ବିଳମ୍ବ ହେବା ସହ ଆଗାମୀ ଦିନରେ ବନ୍ୟା ଆସିଲେ ଉକ୍ତ ଗେଟ୍‌ଗୁଡିକ ଅକାମୀ ହୋଇଯିବ। ତେଣୁ ଏ ନେଇ ସମ୍ପୃକ୍ତ ବିଭାଗ ଯଥାଶୀଘ୍ର ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ପୁଅ ମାଡ଼ରେ ମା' ଲହୁଲୁହାଣ

**ଜଳେଶ୍ୱର ବ୍ଲକ, ୨୪।୬ (ସମିସ) :** ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଖୁଆଡ଼ ପଞ୍ଚାୟତର କେନ୍ଦୁଖୁଣ୍ଟା ଗ୍ରାମରେ ମାଆକୁ ନିଜ ପୁଅ ନିସ୍ତୁକ ମାଡ଼ ମାରି ଲହୁଲୁହାଣ କରିଛି। ମହିଳାଙ୍କୁ ଗ୍ରାମବାସୀ ଉଦ୍ଧାର କରି ପ୍ରଥମେ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାଲେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ରେଣ୍ଡା ଟୁଡୁଙ୍କ ପୁଅ ହପନା ସୋମବାର ସକାଳ ସମୟରେ କୌଣସି କଥାକୁ ନେଇ ନିଜ ମାଆ ଚାମି(୫୨)ଙ୍କୁ ନିସ୍ତୁକ ମାଡ଼ ମାରି ଲହୁଲୁହାଣ କରିଥିଲା। ଗୁରୁତର ଅବସ୍ଥାରେ ଚାମି ଘରେ ପଡ଼ି ରହିଥିବା ବେଳେ ତାଙ୍କ ସମ୍ପର୍କୀୟ ତଥା ଗ୍ରାମବାସୀ ଗୁରୁତର ଅବସ୍ଥାରେ ପ୍ରଥମେ ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାଲେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ରାଇବଣିଆ ଥାନାରେ ମୁକୁଲ କୁମାର ଟୁଡୁଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତ ହପନାକୁ ପୁଲିସ ଗିରଫ କରିଥିବା ରାଇବଣିଆ ଥାନା ପକ୍ଷରୁ ସୂଚନା ମିଳିଛି।

# କାର୍-ଟ୍ରକ ମୁହାଁମୁହିଁ ଧକ୍କା, କାର ଚାଳକ ଗୁରୁତର

**ସୋର,୨୪।୬ (ସମିସ):** ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିବା ବେଳେ ଏକ ପାଖିଆ ରାସ୍ତା ପାଇଁ ଦହିସଡା ଛକ ନିକଟରେ କାର ସହ ଟ୍ରକ ଧକ୍କା ହେବା ଫଳରେ କାର ଚାଳକ ଗୁରୁତର ଆହତ ହୋଇଛନ୍ତି। ଆଜି ଅପରାହ୍ନରେ ଭଦ୍ରକ ଜିଲ୍ଲା ତିହିଡି ବ୍ଲକ କୋଲ୍‌ହ ଗ୍ରାମର ଜଗନ୍ନାଥ ବେହେରା (୨୭) ଏକ କାରରେ ଅନ୍ୟ ଦୁଇ ଜଣଙ୍କୁ ନେଇ ବାଲେଶ୍ୱରରୁ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ଦହିସଡା ଛକ ନିକଟରେ ଏକ ଟ୍ରକକୁ ଓଭରଟେକ କରୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ପାଉଁଶ ବୋଝେଇ ଡମ୍ଫର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ କାର ଚାଳକ ଜଗନ୍ନାଥ ଗୁରୁତର ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ସାମାନ୍ୟ ଆହତ ହୋଇଥିଲେ। ଖବରପାଇ ଜାତୀୟ ରାଜପଥ ପାଟ୍ରୋଲିଂ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଜଗନ୍ନାଥଙ୍କ ଅବସ୍ଥା ଅତି ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ଖବର ପାଇ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡି ଦୁଇଟିକୁ ଜବତ କରି ସୋର ଥାନାରେ ରଖିବା ସହିତ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

# ଗୋରୁଗାଡ଼ି ଜବତ, ୩ ଗିରଫ

**ନୀଳଗିରି, ୨୪।୬ (ସମିସ):** ମଙ୍ଗଳବାର ସକାଳେ ଏକ ଗୋରୁ ବୋଝେଇ ଗାଡ଼ିକୁ ଜବତ କରିବା ସହିତ ଏଥିରେ ସଂପୃକ୍ତ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ବରହମପୁର ପୋଲିସ। ଉକ୍ତ ଗାଡ଼ିରେ ୫ଟି ଗାଈ ଏବଂ ଗୋଟିଏ ବାଛୁରୀ ବୋଝେଇ କରି ଉଦଳା ଅଭିମୁଖେ ଯାଉଥିବା ବେଳେ ବରହମପୁର ପୁଲିସ ବିଶେଷ ସୂତ୍ରରୁ ଖବରପାଇ ଆରବନ୍ଧ ରାସ୍ତାରେ ଗାଡ଼ିଟିକୁ ଅଟକ ରଖି ଥାନାକୁ ଆଣିଥିଲେ। ଏହି ଘଟଣାରେ ମୟୂରଭଞ୍ଜ ଜିଲ୍ଲା ଉଦଳାଥାନା ମଣ୍ଡଳ ଗ୍ରାମର ସଂଗ୍ରାମ ଟୁଡୁଙ୍କ ପୁଅ ନନ୍ଦକିଶୋର ଟୁଡୁ(୪୧), ବରହମପୁର ଥାନା ଶାଳଡହର ଅଞ୍ଚଳର ଜିତୁ ମାଝୀ (୪୦) ଏବଂ ପିରୁ ମୁର୍ମୁ(୪୫)ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏନେଇ ବରହମପୁର ଥାନାରେ ଏକ ମାମଲା ରୁଜୁ କରାଯାଇଛି।

# ଶିବ ମନ୍ଦିରରୁ ଚୋରି ଅଭିଯୋଗ

**ସୋର, ୨୪।୬ (ସମିସ):** ସୋର ଥାନା ଟେଣ୍ଟେଇ ପଞ୍ଚାୟତ ଦୟାନିଧିପୁର ଗ୍ରାମରେ ଥିବା ଶିବ ମନ୍ଦିରରୁ ଗତକାଲି ବିଳମ୍ବିତ ରାତିରେ ଚୋରି ହୋଇଥିବା ଜଣାପଡିଛି। ଦୟାନିଧିପୁର ଗ୍ରାମରେ ଥିବା ଶିବ ମନ୍ଦିରର ପୂଜାରୀ ବିଦ୍ୟାଧର ଦାଶ ଆଜି ସକାଳେ ପୂଜା କରିବା ପାଇଁ ଆସିବା ପରେ ମନ୍ଦିରର ତାଲା ଭଙ୍ଗାଯାଇ ୮ କିଲୋରୁ ଅଧିକ ଓଜନର ଦୁଇଟି ପିତ୍ତଳ ନାଗ, ପିତ୍ତଳ ବାଲ୍ଟି ସମେତ ୮ ଟି ସୁନା ଚିତା ଓ ପୂଜାରେ ବ୍ୟବହୃତ ଅନ୍ୟ ସାମଗ୍ରୀ ଚୋରି ହୋଇଥିବା ଜାଣିବାକୁ ପାଇ ମନ୍ଦିର କମିଟିକୁ ଜଣାଇଥିଲେ। ସୋରରେ ଦିନକୁ ଦିନ ଚୋର ମାନଙ୍କ ପ୍ରାଦୁର୍ଭାବ ବଢୁଥିବା ବେଳେ ପୁଲିସର ନିଷ୍କ୍ରିୟତା ପାଇଁ କମିଟି ପକ୍ଷରୁ ସୋର ଥାନାରେ କୌଣସି ଅଭିଯୋଗ ଦିଆଯାଇ ନ ଥିବା ମନ୍ଦିର କମିଟିର ସଭାପତି ପ୍ରଶାନ୍ତ ରାଉତ ଅସନ୍ତୋଷ ପ୍ରକାଶ କରିଛନ୍ତି। ସୋର ପୁଲିସର ନିଷ୍କ୍ରିୟତା ପାଇଁ ପ୍ରତିଦିନ ଚୋରି ହେଉଥିବା ବେଳେ ପୁଲିସ ପକ୍ଷରୁ ନିରବତା ପାଇଁ ଲୋକେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ଜିଲ୍ଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ଚୋରମାନଙ୍କୁ ସାବାଡ କରିବା ସହିତ ଲୋକ ମାନଙ୍କୁ ସୁରକ୍ଷା ଦେବାକୁ ସାଧାରଣରେ ଦାବି ହୋଇଛି।

# ଜିଲ୍ଲାପାଳ ଓ ସାଂସଦଙ୍କୁ ଦାବିପତ୍ର



**ବାଲେଶ୍ୱର,୨୪।୬ (ସମିସ):** ବନ୍ୟାରେ ସୂର୍ଯ୍ୟାପୁର ଗ୍ରାମ ଜଳବନ୍ଦୀ ଥିବାବେଳେ ଶୁଖିଲା ଖାଦ୍ୟ ବଣ୍ଟନ ହୋଇନଥିବା ଅଭିଯୋଗରେ ଆଜି ଅସ୍ତି ପଞ୍ଚାୟତବାସୀ ସାଂସଦ ଓ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତରେ କାର୍ଯ୍ୟରତ ପିଇଓ ବନ୍ୟା ସମୟରେ ବନ୍ୟା ବିପନ୍ନ ଓ ସାଧାରଣ ଲୋକଙ୍କୁ ଖରାପ ବ୍ୟବହାର ଓ ମନମୁଖୀ କାର୍ଯ୍ୟ କରୁଥିବାର ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ସେଥିପାଇଁ ତାଙ୍କୁ ଅସ୍ତି ଗ୍ରାମ ପଞ୍ଚାୟତରୁ ବଦଳି କରି ଅନ୍ୟ ଜିଲ୍ଲାକୁ ସ୍ଥାନାନ୍ତର କରିବାକୁ ଦାବି ଜଣାଇଛନ୍ତି। ସୂର୍ଯ୍ୟାପୁର ଗ୍ରାମବାସୀ ସହିତ ବିଏଚଆସିର ରାଜ୍ୟ ମିଡ଼ିଆ ସଂଯୋଜକ ଓ ଆସୋସିଏସନ୍ ଅଫ୍ ଟୁଇଟର(ଏକ୍ସ) ଆକ୍ଟିଭିଷ୍ଟ (ଆଟା) ର ବାଲିଆପାଳ ବ୍ଲକ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ଜେନା ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ଦାବିପତ୍ର ଦେଇଛନ୍ତି। ସାଂସଦ ଗ୍ରାମବାସୀମାନଙ୍କ ପାଖରୁ ଦାବିପତ୍ର ଗ୍ରହଣ କରି ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କୁ କହିଥିଲେ। ଏହା ସହିତ ଆଗାମୀ ୪-୬ ଦିନ ଭିତରେ ପିଇଓ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିବା ପୂର୍ଣ୍ଣଚନ୍ଦ୍ର ଜଣାଇଛନ୍ତି। ଏହି ସାକ୍ଷାତ ସମୟରେ ସୂର୍ଯ୍ୟାପୁର ଗ୍ରାମବାସୀ ନଳିନୀକାନ୍ତ ଜେନା, ଜୟାନନ୍ଦ ମହାଳିକ, ସନ୍ତୋଷ ଜେନା, ଜୟଦେବ ଜେନା, ଲକ୍ଷ୍ମୀକାନ୍ତ ମହାଳିକ, ପ୍ରଭାକର ଜେନା, ରବୀନ୍ଦ୍ର ଜେନା ଓ ଧୀରେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଅଟୋ ଓଲଟି ୩ ଛାତ୍ରୀ ଆହତ

**ଖଇରା,୨୪।୬ (ସମିସ):** କୁପାରୀ-ବର୍ତ୍ତନା ରାସ୍ତାର ପଦୁନା ଛକ ନିକଟରେ ଖଇରା ଆଦର୍ଶ ବିଦ୍ୟାଳୟକୁ ଛାତ୍ରଛାତ୍ରୀଙ୍କୁ ନେଇ ଆସୁଥିବା ଏକ ଅଟୋ ଓଲଟିବା ଯୋଗୁଁ ୩ଜଣ ଛାତ୍ରୀ ଆହତ ହୋଇଛନ୍ତି। ସମସ୍ତଙ୍କୁ ଚିକିତ୍ସା ପାଇଁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମଙ୍ଗଳବାର ସକାଳେ ଅଟୋଟି ହରିପୁର ଅଞ୍ଚଳରୁ ୭ ଜଣ ଛାତ୍ରଛାତ୍ରୀଙ୍କୁ ଧରି ଖଇରା ଆଦର୍ଶ ବିଦ୍ୟାଳୟକୁ ଆସୁଥିବାବେଳେ ପଦୁନା ଗ୍ରାମ



ନିକଟରେ ଆଗକୁ ଏକ ସାଇକେଲ ଆସିଯିବାରୁ ଅଟୋଟି ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିଲା। ୭ଜଣଙ୍କ ମଧ୍ୟରୁ ୩ଜଣ ଛାତ୍ରୀ ଆହତ ହୋଇ ପଡିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତଙ୍କୁ ଚିକିତ୍ସା ପାଇଁ ଖଇରା ଡାକ୍ତରଖାନା ନିଆଯାଇଥିଲା। ଆହତଙ୍କ ନାମ ଶିବାନୀ ଦାଶ, ଅଙ୍କିତା ଦାସ ଓ ରିତିଶା ରିତୁମୟୀ ଜେନା ହୋଇଥିବା ବେଳେ ସମସ୍ତେ ହରିପୁର ଗ୍ରାମର ବୋଲି ଜଣା ଯାଇଛି।

## ଟ୍ରକ୍ ପଛପଟୁ ଧକ୍କାଦେଲା କନ୍ୟାଯାତ୍ରୀ ବସ୍

# ଜଣେ ମୃତ, ୧୩ ଗୁରୁତର

**ଯୋଡ଼ା, ୨୪।୬ (ସମିସ):** କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ବିଲେଇପଦା କାରଣସାହି ନିକଟରେ କନ୍ୟାଯାତ୍ରୀ ବସ ସୋମବାର ବିଳମ୍ବିତ ରାତ୍ରିରେ ରାସ୍ତାକଡ଼ରେ ଥିବା ଏକ ଟ୍ରକ୍‌କୁ ପଛପଟୁ ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୩



ଜଣ ଗୁରୁତର ହୋଇଛନ୍ତି। ମୃତକ ହେଉଛନ୍ତି ଉକ୍ତ ବସ୍‌ର ହେଲ୍‌ପର ଅଭିନୟ ଲୁଗୁନ (୨୫)। ଘର ବଲାଣୀ ଥାନା କିରିବୁରୁ ହିଲଟପ ବୋଲି ଜଣାପଡ଼ିଛି। ବାଂଶପାଳ ବ୍ଲକ ଜାଗର ଗାଁରୁ ଏକ ବିବାହ ଭୋଜି ସାରି ବଳିତା ଗାଁକୁ ଯାଉଥିବା ବେଳେ ବିଳମ୍ବିତ ରାତିରେ ଓଡି-୦ ୯ଏବି - ୭୬୨୮ ସୁବାସିନୀ ନାମକ ଏକ ଘରୋଇ ବସ ଦୁର୍ଘଟଣାଗ୍ରସ୍ତ ହୋଇଛି। କାରଣସାହି ନିକଟରେ ବସଟି ନିୟନ୍ତ୍ରଣ ହରାଇବାରୁ ଟ୍ରକ୍ ପଛରେ ଧକ୍କା ଦେଇଥିଲା। ସମସ୍ତ ଗୁରୁତରଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇ ଚିକିତ୍ସା କରାଯାଇଛି। ଯୋଡ଼ା ଥାନା ଓ ବିଲେଇପଦା ଫାଣ୍ଡି ପୁଲିସ ଗୁରୁତର ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ୧୩ ଜଣ ମହିଳାଙ୍କ ସହ ଜଣେ ଶିଶୁ ଆହତ ହୋଇଥିବା ଜଣାପଡ଼ିଛି। ଆର୍ତ୍ତ ନାଏକଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏବେସୁଦ୍ଧା ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୭ ଜଣ ଚିକିତ୍ସାଧୀନ ରହିଛନ୍ତି।

## କୁପାରୀ ଗ୍ରାମରାସ୍ତାରେ ଆବର୍ଜନା ପାଣି

# ଡ୍ରେନ୍ ପୁନରୁଦ୍ଧାର ନ ହେଲେ ଆନ୍ଦୋଳନ




ଖଇରା,୨୪।୬ (ସମିସ)

ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ କୁପାରୀ ଗ୍ରାମ ରାସ୍ତାର ଉଭୟ ପାର୍ଶ୍ୱରେ ଆବର୍ଜନା ଭର୍ତ୍ତି ଯୋଗୁଁ ଡ୍ରେନରେ ଜଳ ନିଷ୍କାସନ ହୋଇ ପାରୁନାହିଁ। ଏବେ ବର୍ଷା ପରେ ଆବର୍ଜନା ଯୁକ୍ତ ପାଣି ପରିବେଶ ପ୍ରଦୂଷିତ ହେଉଥିବାରୁ ଜନସାଧାରଣ ବିଶେଷ କରି ସ୍କୁଲପିଲାମାନଙ୍କ ମଧ୍ୟରେ ହଇଜା ଆତଙ୍କ ଦେଖାଦେଇଛି। ଶତାଧିକ ଗ୍ରାମବାସୀ ୩ ଦିନ ମଧ୍ୟରେ ଡ୍ରେନ ବ୍ୟବସ୍ଥାର ସୁଧାର ପାଇଁ ମଙ୍ଗଳବାର ଦିନ ବାଲେଶ୍ୱର ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଖଇରା ବ୍ଲକ ବିଡିଓ, ପଞ୍ଚାୟତ କର୍ତ୍ତୃପକ୍ଷ, ଜିଲା ପରିଷଦ ସଭ୍ୟଙ୍କୁ ପ୍ରଦାନ କରିଛନ୍ତି। ଯଦି ପ୍ରଶାସନ ସେମାନଙ୍କ ଦାବିକୁ ଉପେକ୍ଷା କରେ ତେବେ ସମୂହ ଗ୍ରାମବାସୀ କୁପାରୀ ଠାରେ ସୋର-କୁପାରୀ ରାସ୍ତାକୁ ଅବରୋଧ କରିବେ ବୋଲି ଗ୍ରାମର ଅଜୟ କୁମାର ଜେନା, ସୁମନ୍ତ ଜେନା, କୈଳାସ ମାଝୀ, ପ୍ରଦୀପ କୁମାର ଦ୍ୱିବେଦୀ, ଗୌରାଙ୍ଗ ଶତପଥି ଓ ମନୋରଞ୍ଜନ ମାଝୀଙ୍କ ସମେତ ଶତାଧିକ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ ସୋର-କୁପାରୀ ପୂର୍ତ୍ତ ବିଭାଗ ରାସ୍ତାରୁ ଗ୍ରାମକୁ ଲମ୍ବିଥିବା ରାସ୍ତା ଦେଇ ଦୈନିକ ଶହ ଶହ ସଂଖ୍ୟାର ଗ୍ରାମବାସୀ ବଜାରକୁ ଯିବାଆସିବା କରିବା ବ୍ୟତିତ କୁପାରୀ ସ୍କୁଲ ସମୂହକୁ ଛୋଟ ଛୋଟ ପିଲାମାନେ ମଧ ପଢିବାକୁ ଯାଇଥାନ୍ତି। ଏହାଛଡା ବୌଦ୍ଧ ନାଟମଣ୍ଡପ, କୃପାଚାର୍ଯ୍ୟ ଯଜ୍ଞକୁଣ୍ଡ ଭଳି ପର୍ଯ୍ୟଟନ କ୍ଷେତ୍ରକୁ ମଧ ଏହି ରାସ୍ତା ସଂଯୋଗ କରୁଛି। ହେଲେ ଡ୍ରେନ ପୋତି ହୋଇଯାଇଥିବା କାରଣରୁ ସାମାନ୍ୟ ବର୍ଷା ପରେ ପାଣି ରାସ୍ତାରେ ଜମି ରହି କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି କରୁଛି। ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆବର୍ଜନା ପାଣି ମାସ ମାସ ଧରି ରାସ୍ତା ଉପରେ ଜମି ରହି ପ୍ରତିମୂହୁର୍ତ୍ତରେ ହଇଜା ଭଳି ମାରାତ୍ମକ ରୋଗକୁ ଆମନ୍ତ୍ରଣ କରୁଛି।





01. ଗୁଣ୍ଡିଚା ଯାତ୍ରା ଦିନ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ତାରିଖ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08443 | ଗୁଣପୁର-ପୁରୀ | 26.06.25 | 1830 | 27.06.25 | 0215 |
| 08533 | ଦଶପଲ୍ଲା-ପୁରୀ | 27.06.25 | 0015 | 27.06.25 | 0415 |
| 08503 | ଖୋର୍ଦ୍ଧା ରୋଡ୍-ପୁରୀ | 27.06.25 | 0245 | 27.06.25 | 0450 |
| 08413 | ପାରାଦ୍ୱୀପ-ପୁରୀ | 27.06.25 | 0230 | 27.06.25 | 0815 |
| 08415 | ତାଳଚେର-ପୁରୀ | 27.06.25 | 0345 | 27.06.25 | 1030 |
| 08317 | ଖୋର୍ଦ୍ଧାରୋଡ୍-ପୁରୀ | 27.06.25 | 0930 | 27.06.25 | 1135 |
| 08307 | କଟକ-ପୁରୀ | 27.06.25 | 0700 | 27.06.25 | 1150 |
| 08521 | ଦଶପଲ୍ଲା-ପୁରୀ | 27.06.25 | 0945 | 27.06.25 | 1305 |
| 08437 | ବ୍ରହ୍ମପୁର-ପୁରୀ | 27.06.25 | 0615 | 27.06.25 | 1320 |
| 08425 | ଢେଙ୍କାନାଳ-ପୁରୀ | 27.06.25 | 0900 | 27.06.25 | 1345 |
| 08275 | କଟକ-ପୁରୀ | 27.06.25 | 1015 | 27.06.25 | 1415 |
| 08421 | କେନ୍ଦୁଝରଗଡ଼-ପୁରୀ | 27.06.25 | 0730 | 27.06.25 | 1430 |

02. ଗୁଣ୍ଡିଚା ଯାତ୍ରା ଦିନ ପୁରୀରୁ ଛାଡୁଥିବା ସତନ୍ତ୍ର ଟ୍ରେନ୍

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08318 | ପୁରୀ-ଖୋର୍ଦ୍ଧା ରୋଡ୍ | 27.06.25 | 1635 | 27.06.25 | 1815 |
| 08276 | ପୁରୀ-କଟକ | 27.06.25 | 1650 | 27.06.25 | 2030 |
| 08306 | ପୁରୀ-କଟକ | 27.06.25 | 1845 | 28.06.25 | 0015 |
| 08414 | ପୁରୀ-ପାରାଦ୍ୱୀପ | 27.06.25 | 1925 | 28.06.25 | 0130 |
| 08438 | ପୁରୀ-ବ୍ରହ୍ମପୁର | 27.06.25 | 1940 | 28.06.25 | 0045 |
| 08522 | ପୁରୀ-ଦଶପଲ୍ଲା | 27.06.25 | 2005 | 28.06.25 | 0030 |
| 08416 | ପୁରୀ-ତାଳଚେର | 27.06.25 | 2100 | 28.06.25 | 0245 |
| 08422 | ପୁରୀ-କେନ୍ଦୁଝରଗଡ଼ | 27.06.25 | 2115 | 28.06.25 | 0700 |
| 08504 | ପୁରୀ-ଖୋର୍ଦ୍ଧା ରୋଡ୍ | 27.06.25 | 2130 | 27.06.25 | 2255 |
| 08424 | ପୁରୀ-ଢେଙ୍କାନାଳ | 27.06.25 | 2215 | 28.06.25 | 0140 |
| 08534 | ପୁରୀ-ଦଶପଲ୍ଲା | 28.06.25 | 0020 | 28.06.25 | 0415 |
| 08428 | ପୁରୀ-ଗୁଣପୁର | 28.06.25 | 0245 | 28.06.25 | 1230 |

03. ବାହୁଡ଼ା ଯାତ୍ରା ଦିନ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ତାରିଖ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08443 | ଗୁଣପୁର-ପୁରୀ | 04.07.25 | 1830 | 05.07.25 | 0215 |
| 08533 | ଦଶପଲ୍ଲା-ପୁରୀ | 05.07.25 | 0015 | 05.07.25 | 0415 |
| 08503 | ଖୋର୍ଦ୍ଧା ରୋଡ୍-ପୁରୀ | 05.07.25 | 0245 | 05.07.25 | 0450 |
| 08413 | ପାରାଦ୍ୱୀପ-ପୁରୀ | 05.07.25 | 0230 | 05.07.25 | 0815 |
| 08415 | ତାଳଚେର-ପୁରୀ | 05.07.25 | 0345 | 05.07.25 | 1030 |
| 08317 | ଖୋର୍ଦ୍ଧାରୋଡ୍-ପୁରୀ | 05.07.25 | 0930 | 05.07.25 | 1135 |
| 08307 | କଟକ-ପୁରୀ | 05.07.25 | 0700 | 05.07.25 | 1150 |
| 08521 | ଦଶପଲ୍ଲା-ପୁରୀ | 05.07.25 | 0945 | 05.07.25 | 1305 |
| 08437 | ବ୍ରହ୍ମପୁର-ପୁରୀ | 05.07.25 | 0615 | 05.07.25 | 1320 |
| 08425 | ଢେଙ୍କାନାଳ-ପୁରୀ | 05.07.25 | 0900 | 05.07.25 | 1345 |
| 08275 | କଟକ-ପୁରୀ | 05.07.25 | 1015 | 05.07.25 | 1415 |
| 08421 | କେନ୍ଦୁଝରଗଡ଼-ପୁରୀ | 05.07.25 | 0730 | 05.07.25 | 1430 |

04. ବାହୁଡ଼ା ଯାତ୍ରା ଦିନ ପୁରୀରୁ ଛାଡୁଥିବା ସତନ୍ତ୍ର ଟ୍ରେନ୍

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08318 | ପୁରୀ-ଖୋର୍ଦ୍ଧା ରୋଡ୍ | 05.07.25 | 1635 | 05.07.25 | 1815 |
| 08276 | ପୁରୀ-କଟକ | 05.07.25 | 1650 | 05.07.25 | 2030 |
| 08306 | ପୁରୀ-କଟକ | 05.07.25 | 1845 | 06.07.25 | 0015 |
| 08414 | ପୁରୀ-ପାରାଦ୍ୱୀପ | 05.07.25 | 1925 | 06.07.25 | 0130 |
| 08438 | ପୁରୀ-ବ୍ରହ୍ମପୁର | 05.07.25 | 1940 | 06.07.25 | 0045 |
| 08522 | ପୁରୀ-ଦଶପଲ୍ଲା | 05.07.25 | 2005 | 06.07.25 | 0030 |
| 08416 | ପୁରୀ-ତାଳଚେର | 05.07.25 | 2100 | 06.07.25 | 0245 |
| 08422 | ପୁରୀ-କେନ୍ଦୁଝରଗଡ଼ | 05.07.25 | 2115 | 06.07.25 | 0700 |
| 08504 | ପୁରୀ-ଖୋର୍ଦ୍ଧା ରୋଡ୍ | 05.07.25 | 2130 | 05.07.25 | 2255 |
| 08424 | ପୁରୀ-ଢେଙ୍କାନାଳ | 05.07.25 | 2215 | 06.07.25 | 0140 |
| 08534 | ପୁରୀ-ଦଶପଲ୍ଲା | 06.07.25 | 0020 | 06.07.25 | 0415 |
| 08428 | ପୁରୀ-ଗୁଣପୁର | 06.07.25 | 0245 | 06.07.25 | 1230 |

05. ସୁନା ବେଶ ଦିନ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ତାରିଖ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08443 | ଗୁଣପୁର-ପୁରୀ | 05.07.25 | 1830 | 06.07.25 | 0215 |
| 08533 | ଦଶପଲ୍ଲା-ପୁରୀ | 06.07.25 | 0015 | 06.07.25 | 0415 |
| 08503 | ଖୋର୍ଦ୍ଧା ରୋଡ୍-ପୁରୀ | 06.07.25 | 0245 | 06.07.25 | 0450 |
| 08413 | ପାରାଦ୍ୱୀପ-ପୁରୀ | 06.07.25 | 0230 | 06.07.25 | 0815 |
| 08415 | ତାଳଚେର-ପୁରୀ | 06.07.25 | 0345 | 06.07.25 | 1030 |
| 08317 | ଖୋର୍ଦ୍ଧାରୋଡ୍-ପୁରୀ | 06.07.25 | 0930 | 06.07.25 | 1135 |
| 08307 | କଟକ-ପୁରୀ | 06.07.25 | 0700 | 06.07.25 | 1150 |
| 08521 | ଦଶପଲ୍ଲା-ପୁରୀ | 06.07.25 | 0945 | 06.07.25 | 1305 |
| 08437 | ବ୍ରହ୍ମପୁର-ପୁରୀ | 06.07.25 | 0615 | 06.07.25 | 1320 |
| 08425 | ଢେଙ୍କାନାଳ-ପୁରୀ | 06.07.25 | 0900 | 06.07.25 | 1345 |
| 08275 | କଟକ-ପୁରୀ | 06.07.25 | 1015 | 06.07.25 | 1415 |
| 08421 | କେନ୍ଦୁଝରଗଡ଼-ପୁରୀ | 06.07.25 | 0730 | 06.07.25 | 1430 |

06. ସୁନା ବେଶ ଦିନ ପୁରୀରୁ ଛାଡୁଥିବା ସତନ୍ତ୍ର ଟ୍ରେନ୍

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08318 | ପୁରୀ-ଖୋର୍ଦ୍ଧା ରୋଡ୍ | 06.07.25 | 1635 | 06.07.25 | 1815 |
| 08276 | ପୁରୀ-କଟକ | 06.07.25 | 1650 | 06.07.25 | 2030 |
| 08306 | ପୁରୀ-କଟକ | 06.07.25 | 1845 | 07.07.25 | 0015 |
| 08414 | ପୁରୀ-ପାରାଦ୍ୱୀପ | 06.07.25 | 1925 | 07.07.25 | 0130 |
| 08438 | ପୁରୀ-ବ୍ରହ୍ମପୁର | 06.07.25 | 1940 | 07.07.25 | 0045 |
| 08522 | ପୁରୀ-ଦଶପଲ୍ଲା | 06.07.25 | 2005 | 07.07.25 | 0030 |
| 08416 | ପୁରୀ-ତାଳଚେର | 06.07.25 | 2100 | 07.07.25 | 0245 |
| 08422 | ପୁରୀ-କେନ୍ଦୁଝରଗଡ଼ | 06.07.25 | 2115 | 07.07.25 | 0700 |
| 08504 | ପୁରୀ-ଖୋର୍ଦ୍ଧା ରୋଡ୍ | 06.07.25 | 2130 | 06.07.25 | 2255 |
| 08424 | ପୁରୀ-ଢେଙ୍କାନାଳ | 06.07.25 | 2215 | 07.07.25 | 0140 |
| 08534 | ପୁରୀ-ଦଶପଲ୍ଲା | 07.07.25 | 0020 | 07.07.25 | 0415 |
| 08428 | ପୁରୀ-ଗୁଣପୁର | 07.07.25 | 0245 | 07.07.25 | 1230 |

07. ରଥଯାତ୍ରା ପାଇଁ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ଦିନ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08407 | ଅନୁଗୁଳ-ପୁରୀ | 26.06.2025 ଠାରୁ 07.07.2025 ପର୍ଯ୍ୟନ୍ତ | 2100 | ପରବର୍ତ୍ତୀ ଦିନ | 0145 |
| 08411 | ପାରାଦ୍ୱୀପ-ପୁରୀ | 26.06.2025 ଠାରୁ 07.07.2025 ପର୍ଯ୍ୟନ୍ତ | 2100 | ପରବର୍ତ୍ତୀ ଦିନ | 0245 |
| 08403 | ଭଦ୍ରକ-ପୁରୀ | 26.06.2025 ଠାରୁ 07.07.2025 ପର୍ଯ୍ୟନ୍ତ | 2000 | ପରବର୍ତ୍ତୀ ଦିନ | 0310 |
| 08427 | କେନ୍ଦୁଝରଗଡ଼-ପୁରୀ | 26.06.2025 ଠାରୁ 07.07.2025 ପର୍ଯ୍ୟନ୍ତ | 2030 | ପରବର୍ତ୍ତୀ ଦିନ | 0345 |
| 08429 | ପଲାସା-ପୁରୀ | 26.06.2025 ଠାରୁ 07.07.2025 ପର୍ଯ୍ୟନ୍ତ | 2130 | ପରବର୍ତ୍ତୀ ଦିନ | 0630 |
| 08431 | ଦଶପଲ୍ଲା-ପୁରୀ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 0200 | ସେହି ଦିନ | 0605 |
| 08405 | ଭଦ୍ରକ-ପୁରୀ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 0210 | ସେହି ଦିନ | 0855 |
| 08409 | ଅନୁଗୁଳ-ପୁରୀ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 0345 | ସେହି ଦିନ | 0935 |
| 08263 | ଖୋର୍ଦ୍ଧାରୋଡ୍-ପୁରୀ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 0600 | ସେହି ଦିନ | 0740 |

08. ରଥଯାତ୍ରା ପାଇଁ ପୁରୀରୁ ଛାଡୁଥିବା ସତନ୍ତ୍ର ଟ୍ରେନ୍

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ଦିନ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08432 | ପୁରୀ-ଦଶପଲ୍ଲା | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 0700 | ସେହି ଦିନ | 1045 |
| 08404 | ପୁରୀ-ଭଦ୍ରକ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 1415 | ସେହି ଦିନ | 2200 |
| 08430 | ପୁରୀ-ପଲାସା | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 1430 | ସେହି ଦିନ | 2115 |
| 08408 | ପୁରୀ-ଅନୁଗୁଳ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 1505 | ସେହି ଦିନ | 2000 |
| 08412 | ପୁରୀ-ପାରାଦୀପ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 1530 | ସେହି ଦିନ | 2145 |
| 08426 | ପୁରୀ-କେନ୍ଦୁଝରଗଡ଼ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 1600 | ସେହି ଦିନ | 2345 |
| 08406 | ପୁରୀ-ଭଦ୍ରକ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 1745 | ପରବର୍ତ୍ତୀ ଦିନ | 0030 |
| 08410 | ପୁରୀ-ଅନୁଗୁଳ | 28.06.2025 ଠାରୁ 09.07.2025 ପର୍ଯ୍ୟନ୍ତ | 0005 | ସେହି ଦିନ | 0510 |
| 08264 | ପୁରୀ-ଖୋର୍ଦ୍ଧାରୋଡ୍ | 28.06.2025 ଠାରୁ 09.07.2025 ପର୍ଯ୍ୟନ୍ତ | 0330 | ସେହି ଦିନ | 0500 |

09. ରଥଯାତ୍ରା ପାଇଁ ପୁରୀ ପହଞ୍ଚୁଥିବା ଅନ୍ୟ ସତନ୍ତ୍ର ଟ୍ରେନ୍

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ଦିନ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08385 | ରାଉରକେଲା-ପୁରୀ | 25.06.25 ଏବଂ 04.07.25 | 1020 | ସେହି ଦିନ | 2315 |
| 08037 | ସାନ୍ତ୍ରାଗାଛି-ପୁରୀ | 25.06.25 ଏବଂ 03.07.25 | 1640 | ପରବର୍ତ୍ତୀ ଦିନ | 0500 |
| 08379 | ବାଦାମପାହାଡ଼-ପୁରୀ | 25.06.25 ଏବଂ 04.07.25 | 0600 | ସେହି ଦିନ | 2115 |
| 08376 | ବୀରମିତ୍ରପୁର-ପୁରୀ | 25.06.25 ଏବଂ 04.07.25 | 1800 | ପରବର୍ତ୍ତୀ ଦିନ | 0945 |
| 08389 | ବଡ଼ବିଲ-ପୁରୀ | 25.06.25 ଏବଂ 04.07.25 | 1700 | ପରବର୍ତ୍ତୀ ଦିନ | 0415 |
| 08441 | ଜୁନାଗଡ଼ ରୋଡ୍-ପୁରୀ | 26.06.25 ଏବଂ 04.07.25 | 0920 | ସେହି ଦିନ | 2215 |
| 08461 | ବୌଦ୍ଧ-ପୁରୀ | 26.06.25 ଏବଂ 04.07.25 | 1215 | ପରବର୍ତ୍ତୀ ଦିନ | 0030 |
| 08445 | ଜଗଦଲପୁର-ପୁରୀ | 26.06.25 ଏବଂ 04.07.25 | 0900 | ପରବର୍ତ୍ତୀ ଦିନ | 0115 |
| 08453 | ସମ୍ବଲପୁର-ପୁରୀ | 26.06.25 ଏବଂ 04.07.25 | 2350 | ପରବର୍ତ୍ତୀ ଦିନ | 0955 |
| 08381 | ବାଙ୍ଗିରପୋଷି-ପୁରୀ | 26.06.25 ଏବଂ 04.07.25 | 0835 | ସେହି ଦିନ | 1830 |
| 08387 | ବାଲେଶ୍ୱର-ପୁରୀ | 26.06.25 ଏବଂ 04.07.25 | 1825 | ପରବର୍ତ୍ତୀ ଦିନ | 0130 |
| 08313 | ବିଶାଖାପାଟଣା-ପୁରୀ | 27.06.25 ଏବଂ 05.07.25 | 0045 | ସେହି ଦିନ | 1200 |
| *08593 | ରାୟଗଡ଼ା-ଖୋର୍ଦ୍ଧା ରୋଡ୍ | 26.06.25 ଏବଂ 04.07.25 | 1100 | ସେହି ଦିନ | 2355 |
| *08893 | ଗୋନ୍ଦିୟା-ଖୋର୍ଦ୍ଧା ରୋଡ୍ | 26, 28 ଏବଂ 30.06.25 02 ଏବଂ 05.07.25 | 1330 | ପରବର୍ତ୍ତୀ ଦିନ | 0845 |

* ଟ୍ରେନ୍ ସଂଖ୍ୟା 08893 ଏବଂ 08593 ଖୋର୍ଦ୍ଧା ରୋଡ୍ ପର୍ଯ୍ୟନ୍ତ ଚଳାଚଳ କରିବ

10. ରଥଯାତ୍ରା ପାଇଁ ପୁରୀରୁ ଛାଡୁଥିବା ଅନ୍ୟ ସତନ୍ତ୍ର ଟ୍ରେନ୍

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ଦିନ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08380 | ପୁରୀ-ବାଦାମପାହାଡ଼ | 27.06.25 ଏବଂ 06.07.25 | 2340 | ପରବର୍ତ୍ତୀ ଦିନ | 1500 |
| 08377 | ପୁରୀ-ବୀରମିତ୍ରପୁର | 27.06.25 ଏବଂ 06.07.25 | 2225 | ପରବର୍ତ୍ତୀ ଦିନ | 1230 |
| 08390 | ପୁରୀ-ବଡ଼ବିଲ | 27.06.25 ଏବଂ 06.07.25 | 2140 | ପରବର୍ତ୍ତୀ ଦିନ | 1000 |
| 08442 | ପୁରୀ-ଜୁନାଗଡ଼ ରୋଡ୍ | 27.06.25 ଏବଂ 05.07.25 | 2325 | ପରବର୍ତ୍ତୀ ଦିନ | 1245 |
| 08386 | ପୁରୀ-ରାଉରକେଲା | 28.06.25 ଏବଂ 06.07.25 | 0300 | ସେହି ଦିନ | 1550 |
| 08038 | ପୁରୀ-ସାନ୍ତ୍ରାଗାଛି | 28.06.25 ଏବଂ 06.07.25 | 0015 | ସେହି ଦିନ | 1330 |
| 08462 | ପୁରୀ-ବୌଦ୍ଧ | 28.06.25 ଏବଂ 06.07.25 | 0230 | ସେହି ଦିନ | 1430 |
| 08446 | ପୁରୀ-ଜଗଦଲପୁର | 28.06.25 ଏବଂ 06.07.25 | 0045 | ସେହି ଦିନ | 1645 |
| 08454 | ପୁରୀ-ସମ୍ବଲପୁର | 28.06.25 ଏବଂ 06.07.25 | 0100 | ସେହି ଦିନ | 0930 |
| 08382 | ପୁରୀ-ବାଙ୍ଗିରପୋଷି | 28.06.25 ଏବଂ 06.07.25 | 1815 | ପରବର୍ତ୍ତୀ ଦିନ | 0600 |
| 08388 | ପୁରୀ-ବାଲେଶ୍ୱର | 28.06.25 ଏବଂ 06.07.25 | 0200 | ସେହି ଦିନ | 0800 |
| 08314 | ପୁରୀ-ବିଶାଖାପାଟଣା | 28.06.25 ଏବଂ 06.07.25 | 0215 | ସେହି ଦିନ | 1300 |
| *08594 | ଖୋର୍ଦ୍ଧା ରୋଡ୍-ରାୟଗଡ଼ା | 28.06.25 ଏବଂ 06.07.25 | 0100 | ସେହି ଦିନ | 1500 |
| *08894 | ଖୋର୍ଦ୍ଧା ରୋଡ୍-ଗୋନ୍ଦିୟା | 28 ଏବଂ 29.06.25 01, 03 ଏବଂ 07.07.25 | 1100 | ପରବର୍ତ୍ତୀ ଦିନ | 0415 |

* ଟ୍ରେନ୍ ସଂଖ୍ୟା 08894 ଏବଂ 08594 ଖୋର୍ଦ୍ଧା ରୋଡ୍ ଠାରୁ ଛାଡିବ

ରଥଯାତ୍ରା ସତନ୍ତ୍ର ଟ୍ରେନ ଗୁଡ଼ିକ ସତନ୍ତ୍ର ଭଡ଼ା ଟ୍ରେନ ଭାବରେ ପୁରୀ ଠାରୁ ଏବଂ ପୁରୀକୁ ଚଳାଚଳ କରିବ। ପଲାସା ମାର୍ଗ ଦେଇ ପୁରୀକୁ/ପୁରୀରୁ ଆସିବାକୁ କିମ୍ବା ଯିବାକୁ ଥିବା ସମସ୍ତ ଟ୍ରେନ୍ ଖୋର୍ଦ୍ଧା ରୋଡ୍ ନଯାଇ ଭାୟା-ଅରୁଗୁଳ ଏବଂ ହରିପୁରଗ୍ରାମ ମାର୍ଗ ଦେଇ ଯାତାୟାତ କରିବ।

ECOR YATRA APP | UTS ON MOBILE

or DOWNLOAD from Play Store

UTS ON MOBILE
ଅଣସଂରକ୍ଷିତ କାଗଜବିହୀନ ଟିକେଟ୍ ପାଇଁ

ରଥଯାତ୍ରା ମୋବାଇଲ୍ ଆପ୍
ସମସ୍ତ ସୂଚନା ପାଇଁ ECoR Rath Yatra ମୋବାଇଲ୍ ଆପ୍ ECOR YATRA ପରିଦର୍ଶନ କରନ୍ତୁ
Google Play Store ରୁ ଏହି ଆପ୍ ଡାଉନ୍‌ଲୋଡ୍ କରନ୍ତୁ



ପୂର୍ବ ତଟ ରେଳପଥ
www.eastcoastrail.indianrailways.gov.in

ଡାଏଲ୍ କରନ୍ତୁ 139 — ଟ୍ରେନ୍ ସହିତ ଜଡ଼ିତ କୌଣସି ସହାୟତା ସୂଚନା ଏବଂ ଅଭିଯୋଗ ନିମନ୍ତେ ଏକିକୃତ ନମ୍ବର

D-5/25-26

www.facebook/@EASTCOASTRailway1 www.x.com/@EastCoastRail www.instagram.com/cproecor



ଦେଶବାସୀ ଦୁର୍ନୀତି ବିରୋଧୀ ସଂଗ୍ରାମରେ ହତୋତ୍ସାହିତ ହେବା ଅନୁଚିତ ।
- ଆନ୍ନା ହଜାରେ

ସକାଳ
THE SAKALA

# ଶାନ୍ତି-ସୌଦାଗର

ସାମ୍ପ୍ରତିକ ଅଣୁଘଟକ(କାଟାଲିଷ୍ଟ)-ଅବଦମିତ ବିଶ୍ୱର ବିଡ଼ମ୍ବନା ହେଲା ଅସାମାଜିକ ଓ ଅବାଞ୍ଛିତ ତତ୍ତ୍ୱର ଉତ୍ପ୍ରେରକମାନେ ହିଁ ଶାନ୍ତି, ସହାବସ୍ଥାନ ଓ ସ୍ଥିରତାର ନିୟନ୍ତ୍ରକ ଓ ବାର୍ତ୍ତାବହ । ଆଉଟିକେ ସରଳ ଶବ୍ଦରେ ବୁଝାଇ କହିଲେ - ଯେତେବେଳ ପର୍ଯ୍ୟନ୍ତ କଂସେଇମାନେ ମାଂସ କାଟିବା ପାଇଁ ଅନିଚ୍ଛା ପୋଷଣ କରିନାହାନ୍ତି କିମ୍ବା ମଦବିକ୍ରେତାମାନେ ଉତ୍ପାଦନ କିମ୍ବା ବିକ୍ରି ବନ୍ଦ କରିନାହାନ୍ତି କିମ୍ବା ସମରବିଳାସୀମାନେ ଗୁଳିଗୋଳା ଓ ବିଧ୍ୱଂସକାରୀ ଅସ୍ତ୍ରଶସ୍ତ୍ର ଉତ୍ପାଦନ ପାଇଁ ବୀତସ୍ପୃହ ହୋଇନାହାନ୍ତି ସେତେବେଳେ ପର୍ଯ୍ୟନ୍ତ ହିଂସାମୁକ୍ତ, ନିଶାମୁକ୍ତ, ଯୁଦ୍ଧମୁକ୍ତ ବିଶ୍ୱ ବା ସମାଜ ଗଠନ ପରୀରାଇଜର ସ୍ୱପ୍ନ ସହ ସମାନ । ଆଜିର ବିଶ୍ୱରେ ଯେଉଁ ଅଣୁଘଟକମାନେ ସମସ୍ୟା ସୃଷ୍ଟି କରନ୍ତି, ସେମାନେ ହିଁ ସମାଧାନର ସୂତ୍ର ବତାଇ ଦିଅନ୍ତି । ବସ୍ତୁତଃ ସେମାନେ ସମାଧାନର ସୂତ୍ର ହାତମୁଠାରେ ଲୁଚାଇ ରଖି ସମସ୍ୟା ସୃଷ୍ଟି କରନ୍ତି । ଏହି ପୃଷ୍ଠଭୂମିରେ ଏକ ଆଶ୍ୱସ୍ତିର ବିଷୟ ଏହା ହେବ ଯେ ସେହି ଅଣୁଘଟକମାନେ ସେମାନଙ୍କ ସମାଜ ଓ ସଭ୍ୟତା ବିରୋଧୀ କାର୍ଯ୍ୟକଳାପକୁ ଯେତେ ସଂକୁଚିତ କରିବାକୁ ପ୍ରତିଶ୍ରୁତିବଦ୍ଧ ହେବେ ତାହା ସେତିକି ଅଶାନ୍ତିର ବାତାବରଣ ହ୍ରାସ କରିବ । ନାହିଁ ମାମୁଠାରୁ କଣା ମାମୁ ଭଲ ନ୍ୟାୟରେ ତାହା 'ସ୍ଥିର-ଶାନ୍ତି' ନ ହେଲେ ମଧ୍ୟ ପରୋକ୍ଷରେ ଏକ 'ଛାୟା-ଶାନ୍ତି'ର ବାର୍ତ୍ତା ଦେବ । ଗତକିଛିଦିନ ଧରି ବିଶ୍ୱର ସର୍ବବୃହତ୍ ଗୁଳିଗୋଳା ଓ ଯୁଦ୍ଧାସ୍ତ୍ର ଉତ୍ପାଦନକାରୀ ରାଷ୍ଟ୍ର ଆମେରିକାର ମତିଗତି ଲକ୍ଷ୍ୟ କଲେ ସେଥିରେ ବିଶ୍ୱ ପାଇଁ ଯେ ଏକ 'ଛାୟା-ଶାନ୍ତି' ପ୍ରତିଷ୍ଠାର ସନ୍ଦେଶ ଅଛି ତାହା ବୁଝାପଡ଼ିବ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରୁ ଅଦ୍ୟାବଧି ବିଶ୍ୱରେ ଯେତେସବୁ ଯୁଦ୍ଧ ଓ ଦ୍ୱନ୍ଦ୍ୱର ଘନଘଟା ସୃଷ୍ଟି ହୋଇଛି ତା'ପଛରେ ପ୍ରଚ୍ଛନ୍ନ ଭୂମିକା ଯେ ଆମେରିକାର ରହିଛି ତାହା ଆଉ ପ୍ରମାଣ କରିବାକୁ ବାକି ନାହିଁ । ଭିଏତ୍‌ନାମରୁ ଆରମ୍ଭ କରି ଇରାକ୍, ଆଫ୍‌ଗାନିସ୍ତାନ ବିରୋଧରେ ପ୍ରତ୍ୟକ୍ଷ ଯୁଦ୍ଧ ହେଉ କିମ୍ବା ଦକ୍ଷିଣକୋରିଆ-ଉତ୍ତରକୋରିଆ, ଭାରତ-ପାକିସ୍ତାନ, ଚୀନ୍-ଜାପାନ, ଇରାନ୍-ଇରାକ୍, ଇରାକ୍-କୁଏତ, ଚୀନ୍-ତାଇୱାନ୍, ରୁଷ୍-ୟୁକ୍ରେନ୍, ଇସ୍ରାଏଲ୍-ପାଲେଷ୍ଟାଇନ୍ ଓ ସମ୍ପ୍ରତି ଇସ୍ରାଏଲ୍-ଇରାନ୍ ବିବାଦରେ ଆମେରିକାର ବଡ଼ଭାଇ ପଣିଆ ପରିସ୍ଥିତିକୁ ଅଧିକ ଜଟିଳ କରିଛି ଏବଂ ବିବାଦର ସ୍ଥାୟୀ ସମାଧାନ ବଦଳରେ ସମସ୍ୟା ଅଧିକ ବିଲମ୍ବିତ ହୋଇଛି । ଅଥଚ ବିଡ଼ମ୍ବନା ହେଉଛି ଆମେରିକାର ସର୍ବାଧିକ ଚାରିଜଣ ରାଷ୍ଟ୍ରମୁଖ୍ୟ ନୋବେଲ୍ ଶାନ୍ତି ପୁରସ୍କାରରେ ସମ୍ମାନିତ ହୋଇଛନ୍ତି । ଏବେ ସେହି ଦୌଡ଼ରେ ଆଉ ଜଣେ ତଥାକଥିତ ଶାନ୍ତିର ସୌଦାଗର ଭାବେ ଡୋନାଲ୍ଡ ଟ୍ରମ୍ପ ନିଜକୁ ସାମିଲ୍ କରିଛନ୍ତି ।

ଆମେରିକାର ପ୍ରଥମ ରାଷ୍ଟ୍ରପତିତ୍ୱ ପାଳିରେ ଟ୍ରମ୍ପ ମହାଶୟ ଅଯାଚିତ ଭାବେ କାଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା କରିବାକୁ ଆଗ୍ରହ ପ୍ରକାଶ କରି ନୋବେଲ୍ ଶାନ୍ତି ପୁରସ୍କାର ଦୌଡ଼ରେ ପ୍ରଥମ ପାଦ ରଖିଥିଲେ । ସେ ଦିଗରେ ସେ ପାକିସ୍ତାନର ତତ୍କାଳୀନ ପ୍ରଧାନମନ୍ତ୍ରୀ ଓ ସେନାମୁଖ୍ୟଙ୍କ ସହିତ ହ୍ୱାଇଟ୍ ହାଉସ୍‌ରେ ଆଲୋଚନା ମଧ୍ୟ କରିଥିଲେ । କିନ୍ତୁ ଦୌଡ଼ରେ ଦ୍ୱିତୀୟ ପାଦ ପକାଇବା ପୂର୍ବରୁ ସମୟ ତାଙ୍କଠାରୁ ରାଷ୍ଟ୍ରପତି ପଦ କାଢ଼ି ନେଲା । ନୋବେଲ୍ ଶାନ୍ତି ପୁରସ୍କାରର ଲାଳସା ତାଙ୍କୁ ଏବେ ଏତେ ବ୍ୟଗ୍ର କରିଛି ଯେ ଅଗତ୍ୟା ଦ୍ୱିତୀୟ ଥର ରାଷ୍ଟ୍ରପତି ରୂପେ ନିର୍ବାଚିତ ହେବା ପରଠାରୁ ସେ ଉନ୍ମାଦ ପ୍ରାୟ ଗୋଟିଏ ପରେ ଗୋଟିଏ ଅସଫଳ ଉଦ୍ୟମ କରି ଲୋକହସା ହୋଇଆସୁଛନ୍ତି । ପ୍ରଥମେ ରୁଷ-ୟୁକ୍ରେନ୍ ଯୁଦ୍ଧର ଅବସାନ ପାଇଁ ନିଜଆଡ଼ୁ ମଧ୍ୟସ୍ଥତା କରି ଅପଦସ୍ତ ହେବା ପରେ 'ଅପରେସନ୍ ସିନ୍ଦୂର'ରେ ଭାରତ-ପାକିସ୍ତାନ ଅସ୍ତ୍ରବିରତିର ଶ୍ରେୟ ନେବାରେ ତାଙ୍କ ଆତୁରତା ବାରି ହେଲା ସିନା ତାଙ୍କୁ ନୋବେଲ୍ ପ୍ରତିଯୋଗିତାରେ ପ୍ରତିଦ୍ୱନ୍ଦ୍ୱିତାର ଶ୍ରେୟ ଦେଇପାରିଲା ନାହିଁ । ସେଥିରେ କିନ୍ତୁ ଚତୁର ଟ୍ରମ୍ପ ହତୋତ୍ସାହିତ ହୋଇ ନାହାନ୍ତି ବରଂ ଆଉ ଏକ ପରୀକ୍ଷା ପାଇଁ ମଧ୍ୟପ୍ରାଚ୍ୟକୁ ବାଛିଛନ୍ତି ।

ଇରାନ୍‌ର ଆଣବିକ କାର୍ଯ୍ୟକ୍ରମ ଆଜିର ନୁହେଁ । କିନ୍ତୁ ହଠାତ୍ ଆନ୍ତର୍ଜାତିକ ଆଣବିକ ସଂସ୍ଥାର ପରିଚାଳନା ବୈଠକ ଅନୁଷ୍ଠିତ ହେବା, ଇରାନ୍ ବିରୋଧରେ କଟକଣା ସଂକଳ୍ପ ପାରିତ ହେବା, ତତ୍କାଳ ଇସ୍ରାଏଲ୍ ଆଗତକୁହା ଭାବେ ଇରାନ୍ ଉପରେ ଆକ୍ରମଣ କରିବା, ଇସ୍ରାଏଲ୍‌ର ସହାୟତା ପାଇଁ ଆମେରିକା ପ୍ରତ୍ୟକ୍ଷ ଯୁଦ୍ଧକୁ ଓହ୍ଲାଇବା, ପୁଣି ଯୁଦ୍ଧବିରତି ପାଇଁ ଉଭୟ ରାଷ୍ଟ୍ରକୁ ରାଜି କରାଇବା ଏବଂ ଆଶ୍ଚର୍ଯ୍ୟଜନକ ଭାବେ ଇରାନ୍ ଉପରେ ଆକ୍ରମଣ ପାଇଁ ଇସ୍ରାଏଲ୍ ଉପରେ ଅସନ୍ତୋଷ ପ୍ରକାଶ କରିବା ଆଦି ଘଟଣାକ୍ରମ ଆଦୌ କାକତାଳିକା ହୋଇ ନ ପାରେ । ଏହାପଛରେ ଟ୍ରମ୍ପଙ୍କ ଶାନ୍ତି ଦୂତ ହେବାର ଲାଳସା କେତେ ଉତ୍କଟ ତାହା ସ୍ପଷ୍ଟ ହେଉଛି । କେବଳ ଇରାନ୍ ଯେ ଲୁଚାଛପାରେ ଆଣବିକ କାର୍ଯ୍ୟକଳାପ ଜାରି ରଖିଛି ତା'ନୁହେଁ । ଇସ୍ରାଏଲ୍ ମଧ୍ୟ ସମପଥର ଯାତ୍ରୀ । ଉତ୍ତରକୋରିଆ, ପାକିସ୍ତାନ ଭଳି ବିପଜ୍ଜନକ ସେନାଶାସନ କବଳିତ ରାଷ୍ଟ୍ର ହାତରେ ମଧ୍ୟ ଅଣୁଅସ୍ତ୍ର ରହିଛି । ତେବେ ହଠାତ୍ ସେମାନେ କିପରି ସୁନା ପୁଅ ହୋଇଗଲେ, ଅଥଚ ଇରାନ୍ ପଟୁ ବିଶ୍ୱକୁ ଏତେ ବଡ଼ ବିପଦ ଟ୍ରମ୍ପଙ୍କୁ ଦେଖାଗଲା? ଏ ପ୍ରଶ୍ନର ଉତ୍ତର ଖୋଜିବା ବେଳେ ଟ୍ରମ୍ପଙ୍କ ଇରାନ୍ ବିରୋଧୀ ଆଭିମୁଖ୍ୟର ଉଦାହରଣ ସ୍ୱତଃସାମ୍ନାକୁ ଆସେ । ୨୦୧୧ରେ ଇରାନ୍ ସହିତ ଆମେରିକା ସ୍ୱାକ୍ଷର କରିଥିବା ଆଣବିକ ଚୁକ୍ତିକୁ ୨୦୧୮ ମସିହାରେ ଟ୍ରମ୍ପ ବାତିଲ୍ କରିଦେବା ପରେ ଆଗକୁ କ'ଣ ହେବାକୁ ଯାଉଛି ତାହା କିଛିଟା ବୁଝା ପଡୁଥିଲା, ଯାହା ଏବେ ଅଧିକ ସ୍ପଷ୍ଟ ହୋଇଛି ।

ସାମ୍ପ୍ରତିକ ଆମେରିକା ଅଧ୍ୟୁଷିତ ଭୂରାଜନୈତିକ ସମୀକରଣ ଅନୁଯାୟୀ ଯୁଦ୍ଧ ପରିସ୍ଥିତି ସୃଷ୍ଟି ନ ହେବା ପର୍ଯ୍ୟନ୍ତ ଶାନ୍ତିର କଥା ଉଠିବ କେମିତି? ତେଣୁ ଯେଉଁଠି ଯୁଦ୍ଧର ସମ୍ଭାବନା ନାହିଁ ସେଠାରେ ତାହାର ସୂତ୍ରପାତ କରି ପୁଣି ସାଧୁ ବେଶରେ ଅବତୀର୍ଣ୍ଣ ହେବାକୁ ପଡ଼ିବ କିମ୍ବା ଯେଉଁଠି ଯୁଦ୍ଧପରିସ୍ଥିତି ସୃଷ୍ଟି ହୋଇସାରିଛି ସେଠାରେ ଶାନ୍ତିର ଧ୍ୱଜା ଧରି ଧସେଇ ପଶିବାକୁ ହେବ । ଏହି ଗଳଦ୍‌ର୍ଘମ ଉଦ୍ୟମ ଟ୍ରମ୍ପ ମହାଶୟ କରିଚାଲିଛନ୍ତି । ଆମେରିକା ଏବେ ବିଶ୍ୱକୁ ଏଭଳି ଏକ ଯୁଦ୍ଧ ବଜାରରେ ପରିଣତ କରିଦେଇଛି, ଯେଉଁଠାରେ ସେ ପ୍ରଭୂତ ଧନ-ଜୀବନ ବଦଳରେ ଶାନ୍ତିର ସଉଦା କରିପାରିବ ଏବଂ ଶାନ୍ତିର ବାର୍ତ୍ତାବହ ଭାବେ ନିଜକୁ ବିଶ୍ୱସ୍ୱୀକୃତି ଦେଇପାରିବ । ବିଶ୍ୱର ଆଉ ଏକ ବିଡ଼ମ୍ବନା ହେଲା ବିଶ୍ୱର ଏହି ସମର ସୌଦାଗରକୁ ଶାନ୍ତିର ଦୂତ ଭାବେ ସ୍ୱୀକୃତି ଦେବା ପାଇଁ ସୁପାରିସ କରିଛି ପାକିସ୍ତାନ ଭଳି ଆତଙ୍କବାଦୀ ଉତ୍ପାଦନ ଓ ରପ୍ତାନୀର କୁଖ୍ୟାତି ଅର୍ଜନ କରିଥିବା ଏକ ଅସ୍ଥିର ଓ ଅସଫଳ ରାଷ୍ଟ୍ର । ଯଦି ପାକିସ୍ତାନର ଏହି ସୁପାରିସ ନୋବେଲ୍ ପୁରସ୍କାର ଚୟନ କମିଟି ଦ୍ୱାରା ଅନୁମୋଦିତ ହୁଏ ତେବେ ବିଶ୍ୱ ଅନ୍ତତଃ ଆଗାମୀ କିଛିବର୍ଷ ପର୍ଯ୍ୟନ୍ତ ଯୁଦ୍ଧର ଘନଘଟା, ଅସ୍ଥିରତା ଓ ଅଶାନ୍ତିରୁ ସାମୟିକ ମୁକ୍ତି ପାଇବ । ଏହା କ'ଣ ଉପରବର୍ଣ୍ଣିତ 'ଛାୟା-ଶାନ୍ତି'ର ପଦଚିହ୍ନ ହେବ ନାହିଁ କି?

# ଅଶରୀରୀ କାହାଣୀର ସାମାଜିକ ଆବେଦନ

ଡକ୍ଟର ଅବଶ ପରିଡ଼ା

ଭୂତଗପ ହେଉଛି ଭାରତୀୟ ଲୋକକଥାର ଏକ ପ୍ରମୁଖ ଅଂଶ । ସମାଜବିଜ୍ଞାନର ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଅଗଣିତ ଭୂତଗପ ସହିତ ଆମ ଦେଶରେ ୮୫ ରୁ ଅଧିକ ପ୍ରକାରର ଭୂତ ଅଛନ୍ତି । ଭୂତଙ୍କ ଭୟ ଓ ପ୍ରଭାବ ଅନୁଯାୟୀ ସମାଜ ସେମାନଙ୍କ ପଦାନୁକ୍ରମ ମଧ୍ୟ ସ୍ଥିର କରିଛି । କିନ୍ତୁ ଆଶ୍ଚର୍ଯ୍ୟର କଥା, ଅନେକ ପ୍ରକାରଭେଦ ଓ ବର୍ଗୀକରଣ ସତ୍ତ୍ୱେ ଦେଶର ବିଭିନ୍ନ ସ୍ଥାନ, ସଂସ୍କୃତି ଏବଂ ସମ୍ପ୍ରଦାୟରେ ଭୂତ ଓ ଭୂତଗପ ମଧ୍ୟରେ ଏକ ଅଦ୍ଭୁତ ସମାନତା ଅଛି । ଦୁଇଟି ଭିନ୍ନ ଚିନ୍ତାଧାରା ଦ୍ୱାରା ପରିଚାଳିତ ଭୂତ ଲୋକକଥା । ପ୍ରଥମ ଚିନ୍ତାଧାରା କୁହେ ଯେ ଉଭୟ ଭାରତୀୟ ଓ ପାଶ୍ଚାତ୍ୟ ସଂସ୍କୃତି ପାଇଁ ଭୂତଗପ ହେଉଛି ଅଜଣା ରହସ୍ୟକୁ ଜାଣିବାର ଏବଂ ଭୟକୁ ସାମ୍ନା କରିବାର ଏକ ଉପାୟ । ଅପରପକ୍ଷେ, ସଂସ୍କୃତି ଓ ପରମ୍ପରା ମଧ୍ୟରେ ଭୂତଗପର ପ୍ରଚଳନ ଏକ ଲୋକପ୍ରିୟ କଳ୍ପନା ବୋଲି ସମାଜବିଜ୍ଞାନୀମାନେ ମତପୋଷଣ କରନ୍ତି ।

ପ୍ରାଚୀନକାଳରୁ ଭୂତ, ପ୍ରେତ ଓ ଅଶରୀରୀ ଇତ୍ୟାଦି ଭାରତୀୟ ପୌରାଣିକ କାହାଣୀର ଅଂଶ ହୋଇଆସିଛନ୍ତି, ଯାହାର ଉଲ୍ଲେଖ ରାମାୟଣ ଓ ମହାଭାରତ ଭଳି ମହାକାବ୍ୟରେ ମଧ୍ୟ ରହିଛି । ସେହିପରି ଋଗବେଦରେ ବିଭିନ୍ନ ପ୍ରକାରର ଆକାର ବର୍ଗୀକରଣ କଥା ଉଲ୍ଲେଖ ଅଛି । ଭୂତର ଅସ୍ତିତ୍ୱକୁ ପ୍ରାୟ ସମସ୍ତ ଭାରତୀୟ ସଂସ୍କୃତିରେ ଗ୍ରହଣ କରାଯାଇଛି । ଏସବୁ ଆମ ଲୋକକଥା ବା 'ଆଇ ମା କାହାଣୀ'ରେ ପ୍ରତିଫଳିତ । ଭୂତଗପ ହେଉଛି ଏକ ଲୋକପ୍ରିୟ ସାଂସ୍କୃତିକ ବିଶ୍ୱାସ । ଏହା ସାମାଜିକ ଅବସ୍ଥା, ପରମ୍ପରା, ଆତ୍ମା ଓ ଅଲୌକିକ ସତ୍ତା ଉପରେ ଥିବା ସାମାଜିକ ମତାମତର ପ୍ରତିଫଳନ । ତୁମ୍ବକରେ କହିବାକୁ ଗଲେ, ଭୂତକାହାଣୀ ହେଉଛି ସାମାଜିକ ଗତିଶୀଳତା ଏବଂ ପାରସ୍ପରିକ କ୍ରିୟାକୁ ପ୍ରଭାବିତ କରୁଥିବା ଆମ ଲୋକକଥାର ଏକ ଉପଧାରା । ଐତିହାସିକ ଓ ସମସାମୟିକ ପ୍ରସଙ୍ଗରୁ ଏହାର ଉତ୍ପତ୍ତି । ସମାଜବିଜ୍ଞାନର ଏକ ତତ୍ତ୍ୱ ଅନୁଯାୟୀ ଭୂତଗପ ହେଉଛି ସମ୍ପ୍ରଦାୟ ମଧ୍ୟରେ ବ୍ୟକ୍ତିବିଶେଷଙ୍କୁ ସଂଯୋଗ କରିବାର ଏକ ମାଧ୍ୟମ । ସେହିପରି ସମାଜବିଜ୍ଞାନୀମାନଙ୍କର ଅନ୍ୟ ଏକ ମହଲ ଯୁକ୍ତି କରନ୍ତି ଯେ ଏହା ହେଉଛି ବ୍ୟାପକ ସାଂସ୍କୃତିକ ମୂଲ୍ୟବୋଧ ଏବଂ ସାମାଜିକ ପରିବର୍ତ୍ତନର ପ୍ରତିଛବି । ଅନେକାଂଶରେ ଏହି କାହାଣୀ ସବୁ ସାମାଜିକ ଉତ୍ତେଜନା, ସାମାଜିକ ସମ୍ପର୍କ, ସମ୍ପ୍ରଦାୟ ଚିନ୍ତା ଓ ବ୍ୟକ୍ତିଗତ ଅଭିଜ୍ଞତାକୁ ପରିପ୍ରକାଶ କରିବାର ଏକ ପ୍ରକୃଷ୍ଟ ମାଧ୍ୟମ ଭାବେ ପରିଗଣିତ ହୁଏ ।

ଭୂତ କାହାଣୀ କହିବା ଏକ ସାଧାରଣ ଘଟଣା ଲାଗିପାରେ; କିନ୍ତୁ ଜାଣି ରଖିବାକୁ ହେବ ଯେ ଭୂତଗପ ମଧ୍ୟ ସମୟ ସହିତ ବିକଶିତ ହୋଇଛି । ଏବେ ଅନେକ ଅନଲାଇନ୍ ପ୍ଲାଟଫର୍ମ, ପୋଡ୍‌କାଷ୍ଟ, ୱେବସିରିଜ୍ ଓ ସାକ୍ଷାତକାରରେ ଭୂତ, ପ୍ରେତ ଓ ଆତ୍ମା ବିଷୟରେ ଆଲୋଚନା କରାଯାଉଛି । ଅତି ସତର୍କତା ଓ ଚମତ୍କାର ଶୈଳୀରେ ଡିଜାଇନ୍ କରାଯାଇଥିବା ଏହିସବୁ ଉପାଦାନ ଅନେକଙ୍କୁ ପ୍ରଭାବିତ କରୁଛି । ଭୂତମାନଙ୍କ ପ୍ରତି ସାମୂହିକ ଆକର୍ଷଣ ଦ୍ୱାରା ପରିଚାଳିତ ଏହି ଡିଜିଟାଲ୍ ଅଭିଯାନ ଅଜାଣତରେ ଏକ ସାମାଜିକ ଗତିଶୀଳତାରେ ପରିଣତ ହୋଇସାରିଛି । କୁହାଯାଏ, ଏହାର ଏକ ବିଶାଳ ବଜାର ଅର୍ଥନୀତି ମଧ୍ୟ ଅଛି । 'ଅନ୍ ଦ ବିଲିଫ୍ ଇନ୍ ଭୂତସ୍-ଡେଭିଲ୍ ଆଣ୍ଡ ଘୋଷ୍ଟ ଓରଶିପ୍ ଇନ୍ ୱେଷ୍ଟର୍ଣ୍ଣ ଇଣ୍ଡିଆ' ପୁସ୍ତକରେ ଉଲ୍ଲେଖ କରାଯାଇଛି ଯେ ବର୍ତ୍ତମାନ ଚଳଚ୍ଚିତ୍ରଗୁଡ଼ିକରେ ପୁରୁଷପ୍ରଧାନ ଢାଞ୍ଚାକୁ ଆହ୍ୱାନ କରି ଭୂତମାନଙ୍କୁ ଏକ ସଶକ୍ତୀକରଣ ଏବଂ ସାମାଜିକ ପରିବର୍ତ୍ତନର ପ୍ରତିନିଧି ଭାବରେ ଉପସ୍ଥାପନ କରାଯାଉଛି । ସାମାଜିକ ପ୍ରସଙ୍ଗ ଓ ଲୋକକଥାର ଉପାଦାନ ସହିତ ଭୂତ କାହାଣୀକୁ ମିଶାଇ ଆଧୁନିକ ଭାରତୀୟ ଚଳଚ୍ଚିତ୍ର ନିର୍ମାତାମାନେ ଏକ ନୂଆ ପ୍ରକାରର ସାଂସ୍କୃତିକ ଐତିହ୍ୟକୁ ଚିତ୍ରଣ କରୁଛନ୍ତି । ସ୍ତ୍ରୀ, ତୁମ୍ବାଡ଼, ବୁଲବୁଲ, ମୁଞ୍ଜ୍ୟ, କାନ୍ତାରା ଓ ଓଡ଼ିଆ ସିନେମା 'ବୋଉ', 'ବୁଟୁ', 'ଭୂତ' ଭଳି ଚଳଚ୍ଚିତ୍ରଗୁଡ଼ିକ ହେଉଛି ଏହାର ପ୍ରକୃଷ୍ଟ ଉଦାହରଣ ।

ଚିରୁଗୁଣି, ବାବନା ଭୂତ, ବ୍ରହ୍ମରାକ୍ଷସ, ଖବିସ, ମାଦଳ, ଡାହାଣୀ, ପ୍ରେତିନୀ ଓ କବନ୍ଧ ଭଳି ଚରିତ୍ର ଓଡ଼ିଆ ଭୂତ କାହାଣୀର ପ୍ରମୁଖ ଚରିତ୍ର । ଓଡ଼ିଶାରେ ପାଞ୍ଚଟି ଭୂତକାହାଣୀ ବିଶେଷ ଭାବରେ ଲୋକପ୍ରିୟ । ପ୍ରଥମଟି ହେଉଛି ଜଣେ ମହିଳା ତାଙ୍କ ମୃତ ସନ୍ତାନକୁ ସେକିବା ସମୟରେ ନିଜ ଗୋଡ଼କୁ ନିଆଁରେ ପୋଡୁଥିବାର କାହାଣୀ । ଦ୍ୱିତୀୟ କାହାଣୀ ହେଉଛି ଏକ ପ୍ରକାର ଭୂତ, ଯାହା ବିଭିନ୍ନ ପ୍ରାଣୀର ଆକାର ଧାରଣ କରିପାରେ । ଏକ ଭୂତ ରାତିରେ ଡାକିକରି କ୍ଷେତକୁ ପାଣି ଦେବାକୁ ନେଇଯିବାର ତୃତୀୟ କାହାଣୀ ବେଶ ପ୍ରଚଳିତ । ଚତୁର୍ଥ କାହାଣୀରେ ବାଉଁଶ ବୁଦାକୁ ତଳକୁ ନୁଆଇଁ ଦେଉଥିବା ସାଧାରଣ ଭୂତର ବର୍ଣ୍ଣନା । ଲମ୍ବା କେଶ ଥିବା ଏକ ମହିଳା ଭୂତ, ଯିଏ ଗଛରେ ବସିଥାଏ ଏବଂ ଯାହାର ଚୁଟି ମାଟିକୁ ଲାଗିଥାଏ ହେଉଛି ପଞ୍ଚମ ଲୋକପ୍ରିୟ ଗପ । ଏଠି କହି ରଖିବାକୁ ଚାହେଁ ଯେ ଆମ ଓଡ଼ିଆ ଭୂତ କାହାଣୀ ସହିତ ଆଫ୍ରିକୀୟ ଭୂତ କାହାଣୀଗୁଡ଼ିକର ଅନେକ ସାମଞ୍ଜସ୍ୟ ରହିଛି ।

ଦୁଇଟି ଉପାଦାନ, ନ୍ୟାୟ ପାଇବା ଏବଂ ପ୍ରତିଶୋଧ ନେବା ହେଉଛି ପ୍ରାୟ ସମସ୍ତ ଭୂତ କାହାଣୀର ପୃଷ୍ଠଭୂମି । ଏକ ସାଧାରଣ ବିଶ୍ୱାସ ଓ ଧାରଣା ଅନୁଯାୟୀ ଜୀବନକାଳରେ ନିର୍ଯାତିତ ହୋଇଥିବା ଅତୃପ୍ତ ଆତ୍ମା ନ୍ୟାୟ ପାଇବା ପାଇଁ ଭୂତ ଭାବରେ ଫେରନ୍ତି । ଏଠାରେ କିଛି ଉଦାହରଣ ନେବା । ଯଥା, ପୂର୍ବ ଓ ଉତ୍ତର ଭାରତର ମାସନ ଓ କାନିପିଶାଚୀ ନାମ୍ନୀ ଭୂତ । ଏହି ଭୂତମାନେ ପ୍ରାୟତଃ ଉପେକ୍ଷିତ ସମ୍ପ୍ରଦାୟର । ଦୁଃଖ ଓ ନିର୍ଯାତନା ବିରୁଦ୍ଧରେ ନ୍ୟାୟ ଓ ପ୍ରତିଶୋଧ ନେବା ଏମାନଙ୍କ ଲକ୍ଷ୍ୟ । ସେହିପରି ଉତ୍ତର ଭାରତରେ ଡାୟାନ ଓ ଚୁଡେଲ ନାମକ ମହିଳା ଭୂତମାନଙ୍କ ପରିଚୟ ନିମ୍ନ ଜାତି ଓ କୃଷ୍ଣବର୍ଣ୍ଣର ମହିଳାମାନଙ୍କ ସହିତ ଜଡ଼ିତ । ବିଶେଷଜ୍ଞଙ୍କ ମତରେ ଏହି ଭୂତମାନେ ପୁରୁଷ ସମାଜ ଓ ଉଚ୍ଚ ବର୍ଣ୍ଣ ଦ୍ୱାରା ସମ୍ମୁଖୀନ ହେଉଥିବା ନିଷ୍ଠୁରତାର ଫଳାଫଳ । ଓଡ଼ିଶାରେ ଚିରୁଗୁଣି ଏବଂ ବଙ୍ଗଳାରେ ଶଙ୍ଖଚୁନି ଭଳି ଭୂତମାନେ ମହିଳାଙ୍କ ନିମ୍ନ ଅବସ୍ଥା, ବହୁବିବାହ, ଖରାପ ସ୍ୱାସ୍ଥ୍ୟ ଏବଂ ସାମାଜିକ ସୁରକ୍ଷା ପରିସ୍ଥିତିରୁ ଉତ୍ପନ୍ନ ହୁଅନ୍ତି । ଉଦାହରଣ ସ୍ୱରୂପ, ଚିରୁଗୁଣି ଭୂତ ଗର୍ଭବତୀଙ୍କ ମୃତ୍ୟୁ କିମ୍ବା ପ୍ରସବ ସମୟରେ ମୃତ୍ୟୁବରଣ କରୁଥିବା ମହିଳା କିମ୍ବା ଯୌନ ଆକ୍ରମଣ ଯୋଗୁଁ ମୃତ୍ୟୁବରଣ କରୁଥିବା କାରଣରୁ ଉତ୍ପନ୍ନ ହୁଏ ବୋଲି ବିଶ୍ୱାସ କରାଯାଏ । କେବଳ ବିବାହିତ ମହିଳା ନୁହନ୍ତି, ଅନେକ ଭୂତ କାହାଣୀରେ ମଧ୍ୟ ଉଲ୍ଲେଖ ଅଛି ଯେ ଅବିବାହିତ ମହିଳାମାନେ ପ୍ରେତିନୀ, ମୋହିନୀ କିମ୍ବା ଯକ୍ଷୀ ନାମକ ଭୂତରେ ପରିବର୍ତ୍ତନ ହୁଅନ୍ତି । ଜୀବିତଙ୍କଠାରୁ ଯୌନ ତୃପ୍ତି କୁଆଡ଼େ ଏମାନଙ୍କ ଉଦ୍ଦେଶ୍ୟ ।

ସମାଜବିଜ୍ଞାନୀଙ୍କ ମତରେ ଅବିବାହିତଙ୍କ ପ୍ରତି ଏହା ଏକ ସାଧାରଣ ସାମାଜିକ ଚିନ୍ତାଧାରା, ଯାହା ମୃତ୍ୟୁ ପରେ ଏକ ଲୋକକଥାରେ ପରିଣତ ହୁଏ । ଯଦି ଭୂତ କାହାଣୀକୁ ଅନୁସରଣ କରିବା ତେବେ ଜାଣିବା ଯେ ସବୁଠି ପୁରୁଷ ଭୂତଙ୍କ ସଂଖ୍ୟା ଓ ପ୍ରକାର ମହିଳା ଭୂତଙ୍କ ଠାରୁ କମ୍ । ଏହା ନିର୍ଯାତିତା ଓ ପୀଡ଼ିତା ମହିଳାଙ୍କ ସ୍ୱରକୁ ପ୍ରତିଫଳିତ କରିବା ଏବଂ ସମାଜରେ ମହିଳାଙ୍କ ପରିସ୍ଥିତିକୁ ପରିପ୍ରକାଶ କରିବାର ଏକ ମାଧ୍ୟମ ବୋଲି ଅସ୍ୱୀକାର କରାଯାଇପାରିବ ନାହିଁ । ଭାରତୀୟ ଭୂତ କାହାଣୀଗୁଡ଼ିକରେ ଜୀବିତ ଓ ମୃତଙ୍କ ମଧ୍ୟରେ ରେଖା ପ୍ରାୟତଃ ଅସ୍ପଷ୍ଟ । ସମ୍ଭବତଃ ସେଥିପାଇଁ ଆମ ସାମାଜିକ ରୀତିନୀତିରେ ଆତ୍ମା ଓ ଭୂତଙ୍କୁ ଗୁରୁତ୍ୱ ଦିଆଯାଏ । ଏହି ବିଶ୍ୱାସ ଆମର ଦୈନନ୍ଦିନ ଜୀବନ, ପରମ୍ପରା ଏବଂ ସାମାଜିକ ଆଚରଣକୁ ଏକ ସକାରାତ୍ମକ ଆକାର ଦେବାକୁ ଚେଷ୍ଟାକରେ । ତେଣୁ ବ୍ୟକ୍ତିର ଅନୁଚିତ ରୀତିନୀତି କିମ୍ବା ଅପୂର୍ଣ୍ଣ ଇଚ୍ଛା ଯୋଗୁଁ ଭୂତକାହାଣୀଗୁଡ଼ିକରେ ପ୍ରେତ ଓ ବେତାଳ ଭଳି ଭୂତମାନଙ୍କ ଆବିଷ୍କାର ହୋଇଛି ବୋଲି ଅନୁମାନ କରାଯାଉଛି ।

ଅସ୍କାର ୱାଇଲ୍ଡଙ୍କ 'ଦି କ୍ୟାଣ୍ଟରଭିଲ୍ ଘୋଷ୍ଟ' ପୁସ୍ତକରେ ଲେଖାଯାଇଛି ଯେ ଭୂତକାହାଣୀଗୁଡ଼ିକ ପାଠକଙ୍କୁ ଆକର୍ଷିତ ଓ ମନୋରଞ୍ଜନ କରିବା ପାଇଁ ଉଭୟ ଭୂତବଙ୍ଗଳା ଓ ପାରାନର୍ମାଲ ଗତିବିଧିର ପ୍ରୟୋଗ କରନ୍ତି । ଅସ୍କାରଙ୍କ ମତରେ ଏହି କାହାଣୀର ଭୂତଭୟ ଲୋକମାନଙ୍କ ପାଇଁ ଏକ ଚେତାବନୀ ଭାବରେ କାର୍ଯ୍ୟ କରେ, ସେମାନଙ୍କୁ ନିୟମ ପାଳନ କରିବାକୁ ଏବଂ ଖରାପ ଆଚରଣରୁ ଦୂରେଇ ରହିବାକୁ ଶିକ୍ଷା ଦିଏ । ନାରୀବାଦୀ ଦୃଷ୍ଟିକୋଣ ଅନୁଯାୟୀ ଭୂତ କାହାଣୀଗୁଡ଼ିକରେ ନାରୀଙ୍କୁ ପୁରୁଷ-ପ୍ରଧାନ ସମାଜ ଏବଂ ଲିଙ୍ଗ ଭୂମିକାକୁ ପ୍ରଶ୍ନ କରିବାର ସ୍ୱାଧୀନତା ମିଳିଥାଏ । ଭୂତ-ଲୋକକଥାଗୁଡ଼ିକ ଆମର ସାମାଜିକ ମୂଲ୍ୟବୋଧ, ବିଶ୍ୱାସ ଓ ପରିବର୍ତ୍ତନକୁ ପ୍ରତିଫଳିତ କରୁଥିବା ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ କଳାକୃତି । ଏହା କେବଳ ମନୋରଞ୍ଜନ ପାଇଁ ନୁହେଁ ବରଂ ପରିଚୟ, ସ୍ମୃତି ଏବଂ ସମ୍ପ୍ରଦାୟର ଗତିଶୀଳତା ବିଷୟରେ ଏକ ସାମାଜିକ ଆଲୋଚନା ।

ବ୍ୟକ୍ତିଗତ ବିଶ୍ୱାସ, ସାଂସ୍କୃତିକ ପରମ୍ପରା ଓ ଲୋକପ୍ରିୟ ଉପସ୍ଥାପନା ମଧ୍ୟରେ ପାରସ୍ପରିକ କ୍ରିୟା ସମସାମୟିକ ସମାଜରେ ଭୂତ କାହାଣୀର ଗୁରୁତ୍ୱକୁ ବୃଦ୍ଧି କରୁଛି । ଅନେକ ଗବେଷଣା ସୂଚିତ କରେ ଯେ ପାରମ୍ପରିକ ଲୋକକଥା କିଶୋରମାନଙ୍କ ମଧ୍ୟରେ ସାମାଜିକ ଦକ୍ଷତାକୁ ପ୍ରୋତ୍ସାହିତ କରିବା ସହ ଶିକ୍ଷାଗତ ଅଭିଜ୍ଞତାକୁ ବୃଦ୍ଧି କରିଥାଏ । ତେଣୁ ଭୂତ ଗପ ଏବଂ ଏ ସମ୍ପର୍କିତ କାହାଣୀ ସହିତ ଜଡ଼ିତ ହେବା ଦ୍ୱାରା ଆମର ସାଂସ୍କୃତିକ ଐତିହ୍ୟ ଏବଂ ପରିଚୟର ଅନ୍ୟାନ୍ୟ ଦିଗଗୁଡ଼ିକକ ଜାଣିବା ସହଜ ହୋଇଥାଏ ।

ଭୁବନେଶ୍ୱର, ମୋ:୮୪୫୬୮୭୯୫୨୨

# ହଇଜାର ପ୍ରାଦୁର୍ଭାବ ଓ ସରକାରୀ ପଦକ୍ଷେପ

ପ୍ରଦୀପ୍ତ କୁମାର କର



ଓଡ଼ିଶାରେ ହଇଜାରେ ଆକ୍ରାନ୍ତ ହେବାର ମୁଖ୍ୟ କାରଣ ହେଉଛି ବିଶୁଦ୍ଧ ପିଇବା ପାଣିର ଅଭାବ । ଗାଁ, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ କଥା ଦୂରେ ଥାଉ ସହରମାନଙ୍କରେ ମଧ୍ୟ ଏ ପର୍ଯ୍ୟନ୍ତ ସାଧାରଣ ଜନତାଙ୍କୁ ସରକାର ପିଇବା ପାଣି ଯୋଗାଇ ପାରିନାହାନ୍ତି । ଅନେକ ଜାଗାରେ ପରିମଳ ବ୍ୟବସ୍ଥା ଏତେ ବିଗିଡ଼ି ଯାଇଛି ଯେ ସେଗୁଡ଼ିକୁ ସଂକ୍ରାମକ ରୋଗର ଏଣ୍ଟୁଡ଼ିଶାଳ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ରାଜଧାନୀ ଭୁବନେଶ୍ୱର ଓ ସହରତଳି ଅଞ୍ଚଳରେ ଗଢ଼ି ଉଠିଥିବା ବସ୍ତିର ପରିବେଶ କେତେ ଅସ୍ୱାସ୍ଥ୍ୟକର ତାହା ନ ଦେଖିଲେ ବିଶ୍ୱାସ କରିହେବ ନାହିଁ । ଏହାଛଡ଼ା ଅନେକ ଛୋଟ ଛୋଟ ଖାଇବା ଦୋକାନ, ଢାବା, ଫାଷ୍ଟ ଫୁଡ୍ ଦୋକାନକୁ କେବେବି କୌଣସି ସରକାରୀ ବାବୁ ତଦାରଖ ପାଇଁ ଆସନ୍ତି ନାହିଁ । କେବଳ ଯଦି ଏହିପରି କୌଣସି ପରିସ୍ଥିତି ସୃଷ୍ଟି ହୁଏ ବା ସରକାରଙ୍କ ତରଫରୁ ଆଦେଶ ଆସେ ତେବେ ବାବୁମାନେ ତତ୍ପର ହୁଅନ୍ତି । ଲୋକମାନଙ୍କର କୌଣସି ବାଛବିଚାର ନାହିଁ । ମେଳା ମହୋତ୍ସବରେ ତ ଏହି ଅସାଧୁ ବ୍ୟବସାୟୀମାନେ ଆହୁରି ଜାଗ୍ରତ ହୋଇ ନିଜର ବେପାର ମେଲାଇ ଦିଅନ୍ତି ।

ଆଗକୁ ରଥଯାତ୍ରା ଆସୁଛି । ଏଥିପାଇଁ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ପ୍ରାୟ ଏକ ମାସ ଧରି ଚାଲୁ ରହିବ । ଏଥିପାଇଁ ପୁରୀରେ ବିଭିନ୍ନ ପ୍ରକାରର ଅସାଧୁ ବ୍ୟବସାୟୀମାନେ ଲୋକମାନଙ୍କୁ ଅନେକ ପ୍ରକାରର ଖାଦ୍ୟ ସାମଗ୍ରୀ ବିକ୍ରି କରିବେ, ଯାହାର କି ଗୁଣବତ୍ତା ଯାଞ୍ଚ ନିଶ୍ଚିତ କରିହେବ ନାହିଁ । ତେଣୁ ହଇଜା ବ୍ୟାପୀ ଲୋକ ଆକ୍ରାନ୍ତ ହେଲେ କେତେ ବା ମଲେ କେତେ ସରକାରଙ୍କର କିଛି ଫରକ ପଡ଼େ ନାହିଁ । ଏସବୁ କେବଳ ସରକାରୀ ଅପାରଗତା ଯୋଗୁଁ ହିଁ ହେଉଛି । ଅନେକ ଗାଁ ଓ ସହରରେ ନଳକୂପଗୁଡ଼ିକ ସଫା ହୁଏ ନାହିଁ । ଏପରିକି ବଡ଼ ବଡ଼ ପାଣି ଟାଙ୍କି, ଯାହା ଲୋକଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ଥାଏ, ସେଗୁଡ଼ିକ ନିୟମିତ ଅନ୍ତରାଳରେ ସଫା ନ ହୋଇ କେବଳ ବ୍ଲିଚିଂ ପାଉଡର ପକାଇ ଦିଆଯାଇ କର୍ତ୍ତୃପକ୍ଷ ନିଜର କର୍ତ୍ତବ୍ୟ ସାରି ଦିଅନ୍ତି । ପରିମଳ ବ୍ୟବସ୍ଥାରେ ସୁଧାର ପାଇଁ ଆଖିଦୃଶିଆ କାର୍ଯ୍ୟ ହୁଏ ନାହିଁ, ଯାହା ବି ହୁଏ ତାହାର ତଦାରଖ ଉପରସ୍ତରରେ ହୁଏ ନାହିଁ ।

ତେଣୁ ଏବେ ରାଜ୍ୟରେ ଦେଖାଦେଇଥିବା ହଇଜା ପାଇଁ ରାଜ୍ୟ ସରକାର ହିଁ ପ୍ରତ୍ୟକ୍ଷ ଭାବରେ ଦାୟୀ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଯଦି ପ୍ରତି ବିଧାୟକ ଓ ସାଂସଦ ପରିଷ୍କାର ପାନୀୟ ଜଳ ପାଇ ପାରୁଛନ୍ତି ତେବେ ଯେଉଁ ଜନସାଧାରଣଙ୍କ ଦ୍ୱାରା ଭୋଟ ପାଇ ନିର୍ବାଚିତ ହୋଇଛନ୍ତି ସେମାନଙ୍କୁ ନିର୍ମଳ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରିବାକୁ ସେମାନେ ଏତେ କୁଣ୍ଠାଗ୍ରସ୍ତ ଓ ଅସମର୍ଥ କାହିଁକି? ହଇଜା ଆକ୍ରାନ୍ତ ପାଇଁ ଔଷଧ ଓ ଡାକ୍ତରୀ ଚିକିତ୍ସା ଯେତିକି ଆବଶ୍ୟକ, ତା'ଠାରୁ ଅଧିକ ଆବଶ୍ୟକ ହେଉଛି ଜନ ସଚେତନତା । ପ୍ରତି ଗାଁ, ସହର, ଗଳି, କନ୍ଦିକୁ ବିଶୋଧନ କରିବା ନିହାତି ଆବଶ୍ୟକ । ଗଳିକନ୍ଦିରେ ବିକ୍ରି ହେଉଥିବା ଅସୁରକ୍ଷିତ ଖାଦ୍ୟ ଦୋକାନ ବନ୍ଦ ହେବା ନିହାତି ଜରୁରୀ ।

ଗାଁ କଥା ଛାଡ଼ନ୍ତୁ ଆମ ରାଜଧାନୀରେ ଆବଶ୍ୟକତାଠାରୁ ବହୁତ କମ୍ ଫୁଡ୍ ଇନ୍ସପେକ୍ଟର ଅଛନ୍ତି । ଏଥିରୁ ରାଜ୍ୟର ସ୍ଥିତି ଓ ଖାଦ୍ୟର ମାନ ଯାଞ୍ଚ ଓ ଶୁଦ୍ଧତା କିପରି ହେଉଥିବା ଅନୁମେୟ । ପରିସ୍ଥିତି ଉତ୍କଟ ହେଲେ ଦିନେ ଦୁଇ ଦିନ କେବଳ ଉପର ସ୍ତରର ଅଧିକାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ରହି ଫଟୋ ଉଠାଇ ଟିଭି ଓ ସମ୍ବାଦପତ୍ରରେ ଦେଖିଦେଲେ ଯଥେଷ୍ଟ ବୋଲି ସେମାନେ ଭାବନ୍ତି । ଏବେ ବିବାହ ଋତୁ ଆରମ୍ଭ ହୋଇଯାଇଛି । ସ୍କୁଲ୍ ମଧ୍ୟ ଖୋଲିସାରିଛି । ଏହି ସମୟରେ ଯଦି ସରକାରୀ ସ୍ତରରେ ଉଚିତ୍ ପଦକ୍ଷେପ ନିଆ ନ ଯାଏ ତେବେ ପରିସ୍ଥିତି ଆହୁରି ଜଟିଳ ହୋଇପଡ଼ିବ । ସ୍କୁଲ୍‌ରେ ପିଲାମାନଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ଆବଶ୍ୟକ । ସ୍କୁଲ୍ ଆଖପାଖରେ ଯେପରି ବୁଲାବିକାଳୀ ଓ ଉଠାଦୋକାନୀମାନେ ନ ବସନ୍ତି ସେଥିପ୍ରତି ସ୍କୁଲ୍ କର୍ତ୍ତୃପକ୍ଷ, ଅଭିଭାବକ ଓ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ । ବିବାହ ଉତ୍ସବ ଆଦିରେ ଯୋଗାଣ ହେଉଥିବା ପାଣିର ମାନ ମଧ୍ୟ ଯାଞ୍ଚ ହେବା ନିହାତି ଆବଶ୍ୟକ ।

ଭୁବନେଶ୍ୱର, ମୋ: ୯୪୩୭୦୮୪୩୧୨

# ମହାପ୍ରଭୁଙ୍କ ସେନାପଟା ଲାଗି

ସ୍ୱପ୍ନେଶ୍ୱର

ଲୋକକଥାରେ ଲୋକଦେବତା

ମହାପ୍ରଭୁଙ୍କ ପରମଭକ୍ତ ପଞ୍ଚସଖାମାନଙ୍କ ଭିତରେ ବୟୋଜ୍ୟେଷ୍ଠ ବଳରାମ ଦାସ ସେତେବେଳେ ସତ୍ୟବାଦୀର ବକୁଳ ବନରେ ସାଧନାରେ ମଗ୍ନ ଥିଲେ । ମହାପ୍ରଭୁ ବଳରାମଙ୍କୁ ନିଜର ଅଜା ମାନ୍ୟ କରୁଥିଲେ ଏବଂ ବେଳେବେଳେ ତାଙ୍କ ସହ ଥଟ୍ଟମଜା କରୁଥିଲେ । ଦାସେ ମଧ୍ୟ ଠାକୁରଙ୍କୁ ନିଜ ପରିବାର ବୋଲି ଭାବୁ ଥିଲେ ଏବଂ କେହି କେବେ ନାତି ବିରୁଦ୍ଧରେ କିଛି କହିଲେ ସହି ପାରୁ ନ ଥିଲେ ।

ଥରେ ମହାପ୍ରଭୁ ଅଜାଙ୍କ ସାଙ୍ଗରେ ଟିକିଏ ମଜା କରିବାକୁ ଚିନ୍ତା କଲେ । ଖରାଦିନ ସଂଧ୍ୟାବେଳିଆ ଯାଇ ବକୁଳ ବନରେ ପହଞ୍ଚି ଗଲେ ମହାପ୍ରଭୁ । ବଗୁଲିଆ ଭାଷାରେ କହିଲେ, 'ଅଜା! ଏକା ଏକା ବସି ପଣସ ଖାଉଛ, ଏ ନାତି କଥା ଟିକିଏ ମନେ ପକାନ୍ତ ନି!' 'ନାତି ମହାପ୍ରଭୁ! ରଜା ତୁମେ । ତୁମକୁ କୋଉ ଖଜା ଅପୂର୍ବ ଯେ ମୋଠୁ ପଣସ ଖାଇବାକୁ ମନ କରୁଛ!' ଦାସେ କହିଲେ । ସେଉଠୁ ମହାପ୍ରଭୁ କହିଲେ, 'ଆଜି ପଣସ ଖାଇକି ମୁଁ ଯିବି । ଆଣିକି ଦେବା ହେଲା ତୁମ କାମ ।' 'ଆରେ ମୋତେ ମାଡ଼ ଖୁଆଇବ ନା କ'ଣ? ଜଗୁଆଳୀମାନେ ଦେଖିଲେ ମୋତେ ରଖିବେ ଟି!' ଅଜାଙ୍କ ଏହି ଭୟ ଦେଖି ମହାପ୍ରଭୁ ନିଦ୍ରାଦେବୀଙ୍କୁ ଆଜ୍ଞା କରି ଜଗୁଆଳୀମାନଙ୍କୁ ନିଘୋଡ଼ ନିଦରେ ଶୁଆଇ ଦେଲେ । ବଳରାମ ଗୋଟା କେତେ ପାଚିଲା ପଣସ ତୋଳି ଆଣି ଦୁହେଁ ଖାଇଲେ । ତା'ପରେ ମହାପ୍ରଭୁ ନିଦ୍ରାଦେବୀଙ୍କୁ ଆଜ୍ଞା କରି ଅଜାଙ୍କୁ ଶୁଆଇ ଦେଇ ଶ୍ରୀମନ୍ଦିର ବାହୁଡ଼ି ଗଲେ । ଜଗୁଆଳୀମାନେ ସକାଳୁ ଦେଖିଲେ ବଳରାମ ରାତିରେ ପଣସ ଚୋରିକରି ଖାଇଛନ୍ତି । ତେଣୁ ସେମାନେ ଦାସେଙ୍କୁ ନିଦରୁ ଉଠେଇ ନିସ୍ତୁକ ମାଡ଼ ମାରି ବଉଳ ଗଛରେ ବାନ୍ଧି ଦେଲେ । ବଳରାମ ବିକଳରେ ପ୍ରଭୁଙ୍କୁ ପ୍ରାର୍ଥନା କଲେ, 'ଆରେ ନାତି ମହାପ୍ରଭୁ! ପଣସ ଖାଇ ଅଜା ମୁଣ୍ଡରେ ଅଠା ବୋଳି ଚାଲିଗଲୁ । ଏମାନେ ଏଠି ମୋ ଅବସ୍ଥା କଣ କଲେଣି, ଥରେ ଆସି ଦେଖି ଯା ।' ତେଣେ ଶ୍ରୀମନ୍ଦିରରେ ସକାଳୁ ସକାଳୁ ମହାପ୍ରଭୁଙ୍କର ସବୁଦିନିଆ ନୀତି ଆରମ୍ଭ ହେଲା । କିନ୍ତୁ ମହାପ୍ରଭୁ ଚକ୍ଷୁରେ ଦେଖା ଦେଲେ ନାହିଁ । ଗଜପତି ପ୍ରତାପରୁଦ୍ରଙ୍କ ପାଖକୁ ଖବର ଗଲା । ସେ ଆସି ପୋଖରୀଆରେ ଗୁହାରୀଆ ପଡ଼ିଲେ । ସେତେବେଳେ ମହାପ୍ରଭୁ ଶୂନ୍ୟବାଣୀ କରି କହିଲେ, 'କେତେ ମାଡ଼ ମାଇଲୁ ଦାସଙ୍କୁ ଲୁହା ଠେଙ୍ଗେ, ତା' ଅଙ୍ଗେ ନ ବାଜି ମାଡ଼ ବାଜିଲା ମୋ ଅଙ୍ଗେ / ଯେତେବେଳେ ସେ ଚୋରକୁ ଛାଡ଼ିବୁ ରାଜନ, ସେତେବେଳେ ଆମ୍ଭେ ସିନା କରିବୁ ଭୋଜନ ।' ରାଜା ପ୍ରଣିପାତ କରି ଉଠି ଦେଖିଲେ ଯେ ଠାକୁରଙ୍କ ଶ୍ରୀଅଙ୍ଗ ସାରା ମାଡ଼ର ଚିହ୍ନ । ରାଜା ସେଠାରୁ ବକୁଳ ବନ ଯାଇ ଦାସେଙ୍କୁ କ୍ଷମା ପ୍ରାର୍ଥନା କରି ବନ୍ଧନ ମୁକ୍ତ କଲେ । ଦାସେ ସବୁ ବୁଝିପାରି କହିଲେ, 'ନାତି ଟୋକା! ମଜା ଦେଖିବାପାଇଁ ଅଜାକୁ ଫସେଇ ଦେଲୁ । ତୋତେ ମୁଁ ସେଇମିତି ଛାଡ଼ି ଦେବୁ ଭାବିଛୁ?'

ସ୍ନାନ ଯାତ୍ରା ଦେଖିବାକୁ କ୍ଷେତ୍ରରେ ପହଞ୍ଚିଲେ ଦାସେ । ଜଣେ ଦଇତା କହିଲେ, 'ଗୋସେଇଁ, ସ୍ନାନ ଓ ଗୁଣ୍ଡିଚା ପହଣ୍ଡି ବେଳେ ତମ ଚଗଲା ନାତି ଦୁଷ୍ଟାମି କରି ଏ ପଟକୁ ବୋଲେ ସେ ପଟକୁ ଚାଲି ଯାଉଛନ୍ତି । ତାଙ୍କୁ ନେବା ପାଇଁ ଆମେ ଝାଳନାଳ ହୋଇ ନାକେଦମ ହେଉଛୁ । ସେ ବି କମ ଛେଚାକୁଟା ଖାଉ ନାହାନ୍ତି । ତାଙ୍କ ଶ୍ରୀଅଙ୍ଗକୁ ବହୁତ ବାଧା ହେଉ ଥିବ । ତାଙ୍କୁ କହନ୍ତ ନି ସୁନା ପିଲା ପରି ଚାଲି ଯା'ନ୍ତେ । ସେଥିରେ ତାଙ୍କର ଭଲ, ଆମକୁ ବି ଭଲ । ତମ କହିଲେ ସେ ମାନିବେ ।' କଥାଟା ଶୁଣି ବଳରାମଙ୍କ ଅକଲ ଜାଗି ଉଠିଲା । କହିଲେ, 'ଶୁଣ, ମୁଁ ବକୁଳ ବନରୁ ଟାଣ ମଞ୍ଜି ବଉଳ କାଠ ପଠେଇବି । ସେ କାଠରେ ମହାରଣା ପିଠି ମାପର ସେନାପଟା ଆଉ ହାତ ମାପର ବାହୁଟ ତିଆରି କରିବେ । ସେନାପଟାକୁ ପିଠିରେ ଆଉ ବାହୁଟକୁ ଦୁଇ ହାତରେ ଭଲ କରି ପାଟ ଡୋରରେ ବାନ୍ଧି ଦେବ । ତା' ପରେ ସେନାପଟାରେ ପାଟ ଦଉଡ଼ି ଲଗେଇ ଦି ଜଣ ବଳୁଆ ଦଇତା ଧରି ନିୟନ୍ତ୍ରଣ କରିବ । ତା'ପରେ ଦେଖିବ, ତମେ ଯୁଆଡ଼େ ନବ, ସେ ସେ ଆଡ଼େ ଯିବ ।' ମହାପ୍ରଭୁଙ୍କୁ ପ୍ରଣାମ କରି କହିଲେ, 'ନାତି ମହାପ୍ରଭୁ! ଏ ଥର ଦେଖ ମୋ ଖେଳ । ତମ ଚକ୍ରାନ୍ତରେ ଦିଟା ଅଜଣା ଜଗୁଆଳୀ ମୋତେ ବଉଳ ଗଛରେ ଥରେ ବାନ୍ଧି ଥିଲେ । ତୁମକୁ ତୁମ ଶ୍ରୀଅଙ୍ଗ ସେବକ ମୁଁ ପଠେଇ ଥିବା ବଉଳ କାଠରେ ବର୍ଷକୁ କେତେଥର ବାନ୍ଧିବେ ବସି ଗଣୁଥିବ । ମୋତେ ବନ୍ଧା ହେବା ଅଳ୍ପ କିଛି ଲୋକ ଦେଖିଥିଲେ । କିନ୍ତୁ ତୁମକୁ ବାନ୍ଧି ତୁମ ଅଜା ସାରା ଜଗତକୁ ଦେଖେଇବ ।'

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ବଜ୍ରପାତରେ ଦମ୍ପତି ମୃତ

କେନ୍ଦୁଝର, ୨୪।୬(ସମିସ): କେନ୍ଦୁଝର ଜିଲ୍ଲା ପଣ୍ଡାପଡ଼ା ଥାନାଞ୍ଚଳ ବଲାଣିପଶିଠାରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଅଘଟଣ ଘଟିଛି। ଚାଷ ଜମିରୁ ଫେରୁଥିବା ଏକ ଦମ୍ପତି ବଜ୍ରପାତରେ ପ୍ରାଣ ହରାଇଛନ୍ତି। ଦୁହେଁ ଚାଷ ଜମିରୁ ନିଜର ଗୃହପାଳିତ ପଶୁ ଗୋରୁ ଓ ଛେଳି ଧରି ଘରକୁ ଫେରିବା ବେଳେ ପ୍ରବଳ ବର୍ଷା ସହ ଘଡ଼ଘଡ଼ି ହୋଇଥିଲା। ବଜ୍ରାଘାତ ହେବାରୁ ବଲାଣିପଶି ଗ୍ରାମର ପିଅନ ଗାଯାଁ ଏବଂ ସାଙ୍ଗରେ ଥିବା ତାଙ୍କର ପତ୍ନୀ ନାଣ୍ଡି ଗାୟାଁ ସେହିଠାରେ ଟଳି ପଡ଼ିଥିଲେ। ସାଙ୍ଗରେ ଥିବା କିଛି ଗୋରୁ ଓ ଛେଳି ମଧ୍ୟ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ପରିବାରଲୋକ ଏବଂ ସ୍ଥାନୀୟ ପଡ଼ୋଶୀ ସେମାନଙ୍କୁ କେନ୍ଦୁଝର ଧରଣୀଧର ମେଡିକାଲ କଲେଜକୁ ଆଣିଥିଲେ ମଧ୍ୟ ସେମାନଙ୍କୁ ମୃତ ଘୋଷଣା କରାଯାଇଥିବା ସୂଚନା ମିଳିଛି। ଘଟଣାଟି ସନ୍ଧ୍ୟା ୫ରେ ଘଟିଥିବା ସୂଚନା ମିଳିଛି।

# ଅବଶିଷ୍ଟାଂଶ

### ଟ୍ରମ୍ପଙ୍କୁ ମାନିଲେନି...

କୌଣସି କ୍ଷତି ହୋଇନାହିଁ। ତେଣୁ ତାଙ୍କ ଦେଶ ଇରାନ ଉପରେ ପାଲଟା ଆକ୍ରମଣ କରିବ ନାହିଁ। ଗତକାଲିର ଘଟଣା ପରେ ଟ୍ରମ୍ପ ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତନ୍ୟାହୁଙ୍କୁ ଫୋନ କରି ତୁରନ୍ତ ଲଢ଼େଇ ବନ୍ଦ କରିବାକୁ ପରାମର୍ଶ ଦେଇଥିଲେ। ତାଙ୍କ କଥାରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ରାଜି ହେବାପରେ ଇରାନକୁ ମନେଇବା ଲାଗି ସେ ଉପରାଷ୍ଟ୍ରପତି ଭାନ୍ସ ଏବଂ ବୈଦେଶିକ ମନ୍ତ୍ରୀ ରୁବିଓଙ୍କୁ ନିୟୋଜିତ କରିଥିଲେ। ସେମାନେ ଇରାନର ବୈଦେଶିକ ମନ୍ତ୍ରୀ ଅବ୍ବାସଙ୍କ କଥା ହୋଇଥିଲେ। କିନ୍ତୁ ଏଥିରେ ବିଶେଷ ସଫଳତା ନମିଳିବାରୁ କତରର ସହାୟତା ନେଇଥିଲେ ଟ୍ରମ୍ପ। କତରର ନେତାମାନେ ଇରାନର ରାଷ୍ଟ୍ରପତି ଓ ବୈଦେଶିକ ମନ୍ତ୍ରୀଙ୍କ ସହିତ କଥା ହୋଇ ଯୁଦ୍ଧବିରତି ପାଇଁ ରାଜି କରାଇଥିଲେ। ତେବେ ଇରାନ ସର୍ତ୍ତ ରଖିଥିଲା ଯେ ଇସ୍ରାଏଲ ଆକ୍ରମଣ ବନ୍ଦ କରିବା ପରେ ହିଁ ଯୁଦ୍ଧବିରତି ଲାଗୁ ହେବ। ଏହାକୁ ନେଇ ସହମତି ହେବାପରେ ରାଷ୍ଟ୍ରପତି ଟ୍ରମ୍ପ ଯୁଦ୍ଧବିରତି ଘୋଷଣା କରିଥିଲେ। ତାଙ୍କର ଘୋଷଣା ସହିତ ଇରାନ ପ୍ରଥମେ ଅସହମତ ହୋଇଥିଲା। ତେବେ ପରବର୍ତ୍ତୀ ମୁହୂର୍ତ୍ତରେ ବିବୃତି ଜାରି କରି ଯୁଦ୍ଧବିରତି ହୋଇଥିବା ସୂଚନା ଦେଇଥିଲା।

ଅସ୍ତ୍ରବିରତି ଘୋଷଣାର କିଛି ସମୟ ମଧ୍ୟରେ ଇସ୍ରାଏଲ ଉପରେ ଇରାନ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଏଥିରେ ୭ ଜଣ ପ୍ରାଣ ହରାଇଥିବା ସହିତ ଅନେକ ଲୋକ ଆହତ ହୋଇଥିଲେ। ଏଥିରେ କ୍ଷୁବ୍ଧ ହୋଇ ଇରାନ ଉପରେ ଆକ୍ରମଣ ପାଇଁ ଇସ୍ରାଏଲ ଘୋଷଣା କରିଥିଲା। କିନ୍ତୁ ଇରାନ ଏଭଳି ଆକ୍ରମଣ ଅଭିଯୋଗକୁ ଖଣ୍ଡନ କରିଥିଲା। ଅନ୍ୟପକ୍ଷରେ ଇରାନ ଉପରେ ଆଉ ଆକ୍ରମଣ ନକରିବା ଲାଗି ଟ୍ରମ୍ପ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କୁ ଫୋନ କରି ଅନୁରୋଧ କରିଥିଲେ। ହେଲେ ଏହି ଅନୁରୋଧକୁ ନେତନ୍ୟାହୁ ପ୍ରତ୍ୟାଖ୍ୟାନ କରି ଇରାନ ଉପରେ ବୋମାମାଡ଼ କରିଥିଲେ। ଯାହାକୁ ନେଇ ରାଷ୍ଟ୍ରପତି ଟ୍ରମ୍ପ ଭୀଷଣ ବିରକ୍ତି ପ୍ରକାଶ କରିଥିଲେ। ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇ ସେ ଉଭୟ ଇସ୍ରାଏଲ ଏବଂ ଇରାନକୁ ଭର୍ତ୍ସନା କରିବା ସହିତ ଅଶ୍ଳୀଳ ଭାଷା ପ୍ରୟୋଗ କରିଥିଲେ। ସାଧାରଣରେ ଆମେରିକାର କୌଣସି ରାଷ୍ଟ୍ରପତି ଏଭଳି ଅଶ୍ଳୀଳ ଭାଷା କେବେହେଲେ ବ୍ୟବହାର କରିନଥିଲେ।

ଏହାପରେ ଇରାନ କିମ୍ବା ଇସ୍ରାଏଲ ଆଉ ଆକ୍ରମଣ କରି ନାହାନ୍ତି। ଏବେ ପରିସ୍ଥିତି ଶାନ୍ତ ରହିଛି। ଗତ ୧୩ ତାରିଖରେ ଇରାନ ଉପରେ ଇସ୍ରାଏଲ ଅଚାନକ ଆକ୍ରମଣ କରିବା ପରେ ଉଭୟ ଦେଶ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା। ଇସ୍ରାଏଲ ଆକ୍ରମଣକୁ ଆମେରିକା ସମର୍ଥନ କରିବା ସହିତ ଇସ୍ରାଏଲ ଉପରେ ମାଡ଼ ହେଉଥିବା ଇରାନ କ୍ଷେପଣାସ୍ତ୍ରକୁ ଆକାଶରେ ନିଷ୍କ୍ରିୟ କରୁଥିବା କହିଥିଲା। ତେବେ ଗତ ୨୨ ତାରିଖରେ ଇରାନର ତିନିଟି ପରମାଣୁ ପ୍ରତିଷ୍ଠାନ ଉପରେ ବୋମାମାଡ଼ କରି ଆମେରିକା ଏହି ଯୁଦ୍ଧରେ ପ୍ରତ୍ୟକ୍ଷ ଭାବେ ସାମିଲ ହୋଇଯାଇଥିଲା। ଏହାର ଜବାବରେ ଗତକାଲି ଇରାନ କତର ଓ ଇରାକରେ ଥିବା ଆମେରିକାର ସାମରିକ ଘାଟି ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରିଥିଲା। ଏହାକୁ ନେଇ ମଧ୍ୟପ୍ରାଚ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଏପରିକି ବିଶ୍ୱଯୁଦ୍ଧ ଭଳି ଆଶଙ୍କା ସୃଷ୍ଟି ହୋଇଥିଲା। ଏହି ଲଢ଼େଇରେ ଉଭୟ ଇରାନ ଏବଂ ଇସ୍ରାଏଲ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି। ଇରାନରେ ୬୦୦ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ଏଥିରେ ଅନେକ ସାମରିକ ଅଧିକାରୀ ଓ ବୈଜ୍ଞାନିକ ଅଛନ୍ତି। ଇରାନର ତିନିଟି ପରମାଣୁ କେନ୍ଦ୍ରକୁ ବୋମାମାଡ଼ କରି ଆମେରିକା ଓ ଇସ୍ରାଏଲ ଧ୍ୱସ୍ତ କରିଦେଇଛନ୍ତି। ଇସ୍ରାଏଲ ଉପରେ ଅପ୍ରତ୍ୟାଶିତ ଭାବେ କ୍ଷେପଣାସ୍ତ୍ର ଆକ୍ରମଣ କରି ଅନେକ ସାମରିକ ପ୍ରତିଷ୍ଠାନ ଓ ବାୟୁସେନା ଘାଟିକୁ ଧ୍ୱଂସ କରିଦେଇଥିବା ଦାବି କରିଛି ଇରାନ। ଇରାନ ଆକ୍ରମଣରେ ରାଜଧାନୀ ତେଲ ଆଭିବ ସମେତ ଅନେକ ଇସ୍ରା,ଲଇ ସହର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ତେବେ ଗଣମାଧ୍ୟମ ଉପରେ କଟକଣା ଯୋଗୁଁ ଇସ୍ରାଏଲରେ ହୋଇଥିବା ପ୍ରକୃତ କ୍ଷୟକ୍ଷତି ସଂପର୍କରେ ତଥ୍ୟ ମିଳିନାହିଁ।

### ଗୋଷ୍ଠୀ ସଂଘର୍ଷରେ...

ଘଡ଼େଇ ଓ ଆକାଶ ମୁଖୀ ଓ କୁନ୍ଦନ ମୁଖୀ। ସେମାନଙ୍କୁ ପ୍ରଥମେ ବାରିପଦା ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଅନ୍ୟ ଜଣେ ଆହତ ଶିଳ୍ପା ମୁଖୀ ବାରିପଦାରେ ଚିକିତ୍ସାଧୀନ ଅଛନ୍ତି। ଛେଳି ଚୋରିକୁ ନେଇ ଆଜି ଅପରାହ୍ନ ପ୍ରାୟ ୩ଟାରେ ରାଜୁ ଓ ଆକାଶଙ୍କ ପରିବାର ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ରାଜୁ ଏବଂ ତାଙ୍କ ମା' ସାବିତ୍ରୀ ଅସ୍ତ୍ରଶସ୍ତ୍ର ଧରି ମରଣାନ୍ତକ ଆକ୍ରମଣ କରିଥିଲେ। ଏହା ଦେଖି ଉତ୍ତ୍ୟକ୍ତ ଆକାଶ ପାଖରେ ରଖିଥିବା ଏକ ବନ୍ଧୁକରୁ ଗୁଳି ଚଳାଇବାରୁ ରାଜୁ ଗୁରୁତର ହୋଇଥିଲା। ଉଭୟ ପକ୍ଷ ମଧ୍ୟରେ ଖଣ୍ଡା ଓ ଭୁଜାଲିରେ ହଣାକଟା ହେବାରୁ ୫ଜଣ ଗୁରୁତର ଆହତ ହୋଇଥିଲେ। ସମସ୍ତଙ୍କୁ ବାରିପଦା ପିଆର୍‌ଏମ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ରାଜୁର ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଉଭୟ ପରିବାର ପକ୍ଷରୁ ଶତାଧିକ ମହିଳା ପୁରୁଷ ଡାକ୍ତରଖାନାରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଏପରିକି, ଘଟଣାସ୍ଥଳକୁ ଆସିଥିବା ପୁଲିସ୍‌କୁ ମଧ୍ୟ ଉତ୍ତ୍ୟକ୍ତ ଲୋକେ ଠେଲାପେଲା କରିଥିଲେ। ଫଳରେ ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ପୁଲିସ୍‌କୁ ବି ନାକେଦମ୍ ହେବାକୁ ପଡ଼ିଥିଲା। ପରେ ଡାକ୍ତରଖାନା ପରିସରରେ ଅଧିକ ପୁଲିସ୍ ମୁତୟନ କରାଯିବାରୁ ପରିସ୍ଥିତି ଶାନ୍ତ ପଡ଼ିଛି।

### ଗ୍ରାମ୍ୟ ବ୍ୟାଙ୍କରୁ...

ସେମାନେ ସମସ୍ତଙ୍କୁ ବାହାରୁ ତାଲା ପକାଇ ଫେରାର୍ ହୋଇଯାଇଥିଲେ। ଖବର ପାଇ କୁଳିଅଣା ପୁଲିସ୍ ସଦଳବଳ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପରେ ବାଲେଶ୍ୱର ଡିଆଇଜି ସତ୍ୟଜିତ ନାୟକ, ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟପାଲ୍ଲି, ସଦର ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ, ସଦର ଥାନା ଆଇଆଇସି ଆଦିତ୍ୟ ପ୍ରସାଦ ଜେନା ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ଖବର ଲେଖାହେବା ସୁଦ୍ଧା ଏହି ଘଟଣାରେ ପୁଲିସ୍ କାହାରିକୁ ଗିରଫ କରିପାରିନାହିଁ। ଏହି ଖବର ଆଜି ଜିଲ୍ଲାରେ ଭୟର ବାତାବରଣ ସୃଷ୍ଟି କରିଛି।

ସୂଚନାନୁଯାୟୀ, ଡକାୟତମାନେ ଉପରମହଲାରେ ଥିବା ବ୍ୟାଙ୍କ ପ୍ରକୋଷ୍ଠରେ ବନ୍ଧୁକ ଓ ଭୁଜାଲି ଧରି ପଶିଥିଲେ। ସେତେବେଳେ ବ୍ୟାଙ୍କ ଭିତରେ ବ୍ୟାଙ୍କ ମ୍ୟାନେଜର୍ ରଞ୍ଜିତା ସୋରେନ, କ୍ୟାସିୟର ସୂର୍ଯ୍ୟପ୍ରଭା ମଲ୍ଲିକଙ୍କ ସହ ୩ ମହିଳା କର୍ମଚାରୀ ଏବଂ ୮ରୁ ୧୦ଜଣ ଗ୍ରାହକ ଉପସ୍ଥିତ ଥିଲେ। ଦୁର୍ବୃତ୍ତମାନେ ପ୍ରଥମେ ୫ଜଣ ଗ୍ରାହକଙ୍କୁ ବନ୍ଧୁକ ଓ ଭୁଜାଲି ଦେଖାଇ ଗୋଟିଏ ପଟକୁ ନେଇଯିବା ପରେ ମ୍ୟାନେଜର୍‌ଙ୍କୁ ଡରାଇ ଧମକାଇ ତାଙ୍କ ପାଖରୁ ଷ୍ଟ୍ରଙ୍ଗରୁମ୍‌ର ଚାବି ଛଡ଼ାଇ ନେଇଥିଲେ। ପରେ ସେମାନେ ଷ୍ଟ୍ରଙ୍ଗରୁମ୍‌ର ତାଲା ଖୋଲି ୮ ଲକ୍ଷରୁ ଅଧିକ ଟଙ୍କା ଓ ୯ ଗ୍ରାମ୍ ସୁନା ନେଇ ପଳାଇଥିଲେ। ଦୁର୍ବୃତ୍ତମାନେ ହିନ୍ଦୀ ଓ ବଙ୍ଗଳା ଭାଷାରେ କଥା ହେଉଥିଲେ। ଯିବାବେଳେ ବ୍ୟାଙ୍କର ବାହାର ପଟୁ ଚାବି ପକାଇଦେଇ ପଳାଇଥିଲେ। ପରେ ମୋବାଇଲ ଗୁଡିକୁ ତଳେ ପକାଇ ୨ଟି ବାଇକରେ ଖସି ପଳାଇଥିଲେ।

### ଠାକୁରଙ୍କୁ ଲାଗିହେଲା...

ମୋଦକ ମଣତି ନେବା ସମୟରେ ମୋଟ ୩୧୩ ମୂର୍ତ୍ତିର୍ ଅମୁଣିଆ ମୋଦକରୁ ୭୦ କମ୍ ଥିବା ଦେଖା ଯାଇଛି। ମୋଦକ ଚୋରି ପରେ ସ୍ୱାଭାବିକ ଭାବରେ ଏହା ମାରା ହୋଇଯାଇଛି, ତେଣୁ ମାରା ମୋଦକ କିପରି ମହାପ୍ରଭୁଙ୍କୁ ଲାଗି କରାଗଲା ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଏହା ସହ ଏହାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସେ ନିଜ ଚିଠିରେ ଉଲ୍ଲେଖ ରଖିଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଅପରପକ୍ଷରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ବାଡ଼ଗ୍ରାହୀଙ୍କ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ ଗୁପ୍ତ ନୀତି ସମ୍ପର୍କରେ ବାହାରେ ଆଲୋଚନା ହେବା କଥା ନୁହେଁ। ବଡ଼ଠାକୁରଙ୍କ ବାଡ଼ଗ୍ରାହୀଙ୍କ ଲିଖିତ ଅଭିଯୋଗ ଆଧାରରେ ତଦନ୍ତ କରାଯାଉଛି ଓ ଏହାର ରିପୋର୍ଟ ମଗାଯାଇଛି। ଯେତେବେଳେ ବୈଦ୍ୟ ସେବକ ଦଶମୂଳ ମୋଦକ ଗାରଦରେ ଦିଅନ୍ତି ସେହି ଅମୁଣିଆ ମୋଦକକୁ ଗାରଦର ଅଧିକାରୀ ଏବଂ କର୍ମଚାରୀ ଗଣନ୍ତି ନାହିଁ କି ଛୁଅନ୍ତି ନାହିଁ। ଏହା ଟିପା ଖାତାରେ ଲେଖାଯାଏ। କମାଣ୍ଡର ଯାହା ସୂଚନା ଦେଇଛନ୍ତି ସେହି ଅନୁଯାୟୀ ବାଡ଼ଗ୍ରାହୀ ଯେଉଁ ଅଭିଯୋଗ କରିଛନ୍ତି ତାହାର ସତ୍ୟତା ନାହିଁ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ। ମାତ୍ର ମୁଖ୍ୟପ୍ରଶାସକଙ୍କ ମନ୍ତବ୍ୟ ସ୍ୱାଭାବିକ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ଯଦି ତଦନ୍ତ ଶେଷ ହୋଇ ନାହିଁ, ତେବେ ବାଡ଼ଗ୍ରାହୀଙ୍କ ଅଭିଯୋଗ ମିଛ ବୋଲି ପ୍ରମାଣିତ ହେଲା କିପରି ବୋଲି ଅନେକ ପ୍ରଶ୍ନ କରିଛନ୍ତି।

ସେହିପରି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବାଡ଼ଗ୍ରାହୀଙ୍କୁ ପରୋକ୍ଷରେ ଭର୍ତ୍ସନା କରିଛନ୍ତି। କିଛି ଲୋକ ନିଜର ବାହାଦୂରୀ ଦେଖାଇବା ପାଇଁ ଯଥାର୍ଥତା ନ ଥିବା କଥାକୁ ବାହାରକୁ ଆଣି ବିଭ୍ରାନ୍ତି ସୃଷ୍ଟି କରନ୍ତି। ତେବେ ଏ ବାବଦରେ ତର୍ଜମା କରାଯାଉଛି। ଯଥାର୍ଥତା ନ ଥିବା ଏହି କଥାରେ ଯେଉଁମାନେ ସମ୍ପୃକ୍ତ ଅଛନ୍ତି ସେମାନଙ୍କୁ ତଦନ୍ତ ଏବଂ ଦଣ୍ଡ ଉଭୟକୁ ସମ୍ମୁଖୀନ ହେବାକୁ ପଡ଼ିବ। ମୁଖ୍ୟ ପ୍ରଶାସକ ଯାହା କହିଛନ୍ତି ତାହା ହିଁ ସତ୍ୟ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି। ଗତବର୍ଷ ରଥଯାତ୍ରା ସମୟରେ ମହାପ୍ରଭୁ ବଳଭଦ୍ର ମୁହଁମାଡ଼ି ପଡ଼ିଲେ। ଏହି ଘଟଣା ସେତେବେଳେ କୋଟିକୋଟି ଓଡ଼ିଆଙ୍କୁ ଆଘାତ ଦେଲା। ପ୍ରଥମେ ଏହାକୁ ସାମାନ୍ୟ ଘଟଣା କହୁଥିବା ସରକାର ଶେଷରେ ଜନମତ ଚାପରେ ତଦନ୍ତ ନିର୍ଦ୍ଦେଶ ଦେଲେ। ଇତିମଧ୍ୟରେ ବର୍ଷେ ବିତିଲାଣି, ମାତ୍ର ତଦନ୍ତ ରିପୋର୍ଟ ଆସିଲା ନାହିଁ କି କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ଏବେ ପୁଣି ରଥଯାତ୍ରା ବେଳକୁ ମହାପ୍ରଭୁଙ୍କ ସେବା ପାଇଁ ବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ମୋଦକ ଚୋରି ହୋଇ ଘଟଣା ରାଜ୍ୟବାସୀଙ୍କ ମନରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ମହାପ୍ରଭୁଙ୍କ ସରକାର ଓ ପ୍ରଶାସନ ଖେଳନା କରି ଦେଲେଣି ବୋଲି ଅନେକ ଅଭିଯୋଗ କରିଛନ୍ତି।

### ଜୁଲାଇ ପହିଲାରୁ...

ସମୟରୁ ଚାଲିଥିବା ହେରଫେରକୁ ଦେଖି ନିକଟରେ ରେଳବାଇ ତତ୍କାଳ ଟିକଟ୍‌ର ବୁକିଂ ପ୍ରକ୍ରିୟାରେ ବଡ଼ ପରିବର୍ତ୍ତନ କରିଛି। ଜୁଲାଇ ପହିଲାରୁ ତତ୍କାଳ ଟିକଟ ବୁକ୍ କରିବା ପାଇଁ ଆଧାର ପ୍ରମାଣୀକରଣ ଆବଶ୍ୟକ ହେବ। ଜୁନ୍ ୧୦ରେ ରେଳ ମନ୍ତ୍ରଣାଳୟ ସମସ୍ତ ରେଳ ଜୋନ୍‌କୁ ଏ ନେଇ ନୋଟିସ୍ ଦେଇଛି। ଏହି ସୂଚନାରେ କୁହାଯାଇଛି ଯେ ଏହାର ଉଦ୍ଦେଶ୍ୟ ହେଉଛି ତତ୍କାଳ ଯୋଜନାର ଲାଭ ସଠିକ୍ ଲୋକଙ୍କ ପାଖରେ ପହଞ୍ଚାଇବା। ଏଣିକି ଆଇଆର୍‌ସିଟିସି ଏଜେଣ୍ଟମାନେ ପ୍ରଥମ ଅଧ ଘଣ୍ଟା ପାଇଁ ତତ୍କାଳ ଟିକେଟ ବୁକ୍ କରିପାରିବେନାହିଁ। ଏହି ନିୟମ ସକାଳ ୧୦ଟା ରୁ ୧୦ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଏସି କ୍ଲାସ ପାଇଁ ଏବଂ ସକାଳ ୧୧ଟାରୁ ୧୧ ଟା ୩୦ ମିନିଟ୍‌ପର୍ଯ୍ୟନ୍ତ ଅଣ-ଏସି କ୍ଲାସ ପାଇଁ ଲାଗୁ ହେବ। ଅର୍ଥାତ୍, ଏହି ସମୟରେ ଏଜେଣ୍ଟମାନେ ତତକାଳ ଟିକେଟ୍ ବୁକ୍ କରିପାରିବେ ନାହିଁ।


**OFFICE OF THE PRINCIPAL**
**Eklavya Model Residential School, Nuapada**
(A unit of NESTS) Ministry of Tribal Affairs Govt. Of India
(Affiliated To CBSE, Delhi, Affiliation No. 1520009 & School No- 17097)
At – Sakhatara ,Po- Maulibhatta Ps-Nuapada, Dist- Nuapada, 766105 (Odisha)
Email id: - emrs.nuapada@gmail.com

Letter no: - EMRS / NPD/ OFF/ 132 /2025-26 /Date: -24.06.2025

**SHORT TENDER CALL NOTICE**

Sealed Short Tenders are invited from the Registered and reputed firms/dealers/wholesale suppliers for urgent requirement of "Grocery ***items, Vegetable Items, Non-Vegetarian Items, Sweet Milk Paneer Bread Fruits Items & Hair Cutting*** " for our School for the Academic year 2025- 2026. They are intimated to deposit sealed quotations in the concerned format Physically /send through regd. or speed post only. The Tender forms with other particulars and format can be obtained form the office of the Principal, Ekalavya Model Residential School, Nuapada from 08.00 am to 02.00 pm on all working days w.e.f **25.06.2025 to 08.07.2025** on payment of Rs. 300/- (Non-Refundable) in cash or bank draft. It can be downloaded from Nuapada District Web Site i.e **nuapada.odisha.gov.in** Those who want to down load the tender forms from the website should enclose a Demand Draft/Pay Order for Rs. 300/- in favour of Principal EMRS Nuapada payable at Nuapada in any nationalized Bank along with each tender form towards its bid processing fees. **Sealed envelopes for both Technical bid and Financial bid should be submitted for each item separately with marked above the envelop.** The Tenders completed in all respects along with requisite Earnest Money (EMD) to be must deposit in shape of only TDR pledged in favour of Principal, EMRS Nuapada payable at Nuapada on or before 08.07.2025 by 02.00 PM by Physically / Speed & Registered Post only.

The Sealed Tenders will be opened on **09th , July'2025 (Wednesday) at 10.00 AM** in presence of Purchase Advisory Sub Committee at office Chamber of Principal EMRS Nuapada. The Chairman of the Committee reserves the right to accept or reject one or all tenders partly or wholly without assigning any reason there of. It may be noted that if any administrative exigencies occur, tenders opening date may be changed.

**Principal i/c , EMRS, Nuapada**



UNITY Small Finance Bank

**ୟୁନିଟି ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ୍ ଲିମିଟେଡ୍**
ପଞ୍ଜିକୃତ କାର୍ଯ୍ୟାଳୟ: ବସନ୍ତ ଲୋକ, ବସନ୍ତ ବିହାର, ନୂଆଦିଲ୍ଲୀ-110057
କର୍ପୋରେଟ୍ କାର୍ଯ୍ୟାଳୟ: ସେଣ୍ଟ୍ରମ୍ ହାଉସ୍, ବିଦ୍ୟାନଗରୀ ମାର୍ଗ, କଳିନା, ସାନ୍ତାକ୍ରୁଜ (E), ମୁମ୍ବାଇ – 400 098

**ଡିମାଣ୍ଡ ନୋଟିସ୍**
ଧାରା 13 (2) ଅନୁସାରେ

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନସିଆଲ ଆସେଟ୍‌ସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (ଆକ୍ଟ) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ (ରୁଲ୍ସ)**

ନିମ୍ନଲିଖିତ ବ୍ୟକ୍ତି ୟୁନିଟି ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍ ("ବ୍ୟାଙ୍କ") ର ଅଧିକୃତ ଅଧିକାରୀ ଦ୍ୱାରା ଆଇନ ଅନୁଯାୟୀ ଏବଂ ଆଇନର ଧାରା 13(12) ଅନୁସାରେ ପ୍ରଦତ୍ତ ଅଧିକାର ବ୍ୟବହାର କରି, ନିୟମ 3 ସହିତ ଧାରା 13(2) ଅନୁସାରେ ନିମ୍ନଲିଖିତ ଋଣଗ୍ରହୀଙ୍କୁ ସମ୍ବନ୍ଧିତ ନୋଟିସରେ ଉଲ୍ଲେଖିତ ଅର୍ଥ ନୋଟିସ ପ୍ରାପ୍ତିର ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ ଡିମାଣ୍ଡ ନୋଟିସ ଜାରି କରିଛନ୍ତି।। ଯେହେତୁ କେତେକ ନୋଟିସ ଡାକ ମାର୍ଗରେ ପହଞ୍ଚାଇ ନଥିବା ମନ୍ତବ୍ୟ ଅନୁଯାୟୀ ପ୍ରାପ୍ତ ହୋଇନାହିଁ, ତେଣୁ ନୋଟିସଗୁଡ଼ିକୁ ଋଣଗ୍ରହୀଙ୍କୁ ବିକଳ୍ପ ସେବା ଅର୍ଥାତ୍ ଖବରକାଗଜ ମାଧ୍ୟମରେ ପ୍ରକାଶ କରାଗଲା।

| | | |
|---|---|---|
| ୦୧ | ଋଣଗ୍ରହୀ(ଙ୍କ) ନାମ:<br>1) ସତ୍ୟସାଇ ଏଜେନ୍ସି (ଋଣଗ୍ରହୀ ଏବଂ ବନ୍ଧକଦାତା)<br>2) ସରୋଜିନୀ ଶତପଥୀ (ସହ-ଋଣଗ୍ରହୀ ଏବଂ ବନ୍ଧକଦାତା)<br>3) ସତ୍ୟସାଇ ଶତପଥୀ (ସହ-ଋଣଗ୍ରହୀ ଏବଂ ବନ୍ଧକଦାତା)<br>ମଞ୍ଜୁରୀ ତାରିଖ: ୦୬/୦୮/୨୦୨୪<br>ଋଣ ଖାତା ନମ୍ବର: USFBBHUMSME000002800<br>ଋଣ ରାଶି: ଟ.୫୦,୦୦,୦୦୦.୦୦/-<br>ଏନପିଏ ତାରିଖ: ୦୨/୦୬/୨୦୨୫<br>ଡିମାଣ୍ଡ ନୋଟିସ ତାରିଖ: ୦୯/୦୬/୨୦୨୫ (୦୯/୦୬/୨୦୨୫ରେ ପଠାଯାଇଛି)<br>ଡିମାଣ୍ଡ ନୋଟିସ ରାଶି: ୦୬.୦୬.୨୦୨୫ ସୁଦ୍ଧା ଟ.୫୧,୯୦,୦୪୯.୭୦/- ଏବଂ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ | ସମ୍ପତ୍ତିର ବିବରଣୀ: ଖାତା ନଂ. ୪୭୬/୨୫୩୪, ପ୍ଲଟ୍-୧୦୬୩/୩୪୨୧, ସହଦେବଖୁଣ୍ଟା, ବାଲେଶ୍ୱର-୭୫୬୦୦୧<br>ସମ୍ପତ୍ତିର ସୀମା (ବନ୍ଧକ/ବିକ୍ରୟ ଦଲିଲ ଅନୁଯାୟୀ):<br>ପୂର୍ବ: ସରକାରୀ ରାସ୍ତା<br>ପଶ୍ଚିମ: ସରକାରୀ ରାସ୍ତା<br>ଉତ୍ତର: ହରି ହର ନାୟକ<br>ଦକ୍ଷିଣ: ପ୍ଲଟ୍ ନଂ. - ୧୦୬୪ |
| ୦୨ | ଋଣଗ୍ରହୀଙ୍କ ନାମ:<br>1) ଭୂପତି ଚରଣ ପ୍ରଧାନ (ଋଣଗ୍ରହୀ)<br>2) ଦେବକୀ ପ୍ରଧାନ (ସହ-ଋଣଗ୍ରହୀ ଏବଂ ବନ୍ଧକକାରୀ)<br>ମଞ୍ଜୁରୀ ତାରିଖ: ୨୩/୦୮/୨୦୨୪<br>ଋଣ ଖାତା ନମ୍ବର: USFBBHUMSME000003127<br>ଋଣର ପରିମାଣ: ₹୧୪,୦୦,୦୦୦.୦୦/-<br>ଏନପିଏ ତାରିଖ: ୦୨/୦୬/୨୦୨୫<br>ଦାବି ନୋଟିସ୍ ତାରିଖ: ୧୭/୦୬/୨୦୨୫ (୧୮/୦୬/୨୦୨୫ରେ ପଠାଯାଇଛି)<br>ଦାବି ନୋଟିସ୍ ପରିମାଣ: ₹୧୪,୫୪,୧୩୮.୬୮/- (୦୬/୦୬/୨୦୨୫ ପର୍ଯ୍ୟନ୍ତ) ଏବଂ ସୁଧ ଓ ଅନ୍ୟାନ୍ୟ ଶୁଳ୍କ | ସମସ୍ତ ସ୍ଥାବର ସମ୍ପତ୍ତିର ଅଂଶ :<br>ଖାତା ନଂ: ୬୭୫/୭୪୨, ପ୍ଲଟ୍ ନଂ: ୧୯୫୩, ପ୍ଲଟ୍ ଏରିଆ : ଏକର ୦.୦୨୦୦ ଡେସିମାଲ ଅର୍ଥାତ୍ ୮୭୧.୨୦ ବର୍ଗଫୁଟ, କିସମ: ଘରବାରୀ, ମୌଜା: ଚୋରାମରା, ଥାନା: ବାଲେଶ୍ୱର (୧୫), ତହସିଲ: ବାଲେଶ୍ୱର (୪୦୧), ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ଏବଂ ନିମ୍ନଲିଖିତ ସୀମା ଦ୍ୱାରା ପରିବେଷ୍ଟିତ:<br>ସୀମା (ବନ୍ଧକ/ବିକ୍ରୟ ଦଲିଲ ଅନୁଯାୟୀ):<br>ପୂର୍ବ: ରେଭେନ୍ୟୁ ପ୍ଲଟ୍ ନଂ: ୧୯୪୨<br>ପଶ୍ଚିମ: ପ୍ଲଟେଡ୍ ରାସ୍ତା<br>ଉତ୍ତର: ରେଭେନ୍ୟୁ ପ୍ଲଟ୍ ନଂ: ୧୯୫୩/୨୧୪୦<br>ଦକ୍ଷିଣ: ରେଭେନ୍ୟୁ ପ୍ଲଟ୍ ନଂ: ୧୯୫୫ |

ଯଦି ଉପରୋକ୍ତ ବକେୟା ପରିଶୋଧ କରିବାରେ ୬୦ (ଷାଠିଏ) ଦିନର ଅବଧି ମଧ୍ୟରେ ବିଫଳ ହୁଅନ୍ତି, ତେବେ ନିମ୍ନଲିଖିତ ସ୍ୱାକ୍ଷରକାରୀ ଆଇନ ଅନୁଯାୟୀ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତିଗୁଡ଼ିକୁ ଏନଫୋର୍ସ କରିବାକୁ ବାଧ୍ୟ ହେବେ। ଦୟାକରି ନୋଟ୍ କରନ୍ତୁ ଯେ, ଆଇନର ଧାରା ୧୩(୧୩) ଅନୁଯାୟୀ, ଆପଣଙ୍କୁ ଏହି ସୁରକ୍ଷିତ ସମ୍ପତ୍ତିଗୁଡ଼ିକୁ ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ଉପାୟରେ ହସ୍ତାନ୍ତର କରିବାରୁ ନିଷିଦ୍ଧ କରାଯାଇଛି। ଏହି ବ୍ୟବସ୍ଥାର କୌଣସି ଉଲ୍ଲଂଘନ ଏକ ଅପରାଧ ଏବଂ ଆଇନ ଅନୁଯାୟୀ ଦଣ୍ଡନୀୟ।
ଦାବି ନୋଟିସ୍‌ର ଏକ ପ୍ରତିଲିପି ନିମ୍ନଲିଖିତ ବ୍ୟକ୍ତିଙ୍କ ପାଖରେ ଉପଲବ୍ଧ, ଏବଂ ଋଣଗ୍ରହୀ(ମାନେ) ଚାହିଁଲେ ଯେକୌଣସି କାର୍ଯ୍ୟଦିବସରେ ସାଧାରଣ ଅଫିସ୍ ସମୟରେ ନିମ୍ନଲିଖିତ ବ୍ୟକ୍ତିଙ୍କଠାରୁ ଏହା ସଂଗ୍ରହ କରିପାରିବେ।

ସ୍ଥାନ: ଓଡ଼ିଶା, ତାରିଖ: ୨୫.୦୬.୨୦୨୫ — ସ୍ୱା/- ଅଧିକୃତ ଅଧିକାରୀ, ୟୁନିଟି ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍



**OFFICE OF THE PRINCIPAL**
**MAA MARKAMA +3 COLLEGE, BISSAMCUTTACK, DIST – RAYAGADA**
**TENDER NOTICE**

Maa Markama +3 College, Bissamcuttack invites sealed Tenders for following items from the reputed agencies. The Tender document may be downloaded from our website – https://mmplus3college.in/

| Tender No | Name of the Items | Last date & time of submission of Tender form | Date & Time of opening Technical Bids | Date & Time of opening Financial Bids |
|---|---|---|---|---|
| 01/2025-26 | 6 nos of Desktop Computers and IT infrastructure | 15.07.2025, 5.00 P.M. | 18.07.2025 10.00 A.M | 18.07.2025 12.00 P.M |
| 02/2025-26 | Laboratory Equipments | 15.07.2025 4.00 P.M. | 22.07.2025 10.00 A.M | 22.07.2025 11.00 A.M |

Interested agencies may submit their sealed tenders in two bid system i.e. Technical Bid & Financial Bid as per terms & conditions of the tender documents. The filled in tender form of each item with tender fees and earnest money by Demand Draft in favour of Principal-cum-Secretary, Maa Markama +3 college, Bissamcuttack. The document should reach to the college office clearly super scribed "Tender for ........................................................................................".

-sd/-
Principal-cum-Secretary
Maa Markama +3 College, Bissamcuttack
Email id- mmdegreecollege@gmail.com, www.mmplus3college.in
Contact No : 9337150340/7978477560



**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
**GADHWAL GROUP**
**Mob.: 9437015112**

**TO-LET**

Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.

**CONTACT : 6371093914**

**AFFIDAVIT**

I, Suparna Subhadarshana, D/o- Jugansu Sekhar Panda, aged about 23 years, resident of Plot No. 291, Kalyani Nagar, Patrapada, Bhubaneswar, DIst- Khurda, PIN- 751019, Odisha declared by this affidavit No. 79, dtd- 23/06/2025 that now onwards I shall be known as **SUPARNA SUBHADARSHANA PANDA** for all future purposes.

**AFFIDAVIT**

By virtue of an affidavit Sl. No. 31, dtd. 23.06.2025 in the court of the Tahasildar-cum-Executive Magistrate, Phiringia, Dist.- Kandhamal, I, Namita Kanhar, have changed my minor daughter's name from Sakhina Kanhar to Urbi Kanhar. Henceforth she will be known as **Urbi Kanhar** for all purposes.
**Sd/- Namita Kanhar**

**AFFIDAVIT**

By virtue of an affidavit before Notary Public, Jeypore, Dist.- Koraput, No.2186 dtd.14.05.2025 I, Sri Janta Nag, S/o- Late Harischandra Nag, resident of Vill.- Mokaput, Po.- Umuri, Ps.- Jeypore Sadar, Dist.- Koraput, Odisha, declare that, my son's actual name is **Suroj Nag** but in his Aadhaar Card his name has been mentioned as **Rishi Nag**. Hence **Suroj Nag** and **Rishi Nag** is one and same person.

**AFFIDAVIT**

I, Anuska Satpathy, D/o- Sanjeeb Kumar Satpathy, resident of Lane-4, Gandhinagar, Po-Balangir, Dist- Balangir, Odisha declare by this affidavit No. 527, dated- 24/06/2024 that now onwards I shall be known as **ANUSHKA SATPATHY** for all future purposes.

**AFFIDAVIT**

By virtue of an affidavit sworn before Notary Public, Bhubaneswar on 10.06.2025. I Devee Rani Sasmal, residing At/Po- Narayanmohantypadia, PS- Bhograi, Dist.- Balasore declare that I have changed my minor son's name from Debaraj Jena to **Abhi Adinath**. Henceforth he shall be known as **Abhi Adinath** for all purposes.
**Sd/- Devee Rani Sasmal**

**AFFIDAVIT**

By the virtue of an affidavit sworn before Executive Magistrate, Daringibadi, Dated 24.06.2025. I KANCHANI BALIYARSINGH , D/o Mard Nayak, Address Simonbadi, Po: Simonbadi, Ps: Daringibadi, Dist : Kandhamal, State: Odisha- 762104 declare that I have chaged my Name from KANJANI BALIYARSINGH to KANCHANI BALIYARSINGH. Henceforth, I shall be known as KANCHANI BALIYARSINGH for all purposes.

**AFFIDAVIT**

By virtue of an affidavit sworn before Notary Public, Bhubaneswar on 10.06.2025. I Kabita Maharana, residing At- Dhipur, Po- Gadasanapur, Ps.- Kanas, Dist.- Puri declare that I have changed my minor son's name from Asribada Maharana to **Ashirbad Maharana**. Henceforth he shall be known as **Ashirbad Maharana** for all purposes.
**Sd/- Kabita Maharana**

**AFFIDAVIT**

By virtue of an affidavit sworn before Notary Public, Bhubaneswar on 10.06.2025. I Namita Das, residing At- Palligumula, Po- Bada Kusthali, Ps- Gopalpur, Dist.- Ganjam declare that I have changed my minor daughter's name from Abhi Das to **Ankita Das**. Henceforth she shall be known as **Ankita Das** for all purposes.
**Sd/- Namita Das**

**AFFIDAVIT**

By virtue of an affidavit sworn before Notary Public, Bhubaneswar on 10.06.2025. I Snehalata Malik, residing At- Bhabanipur, Po- Balibili, Ps- Bari Ramachandrapur, Dist.- Jajpur declare that I have changed my name from Rima Jardar to **Snehalata Malik**. Henceforth he shall be known as **Snehalata Malik** for all purposes.
**Sd/- Snehalata Malik**

**NOTICE**

By virtue of an affidavit sworn before the Executive Magistrate/Notary Public M. Rampur, Kalahandi dated 24.06.2025 I, Prasanta Seth Address At/Po - M. Rampur, Ps - M. Rampur, Dist – Kalahandi, Odisha, 766102 declare that I have changed changed the name of my son Sahan Seth to Bhojraj Seth. Henceforth, He shall be known as **Bhojraj Seth** for all purposes.

**AFFIDAVIT**

By the virtue of an affidavit sworn before the court of Executive Magistrate, Bhapur, Nayagarh, I, **BIBEKANANDA DAS** At- Nandabar, PO- Karabar, Dist - Nayagarh wants to change my name from **Babul Kumar Das** to **Bibekananda Das** for all purposes.

**AFFIDAVIT**

I, Kanduri Sahoo, S/o- Late Arta Sahoo, aged about 65 years, At- Baligoradi, Post- Biranarasinghapur, Ps.- Chandanpur, Dist.- Puri, Odisha have lost my original Sale deed (vide Regd. No.397 dtd. 07.02.1986, at D.S.R. Puri) at Chandanpur market area. I wish to creat mortgage on the said property for availing home loan from SBI, Station Bazar branch, Puri. Centre code- 7886. If anybody has found the same sale deed please return the original document to SBI, Station Bazar branch, Puri or contact me on mobile no. 9861085826.

**AFFIDAVIT**

By virtue of an affidavit sworn before Notary Public, Bhubaneswar on 10.06.2025. I Suchitra Mallik, residing At- Paripada, Po- Uttarkulhat, Ps- Alakunda, Dist- Jajpur declare that I have changed my minor son's name from Rohit Kumar Mallik to **Rohit Mallik**. Henceforth he shall be known as **Rohit Mallik** for all purposes.
**Sd/- Suchitra Mallik**

**AFFIDAVIT**

By virtue of an affidavit sworn before the Executive Magistrate, Cuttack. I, **Nikita Singhania,** age 36 years, D/o- Jay Kumar Jain, W/o- Chandan Singhania, resident of Jarda Compound, Kanika Chhak, Po-Tulasipur, Ps- Lalbag, Dist- Cuttack, Odisha vide Aadhar No- 8001 8737 1002. Prior to my marriage I was named as **Nikita Jain** which has been reflected my passport No. M2971092. After my marriage I have changed my surname from **Jain** to **Singhania**. Henceforth, both name **Nikita Singhania** and **Nikita Jain** is one same person she will be known as **Nikita Singhania** for all future purposes.
**Nikita Singhania**

**AFFIDAVIT**

By virtue of an Affidavit No. 407, Dt. 24.06.25 sworn before the Executive Magistrate, BISOI, I Sri Karamchand Patra, S/o - Prafulla Patra of village - Dhendgan, Po - Ekdali, P.S - Jharpokharia, Dist - Mayurbhanj declared that in Aadhar Card bearing No:- 5326 2016 9863 my son name has been wrongly written "MANASH PATRA" instead of "MANAS PATRA". That both the name as MANASH PATRA and MANAS PATRA are same and one person. That the purpose of this affidavit is to be produced before the concerned authority to correction of my son name as "MANAS PATRA" and father name as "KARAMCHAND PATRA" for future reference.
**Karamchand Patra**

**AFFIDAVIT**

By virtue of an affidavit before the Executive Magistrate, Angul on dated- 09/06/2025. I, **Mulaveesala Venkata Sujatha,** W/o- Pandellapalli Sravan, resident of 48-12-7/28 Manasa Apartments, Srinagar, Visakhapatnam (Urban), Andhrapradesh-530016, at present QTR No. TC-24, PO/PS- Nalco Nagar, Dist- Angul, odisha have changed my minor daughter's name from **P. Medha Prapurna To Pandellapalli Venkata Medha Prapurna** in Sukanya Samridhi Yojana of postal bearing A/C No. 6120239157. Henceforth, she shall be known as **Pandellapalli Venkata Medha Prapurna** for all future purposes.
**Mulaveesala Venkata Sujatha**



**M/s. L.K. ASSOCIATES, KORAPUT**
BRANCH OFFICE: SHIVA SHAKTI NAGAR, WARD NO.7,
GOTMA, KHARIAR ROAD, DIST.-NUAPADA, ODISHA, PIN-766104

**ENGAGEMENT OF MANPOWER FOR 'FOREST RIGHT CELL' UNDER DA-JGUA NEWLY CONSTITUTED FR CELL AT THE OFFICE OF SUB-COLLECTOR, NUAPADA THROUGH OUTSOURCING.**

No. 215 / MSLK / 06 / 2025 / Date: 23.06.2025

Applications are invited with complete Bio-data in the relevant field from intending eligible persons of Nuapada District for engagement of Cell Co-ordinator and MIS Assistant for setting up FRA Cell (Dharti Aaba Units) under DA-JGUA (Forest Right Cells) on "outsourcing" basis in the Sub-Collector Office, Nuapada by 04.07.2025. Applicants can log on www.nuapada.gov.in for details of vacancy, eligibility criteria, age, remuneration, application forms & other terms and conditions. The application will be received through Speed Post / Regd. Post / Courier Service in the above Khariar Road Branch Office address. The engagement is co-terminus with the scheme. The applications received after the schedule date shall be rejected.

| Sl. No. | Position | Remuneration | No. of Vacancy | Educational Qualification | Experience |
|---|---|---|---|---|---|
| 01 | Cell Co-ordinator (Sub-Collector Office, Nuapada) | Rs.35,000/- per month (inclusive of all taxes) | 01 | Graduate. Master degree will be preferred. | Minimum 2-3 years of experience in NGO/Social Sector Projects & with Govt project will be preferred for the position under the scheme. |
| 02 | MIS Assistant (Sub-Collector Office, Nuapada) | Rs.25,000/- per month (inclusive of all taxes) | 01 | Graduate with PGDCA. Master degree will be preferred. | 2 years of experience in data entry and large scale database management in any reputed Govt / Private agency & MS Office, Excel & Internet. |

**NB: Language and competency:**
* Fluency in oral and written communication in Odia and English is a mandatory requirement

**Nature of Engagement:**
* Mode of engagement will be completely contractual and on temporary basis. The contract agreement will be for a period of one year & can be terminated by either of the party with one month prior notice or remuneration in lieu. Initial agreement will be for 06 months.
* **Selection will be made on merit basis & computer test.**
* **Candidates are required to bring all original Certificates/ documents for verification on 05.07.2025 at 10.00 AM**

**Date of interview: 05.07.2025 at 11.00 AM in the office of the District Welfare Officer, Nuapada.**
**For details contact Mobile No. 7328882121 / 7894384569**

**Sd/- Director**
**M/s. L.K.Associates, Koraput**

# ହଟୁନି ମନ୍ଦିର; ଆଗଉନି କେନାଲ ସମ୍ପ୍ରସାରଣ କାର୍ଯ୍ୟ



ଖଇରା,୨୪।୬ (ସମିସ)

ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଡଗରପଡା ଗ୍ରାମ ପଞ୍ଚାୟତ ଅଧୀନ ବଡ଼ ବାହାଦଲପୁର ଗ୍ରାମ ନିକଟରେ ରାସ୍ତା କଡ ସରକାରୀ ଜମିରେ ଥିବା ଏକ ମନ୍ଦିରକୁ ଉଚ୍ଛେଦ କରାଯାଉ ନ ଥିବାରୁ ଏବେ କେନାଲର ଦକ୍ଷିଣ ପାଖ ପାଚେରୀ ଓ ରାସ୍ତା କାମ ଅଟକି ରହିଛି। କେବଳ କାମରେ ଅଗ୍ରଗତି ହୋଇ ପାରୁନି ତାହା ନୁହେଁ ମନ୍ଦିରକୁ ଆସୁଥିବା ଭକ୍ତଙ୍କ ପାଇଁ ଏହି ଗଭୀର କେନାଲ ପାଣି ବିପଦ ସୃଷ୍ଟି କରୁଛି। ମନ୍ଦିର ପ୍ରତିଷ୍ଠାତା ଓ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ବଢି ଚାଲିଥିବା ବେଳେ ପ୍ରଶାସନ ନିଷ୍ପତ୍ତିରେ ବିଳମ୍ବ ହେଉଥିବାରୁ କେନାଲ କାର୍ଯ୍ୟ ସମ୍ପୂର୍ଣ୍ଣରେ ଅନିଶ୍ଚିତତା ଦେଖାଦେଇଛି। ପ୍ରଶାସନ ଉଭୟ ପକ୍ଷର ମତକୁ ସମ୍ମାନ ଦେଇ କିଭଳି କେନାଲ କାର୍ଯ୍ୟରେ ଅନ୍ତରାୟ ହୋଇ ରହିଥିବା ମନ୍ଦିରକୁ ଉଚ୍ଛେଦ କରି ଠାକୁରଙ୍କୁ ଅନ୍ୟ ମନ୍ଦିରକୁ ସ୍ଥାନାନ୍ତର ପାଇଁ ଡଗରପଡା ପଞ୍ଚାୟତବାସୀ ଦାବି କରିଛନ୍ତି। ପାଖାପାଖି ୧୦ବର୍ଷ ତଳେ ଗ୍ରାମର ଶଙ୍କର୍ଷଣ ବେହେରା ସରକାରୀ ଜମିରେ ଏକ ଶିବ ମନ୍ଦିର ପ୍ରତିଷ୍ଠା କରିଥିଲେ। ସେତେବେଳକୁ କେନାଲ ସମ୍ପ୍ରସାରଣ ପାଇଁ ମନ୍ଦିର ଜାଗା ଚିହ୍ନଟ ହୋଇ ସାରିଥିଲା। ହେଲେ ଏହାକୁ ବିଶେଷ ଗୁରୁତ୍ୱ ନ ଦେଇ ମନ୍ଦିର ପ୍ରତିଷ୍ଠା କରାଇ ପର୍ବପର୍ବାଣୀ ପାଳନ କରିଥିଲେ। ପରବର୍ତ୍ତୀ ସମୟରେ ଜଳସେଚନ ବିଭାଗ ଆନନ୍ଦପୁର ଡିଭିଜନ ପକ୍ଷରୁ କେନାଲ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଉକ୍ତ କାର୍ଯ୍ୟରେ ଏହି ମନ୍ଦିର ବାଧା ସୃଷ୍ଟି କରିବା ପରେ ଏହା ଉଠାଇବାକୁ ବିଭାଗ ତରଫରୁ ନୋଟିସ କରାଯାଇଥିଲା। ହେଲେ ସେ ହଟାଇବା ପରିବର୍ତ୍ତେ ମନ୍ଦିର ବଢାଇବା ସହ ଠାକୁରଙ୍କ ସଂଖ୍ୟା ମଧ୍ୟ ବଢ଼ାଇ ଚାଲିଥିଲେ। ପ୍ରଥମେ ଶିବ ତାପରେ ଜଗନ୍ନାଥ ଏବଂ ପରେ ପରେ ନବଗ୍ରହ, ହନୁମାନ ଏମିତି ଅନେକ ଠାକୁରଙ୍କ ଅଭିଷେକ କରାଇଲେ। ଜଳସେଚନ ବିଭାଗ ମନ୍ଦିର ଉଠାଇବା ନିଷ୍ପତ୍ତି ପ୍ରତିବାଦରେ ଶଙ୍କର୍ଷଣ ବେହେରା ଉଚ୍ଚ ଅଦାଲତରେ ଆଶ୍ରୟ ନେଇଥିଲେ। ଅଦାଲତ ଫେବୃଆରୀ ୧୪,୨୦୨୫ରେ ଏହି ମାମଲା(ଡବ୍ଲ୍ୟୁପି(ସି) ନଂ୪୭୦୩ ଅଫ୍ ୨୦୨୫ର ବିଚାର କରି ୩ମାସ ମଧ୍ୟରେ ପ୍ରଶାସନ ଏହାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ବାଲେଶ୍ୱର ଉପଜିଲ୍ଲାପାଳ ପ୍ରଥମେଶ ରାଜଶିର୍କେ ମନ୍ଦିର ନିର୍ମାଣ ହୋଇଥିବା ସ୍ଥାନକୁ ଆସି ଠାକୁରଙ୍କ ଥଇଥାନ ପାଇଁ ବିକଳ୍ପ ବ୍ୟବସ୍ଥା କରିବାକୁ କେନାଲ କର୍ତ୍ତୃପକ୍ଷ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏବେ ୪ ମାସ ଅତିକ୍ରାନ୍ତ ହେବାକୁ ବସିଥିବା ବେଳେ ଆଉ କୌଣସି ଅଗ୍ରଗତି ଘଟିପାରିନାହିଁ। ଜଳସେଚନ ବିଭାଗ ତରଫରୁ ନିର୍ମାଣ ହୋଇଥିବା ଅସ୍ଥାୟୀ ଆଶ୍ରୟସ୍ଥଳକୁ ଠାକୁର ନେବାକୁ ମନ୍ଦିର ପ୍ରତିଷ୍ଠାତା ରାଜି ନ ଥିବା କୁହାଯାଉଛି। କେନାଲ କାର୍ଯ୍ୟ ହାତକୁ ନେଇଥିବା ଠିକାଦାର ଏହି ଆଳରେ ବିବାଦୀୟ ଜାଗାକୁ ଛାଡି ଆଗକୁ କାମ ବଢାଇବାକୁ ଆରମ୍ଭ କଲେଣି।

## ସେମାନେ କହନ୍ତି...

- ଜଣେ ବ୍ୟକ୍ତିକୁ ଅଧିକ ପ୍ରାଧାନ୍ୟ ନ ଦେଇ ଠାକୁରଙ୍କୁ ଅସ୍ଥାୟୀ ମନ୍ଦିରର ବ୍ୟବସ୍ଥା କରି କେନାଲ କାମ ଶେଷ କରାଯିବା ଆବଶ୍ୟକ।
  ଜୟା ବେହେରା, ଗ୍ରାମବାସୀ, କମାରପାଳ
- ଏହି କଥାକୁ ଅଧିକ ବଢିବାକୁ ନ ଦେଇ ଉଭୟ ପକ୍ଷଙ୍କ କଥାକୁ ଗୁରୁତ୍ୱ ଦେଇ ଠାକୁରଙ୍କୁ ସ୍ଥାନାନ୍ତର ପାଇଁ ପ୍ରଶାସନ ବ୍ୟବସ୍ଥା କରିବା ଦରକାର।
  ରତ୍ନାକର ଦଳେଇ, ସରପଞ୍ଚ, ଡଗରପଡା
- ଯେଉଁ ଜାଗାରେ ପୂର୍ବ ତହସିଲଦାର ମୁର୍ମୁସାର ଯାଗା ଚିହ୍ନଟ ଦେଲେ ତାହାକୁ ପ୍ରତିଷ୍ଠାତା ଏବଂ ତାଙ୍କ ପୁଅ ସ୍ଥାନାନ୍ତର ପାଇଁ ଅମଙ୍ଗ ହେଲେ। ଏବେ ପୁଣି ଯେଉଁ ଗୋଚର ଜମିରେ ମନ୍ଦିର ପାଇଁ ସେମାନେ ଏବେ କହୁଛନ୍ତି ଜାଗାର ଆବଶ୍ୟକତା ଦୃଷ୍ଟିରୁ ଗ୍ରାମବାସୀ ରାଜି ହେଉନାହାଁନ୍ତି।
  ବିମ୍ବାଧର ଦଳେଇ, ସମିତିସଭ୍ୟ, ଡଗରପଡା
- ପ୍ରଥମେ ଗ୍ରାମବାସୀ ଓ ମନ୍ଦିର ପ୍ରତିଷ୍ଠାତାଙ୍କ ମଧ୍ୟରେ ସହମତି ପରେ ଉପଜିଲାପାଳଙ୍କ ନିର୍ଦ୍ଦେଶରେ ମୂର୍ତ୍ତି ସ୍ଥାନାନ୍ତର ପାଇଁ ଅନ୍ୟ ଏକ ଜାଗାରେ ଅସ୍ଥାୟୀ ମନ୍ଦିର ଆରମ୍ଭ ହୋଇଥିଲା। ଗ୍ରାମବାସୀଙ୍କ ବିରୋଧ ପରେ ବନ୍ଦ ହୋଇ ରହିଛି।
  ତପନ ଜେନା, ସହକାରୀ ଯନ୍ତ୍ରୀ, ଆନନ୍ଦପୁର ଡିଭିଜନ
- ମନ୍ଦିର ପ୍ରତିଷ୍ଠାତା ପୁନର୍ବାର ଏହି ପ୍ରସଙ୍ଗରେ କୋର୍ଟରେ ଅପିଲ କରିଥିବାରୁ ମନ୍ଦିର ସ୍ଥାନାନ୍ତର ଓ କେନାଲ କାମ ଅଟକି ରହିଛି।
  ଅମିତ ରଞ୍ଜନ ହୋତା, ତହସିଲଦାର, ଖଇରା
- ପ୍ରଶାସନ ଅନ୍ୟ ଏକ ଜାଗା ଦେବା କଥା କହିଥିଲେ। ଏ ପର୍ଯ୍ୟନ୍ତ ତାହା ଦିଆଯାଇନାହିଁ। ଉପଜିଲ୍ଲାପାଳ ଓ ତହସିଲଦାର ଯେମିତି ନିର୍ଦ୍ଦେଶ ଦେବେ ଆମର ସେଥିରେ କୌଣସି ଅସୁବିଧା ନାହିଁ।
  ସନ୍ତୋଷ ବେହେରା, ମନ୍ଦିର ପ୍ରତିଷ୍ଠାତାଙ୍କ ପୁତ୍ର

## ଜାମଶୂଳୀ କଲେଜରେ ମହିଳା ଆତ୍ମରକ୍ଷା ତାଲିମ ଶିବିର




କାଳିପଦା, ୨୪।୬ (ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀନାରାୟଣ କଲେଜରେ ମହିଳା ଆତ୍ମରକ୍ଷା ତାଲିମ ଶିବିର ମଙ୍ଗଳବାର କଲେଜ ପରିସରରେ ଉଦ୍‌ଘାଟିତ ହୋଇ ଯାଇଛି। କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ଦିବ୍ୟେନ୍ଦୁ ଗିରି ଏହି ଶିବିରକୁ ଉଦ୍‌ଘାଟନ କରି ମହିଳା ମାନେ ନିଜ ସୁରକ୍ଷା ପ୍ରତି ଅଧିକ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଏଥିପାଇଁ ସରକାର ପ୍ରାଥମିକତା ଦେଉଛନ୍ତି ବୋଲି ସେ ମଧ୍ୟ କହିଥିଲେ। ଉଭିଦ ବିଜ୍ଞାନ ବିଭାଗ ପ୍ରାଧ୍ୟାପକ ଶିବନାରାୟଣ ମହାପାତ୍ର, ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ ପ୍ରମୁଖ ଏଥିରେ ଅତିଥି ଭାବରେ ଯୋଗ ଦେଇ ଥିଲେ। ସସ୍ମିତା ପାଳ ଓ ସରସ୍ୱତୀ ବିଶାଲ ପ୍ରଶିକ୍ଷକ ଭାବରେ ଯୋଗଦେଇ ଆତ୍ମ ସୁରକ୍ଷାର ବିଭିନ୍ନ ଦିଗ ଉପରେ ତାଲିମ ପ୍ରଦାନ କରିଥିଲେ। ସଂଯୋଜିକା ଅଧ୍ୟାପିକା ତନୁଶ୍ରୀ ନାୟକ ଓ ସୁଦେଷ୍ଣା ଦେ ତାଲିମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅସହାୟ ମଞ୍ଜୁଲତାଙ୍କୁ ମିଳିଲା ହୁଇଲ୍ ଚେୟାର

ଜଳେଶ୍ୱର ବ୍ଲକ, ୨୪।୬ (ସମିସ) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖାଲିନା ଗ୍ରାମ ପଞ୍ଚାୟତର ଇକଡା ଗ୍ରାମର ଅନାଦି ରଞ୍ଜନ ପ୍ରଧାନଙ୍କ ପତ୍ନୀ ମଞ୍ଜୁଲତା ପ୍ରଧାନ ୫୦ ପ୍ରତିଶତ ବିକଳାଙ୍ଗ ହୋଇ ଥିବାରୁ ଠିକ୍‌ରେ ଚଲାବୁଲା କରି ପାରୁନାହାନ୍ତି। ସେଥିପାଇଁ ଜଳେଶ୍ୱର ବ୍ଲକକୁ ଆସି



ସାମାଜିକ ସୁରକ୍ଷା ଅଧିକାରିଣୀ ସଲିମା ରାଉତଙ୍କୁ ଭେଟି ଏକ ହୁଇଲ ଚେୟାର ଦେବା ପାଇଁ ଜଣାଇଥିଲେ। ମଞ୍ଜୁଲତାଙ୍କୁ ପ୍ରଶାସନ ପକ୍ଷରୁ ଏକ ହୁଇଲ ଚେୟାର ପ୍ରଦାନ କରାଯାଇଛି।

# ଡାଇରିଆ ସଚେତନତା କାର୍ଯ୍ୟକ୍ରମ

ନୀଳଗିରି, ୨୪।୬ (ସମିସ): ନୀଳଗିରି ବ୍ଲକ୍ ଅଧୀନସ୍ଥ ଜଡିଦା ପଞ୍ଚାୟତର ସ୍ୱୟଂସହାୟିକା ଗୋଷ୍ଠୀ ପକ୍ଷରୁ ଗ୍ରାମରେ ମହିଳାମାନଙ୍କୁ ଡାଇରିଆ ସମ୍ପର୍କରେ ସଚେତନ କରାଯାଇଛି। ଖାଇବା ପୂର୍ବରୁ ଭଲଭାବେ ସାବୁନରେ ହାତଧୋଇ ଖାଇବା, ପାଣିକୁ ଭଲ ଭାବରେ ଫୁଟାଇ ଥଣ୍ଡାକରି ପିଇବା, ପାଣିଫୁଟାଇ ନପାରିଲେ ହାଲୋଜିନ ବଟିକା ପାଣିରେ ମିଶାଇ ସେବନ କରିବାକୁ ସଚେତନ କରାଯାଇଥିଲା। ତିନିଥରରୁ ଅଧିକ ଝାଡ଼ାହେଲେ ନିକଟସ୍ଥ ଡାକ୍ତରଖାନାକୁ ତୁରନ୍ତ ଯିବା ପାଇଁ ପରାମର୍ଶ ଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ତାଲିମପ୍ରାପ୍ତ କର୍ମଚାରୀ ବବିତା ପାତ୍ରଙ୍କ ନେତୃତ୍ୱରେ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଜଡିଦା ପଞ୍ଚାୟତର ଯୋକଲଣ୍ଡା ଓ ଜଗନ୍ନାଥପୁର




ଗ୍ରାମରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜଡିଦା ପଞ୍ଚାୟତର ସିଆରପି ଜୟପ୍ରଭା ସେନାପତି, ଟ୍ରେନର ସସ୍ମିତା ବେହେରା, ଗୀତାଞ୍ଜଳି ପାତ୍ର, ରୁବୀ ପାଢୀ, ଜ୍ୟୋସ୍ନାରାଣୀ ଜେନା, ସଂଯୁକ୍ତା ବେହେରା, ମଞ୍ଜୁଲତା ପାତ୍ର, ଅଞ୍ଜଳି ପାତ୍ର, ଚନ୍ଦ୍ରକାନ୍ତି ବେହେରା, ପ୍ରତିଭା ପାତ୍ର, ସଂଯୁକ୍ତା ବେହେରା, ଅର୍ଚ୍ଚନା ବେହେରା, ପ୍ରିୟତମା ପରିଡା, ଶୁଭଶ୍ରୀ ପାତ୍ର, ହେମଲତା ବେହେରା, ପ୍ରଭାସିନୀ ବେହେରାଙ୍କ ସମେତ କୋଡ଼ିଏରୁ ଉର୍ଦ୍ଧ ମହିଳା ଗ୍ରାମ ପରିକ୍ରମା କରି ମହିଳାମାନଙ୍କୁ ସଚେତନ କରିଥିଲେ।

## ବଳିଦାନ ଦିବସ ପାଳିତ

ଚନ୍ଦନେଶ୍ୱର,୨୪।୬ (ସମିସ): ଚନ୍ଦନେଶ୍ୱରସ୍ଥିତ ବିଜେପି ମଣ୍ଡଳ କାର୍ଯ୍ୟାଳୟରେ ହୁଗୁଳି ଗ୍ରାମପଞ୍ଚାୟତ ତରଫରୁ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ତିରୋଧାନ ଦିବସକୁ ବଳିଦାନ ଦିବସ ରୂପେ ପାଳନ କରାଯାଇଛି । ଏଥିରେ ହୁଗୁଳି ଗ୍ରାମପଞ୍ଚାୟତର ବିଜେପି ସଭାପତି ହରିଚନ୍ଦନ ଶତପଥୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ବଳିଦାନ ଦିବସରେ ମଣ୍ଡଳ ସଭାପତି ଚନ୍ଦନ ପ୍ରଧାନ, ଇନ୍ଦୁଭୂଷଣ ପଣ୍ଡା, ଦୀନନାଥ ପଣ୍ଡା, ସୁବାସ ଦାସ, ଅବନୀ ପଣ୍ଡା, କନକ ପ୍ରଧାନ, ତ୍ରିଲୋଚନ ପ୍ରଧାନ, ଗୋପାଳ ଜେନା ପ୍ରମୁଖ ଉପସ୍ଥିତ ହୋଇ କରି ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବହୁମୁଖୀ ପ୍ରତିଭା ବିଷୟରେ ଆଲୋଚନା କରିଥିଲେ।

# ରଥଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ରଥଦାଣ୍ଡ ତଦାରଖ

ନୀଳଗିରି, ୨୪।୬ (ସମିସ): ତୃତୀୟଶ୍ରୀକ୍ଷେତ୍ର ନୀଳଗିରିରେ ଚଳିତବର୍ଷ ରଥଯାତ୍ରା ଆସନ୍ତା ଶନିବାର ଦିନ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଏ ନେଇ ନୀଳଗିରି ପ୍ରଶାସନ ଓ ପୁଲିସ ପକ୍ଷରୁ ମିଳିତ ଭାବେ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ବେଳେ ଆଜି ରଥଦାଣ୍ଡ ଦୁଇ ପାଶ୍ୱର୍ରେ ଥିବା ଦୋକାନୀମାନଙ୍କ ପାଖକୁ ଯାଇ ସ୍ଥିତି ପରଖିଥିଲେ। ବିଶେଷ କରି ରଥ ଟଣା ସମୟରେ ବାଧା ନ ଉପୁଜିବା ପାଇଁ ରାସ୍ତା ପାଶ୍ୱର୍ ପର୍ଯ୍ୟନ୍ତ ଦୋକାନ କରିଥିବା ଦୋକାନୀ ମାନଙ୍କୁ ଦୋକାନ ପଛେଇ ନେବାକୁ ସଚେତନ କରାଇଥିଲେ। ଏତଦଭିନ୍ନ ଶ୍ରଦ୍ଧାଳୁଙ୍କ ଭିଡ଼କୁ ପରିଲକ୍ଷିତ କରି ଯେଉଁଭଳି ଭାବେ ରଥ ଟଣାବେଳେ ଶ୍ରଦ୍ଧାଳୁ ଓ ଭକ୍ତ ରଥଦାଣ୍ଡରେ ସୁରକ୍ଷାରେ ଚଳ ପ୍ରଚଳ କରିପାରିବେ ସେଥିଲାଗି ସବୁ ଦୋକାନକୁ ଯାଇ ସୂଚନା ଦେଇଥିଲେ। ଉଠା ଦୋକାନୀ ଏବଂ ସ୍ଥାୟୀ ଦୋକାନରେ ବିକ୍ରି



କରାଯାଉଥିବା ଖାଦ୍ୟକୁ ପରିଷ୍କାର ପରିଚ୍ଛନ୍ନ ସହିତ ବାସି ଖାଦ୍ୟ ବିକ୍ରି ନ କରିବାକୁ ନେଇ ମଧ୍ୟ ବାରଣ କରାଯାଇଥିଲା । ଦୋକାନର ପାଶ୍ୱର୍ବର୍ତ୍ତି ସ୍ଥାନରେ ଅଳିଆ ଆବର୍ଜନା ନ ପକାଇ ଡଷ୍ଟବିନରେ ପକାଇବାକୁ ଆଦେଶ ଦେଇଥିଲେ। ଏଥିରେ ନୀଳଗିରି ତହସିଲଦାର ସୋନମ ଦାସ, ଏନ୍‌ଏସି ଅଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା, ନିର୍ବାହୀଯନ୍ତ୍ରୀ ଅଂଶୁମାନ ପରିଡ଼ା, ପୂର୍ତ୍ତ ବିଭାଗ ଅଧିକାରୀ ଶ୍ରୀନିବାସ ଜେନା, ଏସଡ଼ିପିଓ ପ୍ରମୋଦ ମଲ୍ଲିକ, ଆଇଆଇସି ଗୋବର୍ଦ୍ଧନ ନାୟକ ଓ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।

# ୮ରୁ ଅଲ୍‌ଓଡ଼ିଶା ପରିବହନ ଚାଳକ ସଂଘର ଆନ୍ଦୋଳନ ଚେତାବନୀ

ନୀଳଗିରି, ୨୪।୬ (ସମିସ): ଆସନ୍ତା ଜୁଲାଇ ୮ତାରିଖଠାରୁ ଷ୍ଟିୟରିଂ ଛାଡ଼ି ଗାଡ଼ିଚାଳନା କାର୍ଯ୍ୟରୁ ନିବୃତ ରହିବାକୁ ସରକାର ଓ ପ୍ରଶାସକଙ୍କ ଠାରେ ଦୃଢ ଚେତାବନୀ ଦେଇଛନ୍ତି ଅଲ୍ ଓଡିଶା ପରିବହନ ଚାଳକସଂଘ। ପ୍ରମୁଖ ୮ ଦଫା ଦାବି ମଧ୍ୟରେ ଓଡ଼ିଶା ମୋଟର ପରିବହନ ଚାଳକ ଓ କର୍ମଚାରୀ କଲ୍ୟାଣ ବୋର୍ଡରେ ଅଟୋ ଡ୍ରାଇଭରଙ୍କୁ ସାମିଲ କରିବା, ବାରମ୍ବାର ଜନସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭରମାନଙ୍କ ପାଇଁ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ, ୬୦ବର୍ଷ ବୟସ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ, ହାଇୱେ ଗୁଡିକରେ ଯାଉଥିବା ସମୟରେ ଗାଡ଼ି ଏବଂ ଡ୍ରାଇଭରମାନଙ୍କ ବିଶ୍ରାମନେବା ପାଇଁ ପ୍ରତି ୧୦୦ କିଲୋମିଟର ବ୍ୟବଧାନରେ ପାର୍କିଂ ସହିତ ବିଶ୍ରାମାଗାର ଓ ଶୌଚାଳୟ ବ୍ୟବସ୍ଥା, ରାଜ୍ୟରେ ଥିବା ପ୍ରତ୍ୟେକ ଖଣି ଖାଦାନ ଏବଂ କାରଖାନାଗୁଡ଼ିକରେ ଶତକଡ଼ା ୭୦ପ୍ରତିଶତ ଡ୍ରାଇଭରମାନଙ୍କୁ କାମ କରିବା ପାଇଁ ଅଗ୍ରାଧିକାର ପ୍ରଦାନ, ସେପ୍ଟେମ୍ବର ୧ ତାରିଖକୁ ଡ୍ରାଇଭର ଦିବସ ରୂପେ ଘୋଷଣା, ଡ୍ରାଇଭିଙ୍ଗ ଲାଇସେନ୍ସରେ ତ୍ରୁଟିଥିବା ଜନ୍ମତାରିଖ ସଂଶୋଧନର ସରଳୀକରଣ ବ୍ୟବସ୍ଥା କରିବା, ଏତଦଭିନ୍ନ ଓଡ଼ିଶା ମୋଟର ପରିବହନ ଚାଳକ ଓ କର୍ମଚାରୀ କଲ୍ୟାଣବୋର୍ଡରେ ଦେୟମୁକ୍ତ ସଦସ୍ୟତା ଭଳି ପ୍ରମୁଖ ଦାବି ରହି ଅଛି। ତେବେ ସଂଘ ପକ୍ଷରୁ ବିଭିନ୍ନ ସମୟରେ ବାରମ୍ବାର ସରକାରଙ୍କୁ ଅବଗତ କରାଯାଇଥିଲେ ହେଁ ମାତ୍ର ଗୋଟିଏ ଦାବି ପୂରଣ ହୋଇଛି। ଯାହାକି ଡ୍ରାଇଭର ସମାଜପାଇଁ ଯଥେଷ୍ଟ ନୁହେଁ। ଏଥିମଧ୍ୟରୁ ଅନେକ ଗୁଡ଼ିଏ ମୁଖ୍ୟ ସମସ୍ୟାର ସମାଧାନ ଅଦ୍ୟାବଧି ହୋଇପାରି ନାହିଁ। ସରକାର ସମସ୍ୟା ଗୁଡ଼ିକୁ ସମାଧାନ କରିବା ନିମନ୍ତେ କୌଣସି ଆଗ୍ରହ ପ୍ରକାଶ କରୁନଥିବାରୁ ପୂର୍ବରୁ ମାର୍ଚ୍ଚ ୨୯ ତାରିଖ ଠାରୁ ଦୀର୍ଘଦିନ ପର୍ଯ୍ୟନ୍ତ ଭୁବନେଶ୍ୱର ଲୋୟର ପିଏମଜିରେ ଶାନ୍ତିପୂର୍ଣ୍ଣ ଗଣଧାରଣା ମାଧ୍ୟମରେ ସରକାରଙ୍କ ପାଖରେ ଗୁହାରି ଜଣାଇଥିଲେ ମଧ୍ୟ କୌଣସି ସମସ୍ୟା ସମାଧାନ ହୋଇପାରି ନାହିଁ। ଯଦ୍ୱାରା ଡ୍ରାଇଭରମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜୁଲାଇ ୭ତାରିଖ ସୁଦ୍ଧା ସରକାର ଯଦି ଡ୍ରାଇଭର ମାନଙ୍କର ସମସ୍ୟାର ସମାଧାନ ନକରି ଅଣଦେଖା କରନ୍ତି, ଜୁଲାଇ ୮ତାରିଖ ଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଷ୍ଟେରିଙ୍ଗ ଛାଡ଼ ଆନ୍ଦୋଳନ କରିବା ସହିତ ଦରକାର ପଡ଼ିଲେ ରାଜରାସ୍ତାକୁ ଓହ୍ଲାଇବା ସହିତ ସରକାରଙ୍କୁ ଅସହଯୋଗ କରାଯିବ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଅଲ୍ ଓଡ଼ିଶା ପରିବହନ ଚାଳକ ସଂଘ ନୀଳଗିରି ଶାଖାପକ୍ଷରୁ ଏକ ଦାବିପତ୍ର ନୀଳଗିରି ଉପଜିଲ୍ଲା ପାଳ, ତହସିଲଦାର, ଅଗ୍ନିଶମ ସେବା ବିଭାଗ ଏବଂ ସ୍ଥାନୀୟ ଥାନାକୁ ପ୍ରଦାନ କରାଯାଇଛି । ଏହି ସମୟରେ ନୀଳଗିରି ଶାଖା ସଭାପତି ସନିଆ ସିଂ, ଉପସଭାପତି ସନ୍ୟାସୀ ସିଂ, କୋଷାଧ୍ୟକ୍ଷ ରାଜେଶ କୁମାର ସିଂ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

# ହନୁମାନ ମନ୍ଦିର ଓ ଔଷଧ ଦୋକାନରୁ ଚୋରି

ନୀଳଗିରି, ୨୪।୬ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅନ୍ତର୍ଗତ ଦକ୍ଷିଣନରସିଂହପୁର ପଞ୍ଚାୟତ ଖଡ଼ିପଦା ଗ୍ରାମରେ ଥିବା ହନୁମାନ ମନ୍ଦିରରୁ ଲୁଟ୍ ହୋଇଛି। ସୋମବାର ରାତିରେ କିଛି ଲୁଟେରା ମନ୍ଦିରରୁ ଠାକୁରଙ୍କ ସୁନାଗହଣା ଓ ଦାନବାକ୍ସ ଲୁଟି ନେଇଥିବା ବେଳେ ପାଖପଡ଼ିଆରେ ଦାନବାକ୍ସଟିକୁ ଭାଙ୍ଗି ଫୋପାଡି ଦେଇଥିଲେ। ମଙ୍ଗଳବାର ସକାଳେ କିଛି ଗ୍ରାମବାସୀ ମନ୍ଦିର ତାଲା ଭଙ୍ଗା ହୋଇଥିବା ଦେଖିବାକୁ ପାଇଥିଲେ। ପରେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଅନୁରୂପ ଭାବେ ଉକ୍ତଦିବସ ବିଳମ୍ବିତ ରାତିରେ ନୀଳଗିରି କଚେରୀ ବଜାର ଦୁର୍ଗାମନ୍ଦିର ସନ୍ନିକଟ ରଘୁନାଥ



ମେଡିସିନ ଷ୍ଟୋରର ସ୍କାଏଲାଇଟ ଭାଙ୍ଗି ଦୁର୍ବୃତ୍ତମାନେ ଦୋକାନରେ ଥିବା କ୍ୟାସବାକ୍ସ ଭାଙ୍ଗି ନଗଦ ୪୫ହଜାର ଟଙ୍କା ନେଇଯାଇଥିବା ମେଡିସିନ ଷ୍ଟୋର ମାଲିକ ଭଗିରଥ ଷଡ଼ଙ୍ଗୀ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ପ୍ରତ୍ୟେକ ରାତିରେ ପୁଲିସର ପାଟ୍ରୋଲିଂ ଚାଲିଥିବାବେଳେ ବାରମ୍ବାର ଏଭଳି ଚୋରି ହେବା ଅଞ୍ଚଳବାସୀ ଉଦବେଗ ପ୍ରକାଶ କରିଛନ୍ତି।

# ଜଳେଶ୍ୱର ପୌରପାଳିକା ଉପାଧ୍ୟକ୍ଷାଙ୍କ ଇସ୍ତଫା ଦାବିରେ ବିକ୍ଷୋଭ

ଜଳେଶ୍ୱର ବ୍ଲକ, ୨୪।୬ (ସମିସ): ଜଳେଶ୍ୱର ପୌରପାଳିକାର ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଲା ଓ ସ୍ୱାମୀ ବିଜୟ କାମିଲାଙ୍କ ବୋହୂ ନମିତାଙ୍କ ମୃତ୍ୟୁ ଘଟଣାରେ ପୌର ଉପାଧ୍ୟକ୍ଷା ଓ ତାଙ୍କ ସ୍ୱାମୀ ସମ୍ପୃକ୍ତ ଥିବାର ବିଜେପି ପକ୍ଷରୁ ଅଭିଯୋଗ କରି ଗତକାଲି ମ୍ୟୁନିସିପାଲିଟି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକ୍ଷୋଭରେ ବିଜେପିର କାର୍ଯ୍ୟକର୍ତ୍ତାଙ୍କ ସହ ନମିତାଙ୍କ ବାପଘର ଲୋକ ଓ ସମ୍ପର୍କୀୟ ସାମିଲ ହୋଇଥିଲେ। ଏହି ଅବସରରେ ଏକ ପ୍ରତିବାଦ ସଭା ହୋଇଥିଲା। ସଭାରେ ଦଳର ପ୍ରାକ୍ତନ ନଗର ସଭାପତି ଫାଲ୍‌ଗୁନୀ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ଜଣେ ମହିଳାଙ୍କୁ ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ପୌର ଉପାଧ୍ୟକ୍ଷା ଓ ତାଙ୍କ ସ୍ୱାମୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ନୈତିକତା ଦୃଷ୍ଟିରୁ ପୌର ଉପାଧ୍ୟକ୍ଷା ମଧ୍ୟ ତାଙ୍କ ପଦରୁ ଇସ୍ତଫା ଦିଅନ୍ତୁ ବୋଲି ଦାବି କରାଯାଇଥିଲା। ଯୁବନେତା ରାଜେଶ ଖଟୁଆ, କାଳିଚରଣ ଦାସ, ବିଶ୍ୱଭୂଷଣ




ଦାସ, ମଧୁସୂଦନ ଦତ୍ତ, ଇନ୍ଦୁମତୀ ଗିରି, ଅନନ୍ତ ଦାସ, ମନମୋହନ ଆଚାର୍ଯ୍ୟ, ସେକ୍ ହସିରୁଦ୍ଦିନ ବକ୍ସ, କାଉନସିଲର ତଥା ବିଜେପି ନଗର ସଭାପତି ଶିବ ନାରାୟଣ ମହାପାତ୍ର, କାଉନସିଲର ଚନ୍ଦନ ଦାସ, ମଞ୍ଜୁରାଣୀ ଭଞ୍ଜ, ସୁମିତ୍ରା ପାଳ, ଚନ୍ଦନା ପାତ୍ର, ମମିତା ପାଳ, ତନୁଜା ପ୍ରଧାନ, ସୁମତୀ ରଣା, ମୁକ୍ତାରାଣୀ ପାଳ, ନମିତା ଦାସ, ଆରତୀ ଦାସ, ମାଳତୀଲତା ଦତ୍ତଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ। ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀ ଜଳେଶ୍ୱର ଥାନାକୁ ଯାଇ ଥାନାଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ ଉପାଧ୍ୟକ୍ଷାଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି।

# ବନ୍ୟା ଉଜାଡ଼ି ଦେଲା ନଳିତା ଚାଷ

କାଳିପଦା, ୨୪।୬ (ସମିସ)



**ଚାଷୀ ମୁଣ୍ଡରେ ଚଡ଼କ**

ସୁବର୍ଣ୍ଣରେଖା ବନ୍ୟା ଯୋଗୁଁ ବାଲିଆପାଳ ବ୍ଲକର ହେକ୍ଟର ହେକ୍ଟର ନଳିତା ଓ ପରିବା ଚାଷ ଉଜୁଡି ଯାଇଛି। ଏବେ ବି ବିଲରେ ବନ୍ୟା ପାଣି ଜମି ରହିଛି। ଚାଷ କ୍ଷତି ଯୋଗୁଁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ସରକାର କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଚଳିତବର୍ଷ ଅନୁକୂଳ ପାଗ ଯୋଗୁଁ ନଳିତା ଚାଷ ଭଲ ହୋଇଥିଲା। ସରକାରୀ ବିହନ ବିକ୍ରୟ କେନ୍ଦ୍ରରୁ ଉଭୟ ମିଠା ଓ ପିତା ନଳିତା ମଞ୍ଜି କ୍ରୟ କରି ଚାଷୀ ଚାଷ କରିଥିଲେ। କେତେକ ଚାଷୀ ଚାଷ ପାଇଁ ବ୍ୟାଙ୍କ ଓ ସେବା ସମବାୟ ସମିତିରୁ ଋଣ ଆଣିଥିଲେ। ଏବେ ଚାଷ ଉଜୁଡି ଯିବାରୁ ଋଣ ସୁଝି ପାରିବେ ନାହିଁ ବୋଲି ଅନନ୍ତ କୁମାର ଜେନା, ଲୋକନାଥ ଦଳାଇ, ମହେଶ୍ୱର ଗଙ୍ଗାଇ, ଭୀଷ୍ମ ଚରଣ ଦାସ, ମୁକୁନ୍ଦ ମୁରାରୀ ସେଣ, ଶରତ ଚନ୍ଦ୍ର ପ୍ରଧାନ, ସୁବୋଧ କୁମାର ପାତ୍ର, ପର୍ଶୁରାମ ବେହେରା ପ୍ରମୁଖ ପ୍ରକାଶ କରିଛନ୍ତି। ନଳିତା ଏକ ଅର୍ଥକାରୀ ଫସଲ ହୋଇ ଥିବାରୁ ପ୍ରାୟଅଶି ଦଶକରୁ ସୁବର୍ଣ୍ଣରେଖା ନଦୀ ଅବବାହିକା କୁମ୍ଭୀର, ନିଖିରା, ଶ୍ରୀରାମ ପୁର, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ମଧୁପୁରା, ଜାମକୁଣ୍ଡା ଆଦି ପଞ୍ଚାୟତରେ ପ୍ରଚୁର ପରିମାଣରେ ଚାଷୀ ଚାଷ କରିଥାନ୍ତି। ତିନି ଦିନ ଧରି ବନ୍ୟା ପାଣିରେ ନଳିତା ଗଛ ଗୁଡିକ ବୁଡି ରହିବା ଯୋଗୁଁ ଏବେ ଗଛ ଗୁଡିକ ପଚିବା ଆରମ୍ଭ କରିଛି। ସେହିପରି ବନ୍ୟା ଯୋଗୁଁ ଚାଷୀଙ୍କ ପରିବା ଚାଷ ଉଜୁଡି ଯାଇଛି କହିଲେ ଚଳେ। ବାଇଗଣ, ପୋଇ, ଭେଣ୍ଡି, କଲରା, କଖାରୁ, ଜହ୍ନି, କାକୁଡି ଆଦି ଚାଷ ଜମିରେ ବନ୍ୟା ପାଣି ପଶିବା ଫଳରେ ଗଛ ଗୁଡିକ ପଚି ଶୁଖିବାକୁ ଲାଗିଛି। ଫଳ ଧରିବା ସମୟରେ ଚାଷ ନଷ୍ଟ ହୋଇ ଯାଇ ଥିବାରୁ ଚାଷୀ ଅଧିକ କ୍ଷତିର ସମ୍ମୁଖୀନ ହୋଇଥିବା କୁହାଯାଇଛି।


### ରାଜ୍ୟ ସରକାରଙ୍କ ଶୀତଳ ଭଣ୍ଡାର ପ୍ରତିଷ୍ଠା ପ୍ରତିଶ୍ରୁତି ଧୂଆଁବାଣ

# ଶାଗମାଛ ଦରରେ ବିକ୍ରି କରୁଛନ୍ତି ଉତ୍ପାଦିତ ସାମଗ୍ରୀ

ଉଦଳା, ୨୪।୬(ସମିସ): ଆଦିବାସୀ ଅଧ୍ୟୁଷିତ କପ୍ତିପଦା ଉପଖଣ୍ଡରେ ୮୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭରଶୀଳ। ଶିମିଳିପାଳ ପୂର୍ବ ପାଦଦେଶରେ ଥିବା ଏହି ଉପଖଣ୍ଡ ସ୍ୱାଧୀନତା ପରେ ବି ଏଠାକାର ଲୋକେ ସର୍ବଦା ସରକାରୀ ଯୋଜନା ଉପରେ ନିର୍ଭରକରି ଚଳନ୍ତି। ପାହାଡିଆ ଅଞ୍ଚଳ କାରଣରୁ ଅସମତଳ ଜମିରେ ଚାଷ କରି ବହୁ କଷ୍ଟରେ ଉତ୍ପାଦିତ ଫସଲ ହେଉ କି ପନିପରିବା ପାଇଁ ବହୁ କଷ୍ଟ କରିଥାନ୍ତି। ହେଲେ ବଜାର ଅଭାବରୁ ଉତ୍ପାଦିତ ଫସଲକୁ ଶାଗମାଛ ଦରରେ ଅସାଧୁ ବ୍ୟବସାୟୀଙ୍କୁ ଦେବାକୁ ବାଧ ହେଉଛନ୍ତି ଲୋକେ। ଚାଷୀର ଉତ୍ପାଦିତ ଫସଲକୁ ସଂରକ୍ଷିତ କରିବା ନିମନ୍ତେ ଏଠାରେ କୌଣସି ବ୍ୟବସ୍ଥା ନାହିଁ। ଆଜିଯାଏ କପ୍ତିପଦା ଉପଖଣ୍ଡରେ ଗୋଟିଏ ବି ଶତଳ ଭଣ୍ଡାର ପ୍ରତିଷ୍ଠା ହୋଇପାରିନାହିଁ। ଫଳରେ ଚାଷୀ ବାଧହୋଇ କମ୍ ଦରରେ ଉତ୍ପାଦିତ ଫସଲ ବିକୁଛି। ଚଳିତ ବଜେଟରେ ରାଜ୍ୟ ସରକାର ଉପଖଣ୍ଡସ୍ତରରେ ଶୀତଳ ଭଣ୍ଡାର ନିର୍ମାଣ ହେବା ନେଇ ଘୋଷଣା କରିବା ପରେ ଚାଷୀ ମହଲରେ ଆଶା ସଞ୍ଚାର ହୋଇଥିଲା। ତେବେ କପ୍ତିପଦା ଉପଖଣ୍ଡର ସଦର ମହକୁମା ଉଦଳା ଏକମାତ୍ର ସହରାଞ୍ଚଳ ହୋଇଥିବାରୁ ଏଠାରେ ଶୀତଳ ଭଣ୍ଡାର ନିର୍ମାଣ ନେଇ ଚାଷୀଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଥିଲା। ଏହି ଉପଖଣ୍ଡରେ ଦୁଇଟି ମଧ୍ୟମ ଜଳସେଚନ ପ୍ରକଳ୍ପ (କାଳ ଓ ସୋନେଇ) ସହ ବହୁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ମଧ୍ୟ ରହିଛି; ହେଲେ ଜଳସେଚିତ ଅଞ୍ଚଳ ମାତ୍ର ୧୦ ପ୍ରତିଶତରୁ କମ। ସ୍ୱାଭାବିକ ବୃଷ୍ଟିପାତ ୭୫ ଉପରେ ହିଁ ଉପଖଣ୍ଡର ଚାଷ ନିର୍ଭର କରିବା କାରଣରୁ ଅର୍ଥକରୀ ଫସଲ ଓ ପନିପରିବା ଭଳି ଦୈନନ୍ଦିନ ଅବଶ୍ୟକତା ଭିତ୍ତିକ ଚାଷ ପ୍ରତି ବିମୁଖ ହେଉଛନ୍ତି ଚାଷୀ। ବଜାର ଅଭାବ ଓ ସଂରକ୍ଷିତ କରି ରଖିବା ବ୍ୟବସ୍ଥା ନ ଥିବାରୁ ଚାଷ ପ୍ରତି ଆକର୍ଷଣ କମୁଛି। ସ୍ୱାଧୀନତାର ୭୭ବର୍ଷ ପରେ ବି ଶୀତଳ ଭଣ୍ଡାର ନ ଖୋଲିବା ଚାଷୀ ପ୍ରତି ଥିବା ଅବହେଳାକୁ ପ୍ରମାଣିତ କରିଛି। ଅପରପକ୍ଷରେ ଉପଖଣ୍ଡକୁ ପଡୋଶୀ ରାଜ୍ୟରୁ ମାଛଠାରୁ ପନିପରିବା, ଚାଉଳ ଆଳୁ ପିଆଜ ଚଢା ଦରରେ ଆସି ବିକ୍ରି କରାଯାଇଛି। ମାତ୍ର ସ୍ଥାନୀୟ ଅଞ୍ଚଳର ଉତ୍ପାଦିତ ଫସଲର ମୂଲ୍ୟ ନଗଣ୍ୟ। ଫଳରେ ଚାଷୀଙ୍କ ମନୋବଳ ଭାଙ୍ଗିଯାଉଛି। ଏପରିକି ଉତ୍ପାଦିତ ଫସଲ ବିକ୍ରି ନ ହୋଇ ପଚିସଢି ଯିବା ମଧ୍ୟ ନଜିର ରହିଛି। ଏହି କାରଣରୁ ଚାଷ ପ୍ରତି ଯୁବସମାଜର ଅଗ୍ରହ ମଧ୍ୟ ଅଦୌ ନ ଥିବା ପରି ମନେ ହେଉଛି। ଏଣୁ ଉପଖଣ୍ଡ ଏବଂ ବିଭିନ୍ନ ବ୍ଲକରେ ଶୀତଳ ଭଣ୍ଡାର ନିର୍ମାଣ ପୂର୍ବକ ଚାଷୀଙ୍କ ଉତ୍ପାଦନକୁ ସଠିକ ବଜାର ଯୋଗାଇ ଦେଲେ ଉପଖଣ୍ଡର ଆର୍ଥିକ ସ୍ଥିତି ସୁଧୁରିବା ସହିତ ଯୁବକଙ୍କ ମଧ୍ୟରେ ଆତ୍ମନିର୍ଭର ହେବାର ଆଗ୍ରହ ବଢ଼ିବ। ସରକାର ଘୋଷଣା କରିଥିବା ଶୀତଳ ଭଣ୍ଡାର ନିର୍ମାଣ ପ୍ରତିଶ୍ରୁତିକୁ ଏକବର୍ଷ ବିତି ଯାଇଥିଲେ ବି ଏ ଯାଏ ଇଟା ଖଣ୍ଡେ ପଡ଼ିନାହିଁ। ତେଣୁ ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି କେବଳ ଧୂଆଁବାଣ ବୋଲି ଅଭିଯୋଗ ହୋଇଛି।




## କୂଅରୁ ହାତୀ ଉଦ୍ଧାର; ଘେରି ରହିଥିଲେ ହାତୀପଲ



ମୋରଡ଼ା/ରାସଗୋବିନ୍ଦପୁର, ୨୪।୬(ସମିସ): ଦୀର୍ଘଦିନ ଧରି ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ରେଞ୍ଜ ଅଧୀନ ବିଭିନ୍ନ ଗାଁରେ ହାତୀପଲର ଉତ୍ପାତ ଜାରି ରହିଛି। ହାତୀପଲ ଫସଲ ଖାଇବା ସହିତ ଦଳିଚକଟି ନଷ୍ଟ କରି ଦେଇଛନ୍ତି। ଇତିମଧ୍ୟରେ ହାତୀ ଆକ୍ରମଣରେ ଜଣକର ଜୀବନ ମଧ୍ୟ ଚାଲିଗଲାଣି। ସୋମବାର ବିଳମ୍ବିତ ରାତିରେ ଝାଟିଅଡ଼ା ପଞ୍ଚାୟତ ଟିଆଖାଲି ଗ୍ରାମରେ ଜଣକ ଘରର ପଛପଟେ ଥିବା ଏକ କୂଅରେ ୧୪ ଟିକିଆ ହାତୀପଲ ମଧ୍ୟରୁ ଗୋଟିଏ ୮ ବର୍ଷର ହାତୀ ପଡ଼ିଯାଇ ଛଟପଟ ହେଉଥିଲା। ହାତୀଟି କୂଅରେ ପଡ଼ିଯିବା ଦେଖି ଅନ୍ୟ ହାତୀଗୁଡ଼ିକ କୂଅର ଚାରିପାଖରେ ଘେରି ରହିଥିଲେ ଏବଂ ଉଦ୍ଧାର ପାଇଁ ଚିତ୍କାର କରିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ବନବିଭାଗକୁ ଖବର ଦେଇଥିଲେ। ପରେ ବନ ବିଭାଗ ଅଧିକାରୀ ପହଞ୍ଚି ଜେସିବି ସାହାଯ୍ୟରେ ହାତୀକୁ ଉଦ୍ଧାର କରି ସୁରକ୍ଷିତ ଭାବେ ଜଙ୍ଗଲରେ ଛଡା ଯାଇଥିବା ରେଞ୍ଜର ଘନଶ୍ୟାମ ସିଂ ସୂଚନା ଦେଇଛନ୍ତି।

## ଆଇଟିଡିଏ ପକ୍ଷରୁ ୪୫ ଚାଷୀଙ୍କୁ ସ୍ପ୍ରେ ମେସିନ ବଣ୍ଟନ

ମହୁଲଡିହା, ୨୪।୬(ସମିସ): କରଞ୍ଜିଆ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଆଦିବାସୀ ଚାଷୀଙ୍କୁ ପାୱାର ସ୍ପ୍ରେ ମେସିନ ବଣ୍ଟନ କରାଯାଇଛି। ଠାକୁରମୁଣ୍ଡା ବ୍ଲକ ପରିସରରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଯୋଗଦେଇ ଆଦିବାସୀଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଯୋଜନା ଘୋଷଣା କରିଛନ୍ତି। ଧରତୀ ଆବା ବିର୍ସା ମୁଣ୍ଡାଙ୍କ ଜୟନ୍ତୀରେ ପ୍ରଧାନମନ୍ତ୍ରୀଙ୍କ ଘୋଷଣା ଅନୁସାରେ ସେହି ଆଧାରରେ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ମର୍ମରେ ଚାଷୀଙ୍କୁ ଆଜି ପାୱାର ସ୍ପ୍ରେ ଯୋଗାଇ ଦିଆଯାଇଛି। ଚାଷୀର ଆୟ ବୃଦ୍ଧି, ଆଦିବାସୀଙ୍କ ଆୟ ବୃଦ୍ଧି, ବେକାର ଯୁବକ ଯୁବତୀଙ୍କୁ ଉଦ୍ୟୋଗୀ ଭାବେ ଗଢିବାକୁ ସହାୟତା ଭଳି ବହୁ ସରକାରୀ ଯୋଜନାର ସୁଫଳ ନେବାକୁ ବିଧାୟକ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା ଯୋଗଦେଇ ଆଇଟିଡିଏ ଆଦିବାସୀଙ୍କ ଉତ୍ଥାନ ପାଇଁ ଯେଉଁ ଉଦ୍ୟମ କରୁଛି ଲୋକେ ଉପଯୁକ୍ତ ଭାବରେ କାର୍ଯ୍ୟକାରୀ କରି ସୁଫଳ ନେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ସ୍ୱପ୍ନେଶ୍ୱର ବେହେରା, ତହସିଲଦାର ସମ୍ବିତ କୁମାର କର ପ୍ରମୁଖ ଉଦବୋଧନ ଦେଇଥିଲେ। ସଭା ଆରମ୍ଭରେ ପ୍ରକଳ୍ପ ପରିଚାଳକ ପିୟୁଷ ଦାସ ଅତିଥି ପରିଚୟ କରିଥିଲେ। ପିଏ, ଆଇଟିଡିଏ ଚିତ୍ତରଞ୍ଜନ ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ୪ଟି ଗ୍ରାମପଞ୍ଚାୟତର ୪୫ ଜଣ ଚାଷୀଙ୍କୁ ସ୍ପ୍ରେ ମେସିନ ବଣ୍ଟନ କରାଯାଇଥିଲା। ଶେଷରେ ପ୍ରମୋଦ କୁମାର ପଲେଇ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଏସଏମଏସ ସ୍ମିତାଶ୍ରୀ ଜେନା, ଏଗ୍ରି ଏସଏମଏସ ମୋନିକା ପ୍ରିୟଦର୍ଶିନୀ ବେହେରା, ଆଇଜିଏସ କର୍ମୀ ତଥା ଜୀବିକା ବିଶେଷଜ୍ଞ ଭାରତୀ ରାଜ, ଅରୁଣ ମହାନ୍ତ, ସଙ୍ଗୀତ ମହାନ୍ତ, ପରେଶ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।



## ଆନ୍ଦୋଳନ ନେଇ ବିଜୁ ଯୁବ ଓ ଛାତ୍ର ଜନତାର ପ୍ରସ୍ତୁତି ବୈଠକ



ବାରିପଦା, ୨୪।୬(ସମିସ): ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବୁଧବାର ସାରା ରାଜ୍ୟରେ ଆନ୍ଦୋଳନ ହେବାକୁ ଥିବା ବେଳେ ବାରିପଦାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ବିଜୁ ଭବନରେ ଆୟୋଜିତ ବୈଠକରେ ବିଜେଡି କର୍ମକର୍ତ୍ତା ଉପସ୍ଥିତ ରହି ବିଜେପି ସରକାର ଗଠନର ବର୍ଷକ ମଧ୍ୟରେ ଭୁଶୁଡି ପଡ଼ିଥିବା ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଉଦବେଗ ପ୍ରକାଶ କରିଥିଲେ। ଗୋପାଳପୁର ବେଳାଭୂମିରେ ଛାତ୍ରୀ ଗଣଦୁଷ୍କର୍ମ ସମେତ ରାଜ୍ୟରେ ମହିଳା ନିର୍ଯାତନା ବୃଦ୍ଧି ପାଉଥିଲେ ମଧ୍ୟ ଏହାକୁ ରୋକିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ନିକଟରେ ଆମେରିକା ରାଷ୍ଟ୍ରପତି ମଧ୍ୟ ଓଡ଼ିଶାଗସ୍ତ ପାଇଁ ମହିଳା ସୁରକ୍ଷିତ ନୁହନ୍ତି ବୋଲି ତାଙ୍କ ନାଗରିକଙ୍କୁ ଦେଇଥିବା ବାର୍ତ୍ତା ଓଡ଼ିଶା ପ୍ରତି ଅପମାନ। ଯାହାକୁ ନେଇ ରାଜ୍ୟବ୍ୟାପୀ ଆନ୍ଦୋଳନ ଡାକରାରେ ବାରିପଦାରେ ଯୁବ ଓ ଛାତ୍ର ସାମିଲ ହେବ। ବୈଠକରେ ଏହାର ସଫଳ ରୂପାୟନ ନେଇ ଆଲୋଚନା କରାଯାଇଛି। ବୈଠକରେ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଜିଲ୍ଲା ସଭାପତି ଦେବାଶିଷ ମାର୍ଣ୍ଡି, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ସରୋଜ କୁମାର ବୋଷ, ପ୍ରଭାତ କୁମାର ନାୟକ, ଲଲାଟେନ୍ଦୁ ବେହେରା, ଜିଲ୍ଲା ଛାତ୍ର ସଭାପତି ସୁନୀଲ କୁମାର ନାୟକ, ଜିଲ୍ଲା ଯୁବ ସଭାପତି ଅରୁଣ ବରାଡ, ଆଶୀର୍ବାଦ ଦାସ, ପ୍ରଭାତ ମହାନ୍ତି, ଅନନ୍ତ ଦାସ, ପ୍ରୀତିନନ୍ଦା କାନୁନଗୋ, ଦୀପ୍ତିଲତା ମିଶ୍ର ସମେତ ସମସ୍ତ କାଉନସିଲର ଏବଂ ଦଳୀୟ କର୍ମକର୍ତ୍ତା ବୈଠକରେ ଉପସ୍ଥିତ ଥିଲେ।

### ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ୪ଦିନିଆ ତାଲିମ ଶିବିର ଉଦ୍‌ଘାଟିତ

## ଶିକ୍ଷକଙ୍କ ହାତରେ ତମାଖୁ ମୁକ୍ତ ବିଦ୍ୟାଳୟ




ବାରିପଦା, ୨୪।୬(ସମିସ): ମଙ୍ଗଳବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତମାଖୁ ମୁକ୍ତ ବିଦ୍ୟାଳୟ ଲାଗି ଶିକ୍ଷକଙ୍କୁ ନେଇ ଏକ ୪ ଦିନିଆ ତାଲିମ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ତମାଖୁ, ଅନ୍ୟାନ୍ୟ ନିଶା ଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ ବ୍ୟବହାରର କୁପରିଣାମ ସମ୍ବନ୍ଧରେ ଅବଗତ କରାଯାଇଥିଲା। ଏହାର ବ୍ୟବହାରର କୁପ୍ରଭାବ ସ୍ୱରୂପ ନିଜେ ମାରାତ୍ମକ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡ଼ିବା ସହିତ ନିଜ ପରିବାରଙ୍କୁ କିପରି ଏକ ଦୁଃଖଦ ଅନିଶ୍ଚିତ ଭବିଷ୍ୟତ ଆଡକୁ ଟାଣି ନେଇ ଯାଇଥାନ୍ତି ସେ ନେଇ ଶିକ୍ଷକଙ୍କୁ ସଚେତନଧର୍ମୀ ବାର୍ତ୍ତା ଜରିଆରେ ଅବଗତ କରାଇଥିଲେ। ଏହାକୁ ସମ୍ପୂର୍ଣ୍ଣ ଭାବେ ବର୍ଜନ କରିବା ପାଇଁ ନିବେଦନ କରିଥିଲେ। ଏହି ଅବସରରେ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କୁ କିପରି ତମାଖୁ ବ୍ୟବହାରର ଅପକାରିତା ବିଷୟରେ ବୁଝାଇବେ ଓ ନିଜ ବିଦ୍ୟାଳୟକୁ କିପରି ତମାଖୁ ମୁକ୍ତ ବିଦ୍ୟାଳୟ ରୂପେ ଗଢି ତୋଳିବେ ସେ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ଆଚାର୍ଯ୍ୟ ଆଲୋକପାତ କରିଥିଲେ। କାର୍ଯକ୍ରମର ଉଦଘାଟନୀ ଦିବସରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୫୦ ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ଭାଗ ନେଇଥିଲେ। ତାଲିମ କାର୍ଯକ୍ରମ ଆହୁରି ୩ ଦିନ ବ୍ୟାପୀ ଚାଲିବ। ଏଥିରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ୧୭୨ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଭାଗ ନେବେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ସୁବାସଚନ୍ଦ୍ର ନାୟକ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ବିଜୟ କୁମାର ଦାସ, ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଘାସିରାମ ମୁର୍ମୁ, ଶାନ୍ତନୁ ଦାସ, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅନିଲ କୁମାର ମହାନ୍ତି, ଜିଲ୍ଲା ଡ୍ରଗସ କଣ୍ଟ୍ରୋଲର ରୁଦ୍ର ନାରାୟଣ ସାହୁ ଓ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ମୋରଡ଼ାର ବିକାଶକୁ ନେଇ ଦୁଇ ସଂଘର ବୈଠକ


ମୋରଡ଼ା, ୨୪।୬(ସମିସ): ମୋରଡ଼ା ବ୍ଲକ ଚିତ୍ରଡାରେ ଥିବା ସାମ୍ବାଦିକ ଭବନରେ ସୋମବାର ଚିତ୍ରଡା ସାମ୍ବାଦିକ ସଂଘ ଏବଂ ମୋରଡା ପ୍ରେସକ୍ଲବ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ମୋରଡା ବ୍ଲକର ସାମୂହିକ ବିକାପାଇଁ ଆହ୍ୱାନ କରାଯାଇଥିଲା। ବୈଠକରେ ସଂଘ ସଭାପତି ରଣଜିତ କୁମାର ସାହୁ ସଭାପତିତ୍ୱ କରିଥିବାବେଳେ ମୋରଡ଼ା ବ୍ଲକରେ ଦୀର୍ଘଦିନ ପୂର୍ବେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଶିଳାନ୍ୟାସ ହୋଇଥିବା ଜମ୍ବୀରା ନଦୀ ସେତୁ ନିର୍ମାଣ, କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ସମସ୍ତ ବନ୍ଧର ପୁନରୁଦ୍ଧାର, ସପ୍ଲାଇ ଛକରୁ ଘୋଳମୁହାଁ ଗାଁ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକ ପଞ୍ଚାୟତ ନିକଟରୁ ଆରମ୍ଭ କରିବା ଆଦି କାର୍ଯ୍ୟ କିପରି ତ୍ୱରାନ୍ୱିତ ହେବ ସେ ନେଇ ଆଲୋଚନା ହୋଇଥିଲା। ମୋରଡ଼ା ଥାନା ଅଧିକାରୀ ସାମ୍ବାଦିକଙ୍କୁ ସୂଚନା ଦେବାରେ ଅସହଯୋଗ କରିବାରୁ ଏ ନେଇ ଏକ ନିନ୍ଦା ପ୍ରସ୍ତାବ ଆଗତ ହୋଇଥିଲା। ପୁଲିସ ଓ ସାଧାରଣ ଜନତାଙ୍କୁ ଗୋଟିଏ ସୂତାରେ ବାନ୍ଧି ରଖିଥାନ୍ତି ସାମ୍ବାଦିକ। ସେ ଆଇନ ସଚେତନତା ହେଉ ବା କୌଣସି ଘଟଣା ଦୁର୍ଘଟଣା ହେଲେ ସମସ୍ତ ଖବର ସାମ୍ବାଦିକ ହିଁ ପରିବେଷଣ କରିଥାନ୍ତି। ତେବେ ଥାନା ଅଧିକାରୀ ସୁମିତ ସୋରେନ ଯୋଗଦାନ କରିବା ପରେ ପ୍ରଥମ ଥର ପାଇଁ ରବିବାର ଆମ ପୁଲିସ ସମିତି ବୈଠକ ଆୟୋଜନ କରିଥିଲେ; କିନ୍ତୁ ଶ୍ରୀ ସରେନ କିଛି ଲୋକଙ୍କୁ ନେଇ ଏପରି କାର୍ଯ୍ୟ କରୁଥିବାରୁ ପୁଲିସ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ଦୂରତା ବଢ଼ିବାରେ ଲାଗିଛି। ତେଣୁ ଆଗାମୀ ଦିନରେ ପୁଲିସ ପ୍ରଶାସନର କୌଣସି ଖବର ପରିବେଷଣ କରିବେ ନାହିଁ ଏବଂ ସୂଚନା ପ୍ରଦାନ କରିବାରେ ଅସହଯୋଗ ସମ୍ପର୍କରେ ଏସପିଙ୍କୁ ଲିଖିତଭାବେ ଜଣାଇବେ ବୋଲି ରଣଜିତ ସାହୁ ଏବଂ ଘାସିରାମ ବେହେରା ପ୍ରକାଶ କରିଛନ୍ତି। ବୈଠକରେ ସ୍ମାରକ ମାଜି, ଦୀପକକୁମାର ବେହେରା, ତୁଷାର ବେହେରା, ଅବିନାଶ ମହାନ୍ତି, ସୁଧାଂଶୁ ରାଉତ, ରଜତ ମହାନ୍ତ, ବିଶ୍ୱବନ୍ଧନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



## ସାପ କାମୁଡାରେ ଶିଶୁକନ୍ୟା ମୃତ


ବହଳଦା, ୨୪।୬(ସମିସ): ମୟୂରଭଞ୍ଜ ଜିଲ୍ଲା ତିରିଂ ଥାନା ଅନ୍ତର୍ଗତ ବଡତାଳିମା ଗ୍ରାମର କାର୍ତ୍ତିକ ସିଂଙ୍କ ଦେଢ ବର୍ଷର କନ୍ୟା ଲକ୍ଷ୍ମୀ ରାତିରେ ଶୋଇଥିବା ବେଳେ ଏକ ଚିତିସାପ କାମୁଡି ଦେଇଥିଲା। ଫଳରେ ଶିଶୁର ମୃତ୍ୟୁ ଘଟିଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯିବା ସହିତ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## କାଳବନ୍ଧରୁ ଛଡ଼ାଗଲା ପ୍ରଥମ ବର୍ଷାଜଳ



କପ୍ତିପଦା, ୨୪।୬(ସମିସ): କପ୍ତିପଦା ବ୍ଲକ ଅଧୀନରେ ଥିବା କାଳ ବନ୍ଧରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଉପର ମୁଣ୍ଡରେ ବର୍ଷା ଲାଗି ରହିଥିବାରୁ ଡ୍ୟାମର ଜଳସ୍ତର ବୃଦ୍ଧି ପାଉଛି। ବର୍ତ୍ତମାନ ଡ୍ୟାମରେ ୯୦ ପ୍ରତିଶତ ଜଳ ରହିଛି। ଡ୍ୟାମରେ ଯେତିକି ପରିମାଣର ଜଳ ରହିବା କଥା ତା'ଠାରୁ ଅଧିକ ପାଣି ରହିଛି। ଆଗକୁ ବର୍ଷା ହେଲେ ଜଳସ୍ତର ଅଧିକ ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ବନ୍ଧ ନିକଟବର୍ତ୍ତୀ ଲୋକଙ୍କୁ ପ୍ରଶାସନ ତରଫରୁ ଡାକବାଜି ଦ୍ୱାରା ସତର୍କ କରାଇଦିଆଯାଇଛି। ବିଳମ୍ବିତ ରାତିରେ ୨ଟି ଗେଟ୍ ଖୋଲା ହୋଇ ବର୍ଷର ପ୍ରଥମ ଜଳ ନିଷ୍କାସନ କରାଯାଇଥିବା ଡ୍ୟାମର ଯନ୍ତ୍ରୀ ଅନନ୍ତ ମୁର୍ମୁ ପ୍ରକାଶ କରିଛନ୍ତି।

## ଅସରାଏ ବର୍ଷାରେ କପ୍ତିପଦା ବଜାର ବେହାଲ



କପ୍ତିପଦା, ୨୪।୬(ସମିସ): ଅସରାଏ ବର୍ଷାରେ କପ୍ତିପଦା ବଜାର ବେହାଲ ହୋଇଯାଇଛି। ବଜାରରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ସାମାନ୍ୟ ବର୍ଷା ହେଲେ ଆଣ୍ଠୁ ପାଣି ଜମାହୋଇ ରହୁଛି। ଫଳରେ ବ୍ଲକ, ତହସିଲ ଓ ରେଞ୍ଜ ଅଫିସକୁ ଗମନାଗମନ ବାଧାପ୍ରାପ୍ତ ହେଉଛି। ସେହି ରାସ୍ତା ଦେଇ କସ୍ତୁରବା ଗାନ୍ଧୀ ବିଦ୍ୟାଳୟକୁ ପିଲାମାନେ ଯିବାଆସିବା କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ବାଲେଶ୍ୱର ଗୋଲେଇଠାରୁ ସୋନପୋଲ ପର୍ଯ୍ୟନ୍ତ କୌଣସି ଡ୍ରେନ ନ ଥିବାରୁ ରାସ୍ତା ଦୁଇପାର୍ଶ୍ୱରେ ପାଣି ଲହଡି ମାରୁଛି। ପାଣି ନିଷ୍କାସନ ହେଉ ନ ଥିବାରୁ ମଶା ଓ ପଚା ଗନ୍ଧରେ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ଏପରିକି ବର୍ଷାପାଣି ମଧ୍ୟ କିଛି ଲୋକଙ୍କ ଘରେ ପଶୁଛି। ରାଜ୍ୟରେ ହଇଜା ଆତଙ୍କ ଦେଖାଦେଇଥିବାରୁ ଲୋକେ ଆଶଙ୍କାରେ ଛାନିଆ ହୋଇଯାଉଛନ୍ତି। ବଜାରରେ ଉଠା ଦୋକାନୀମାନେ ଡ୍ରେନ ଉପରେ ଅସ୍ଥାୟୀ ଦୋକାନ କରିଥିବାରୁ ପାଣି ନିଷ୍କାସନ ହୋଇ ପାରୁନାହିଁ। ଫଳରେ ବର୍ଷା ସମୟରେ ଦୋକାନ ଭିତରେ ମଧ୍ୟ ପାଣି ପଶି ଯାଉଛି। ପୂର୍ବରୁ ଏ ନେଇ ଅଭିଯୋଗ କରାଯାଇଥିଲେ ବି କୌଣସି ସାମାଧାନ ହୋଇନାହିଁ। କପ୍ତିପଦା ବଜାର ଉପରେ ୨୬ଟି ପଞ୍ଚାୟତର ଲୋକ ନିର୍ଭର କରୁଛନ୍ତି। ତେଣୁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ବଜାର କମିଟି ଓ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

### ମୟୂରଭଞ୍ଜ ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ

# ଏସ୍‌ପିଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ଦଳ

ବାରିପଦା, ୨୪।୬(ସମିସ): ଦିନକୁ ଦିନ ମୟୂରଭଞ୍ଜ ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଚୋରି, ଛିନତାଇର ମାତ୍ରା ବୃଦ୍ଧି ପାଇଥିବା ବେଳେ ଦିନ ଦ୍ୱିପ୍ରହରରେ ଗୁଳିକାଣ୍ଡ ବି ହେଉଛି। ସୋମବାର କୁଳିଅଣା ଥାନା ଅନ୍ତର୍ଗତ ୧୮ ନଂ ଜାତୀୟ ରାଜପଥରେ ଗୁଳିକାଣ୍ଡ, ବାରିପଦା ସହରରେ ବନ୍ଧୁକଧାରୀଙ୍କ ଆତଙ୍କରାଜ, ଝାରପୋଖରିଆ ଥାନା ଅଧୀନ ଯୋକା ନିକଟରେ ଫାର୍ମାସିଷ୍ଟଙ୍କୁ ବନ୍ଧୁକ ଦେଖାଇ ଟଙ୍କା ଓ ବାଇକ ଲୁଟ୍ ଆଦି ଘଟଣା ମୟୂରଭଞ୍ଜକୁ ଅଶାନ୍ତ କରିଛି। ଯାହାକି ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାକୁ ସୁଧାର କରିବାରେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ବିଫଳ ହୋଇଛନ୍ତି। ଏ ସଂକ୍ରାନ୍ତରେ ମଙ୍ଗଳବାର ବିଜେଡିର ଏକ ପ୍ରତିନିଧି ଦଳ ଏସପି ବରୁଣ ଗୁଣ୍ଟୁପାଲ୍ଲିଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦୀର୍ଘ ଏକବର୍ଷ ହେଲା ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ଭୁଶୁଡି ପଡ଼ିଛି ବୋଲି ପ୍ରତିନିଧି ଦଳ ଏସପିଙ୍କ ଅବଗତ କରିଥିଲେ। ନିୟମିତ ଭାବେ ଚୋରି, ଛିନତାଇ, ଡକାୟତି ଓ ଗଣ୍ଡଗୋଳ ମାମଲା ହେଉଛି। ଯାହାକି ଜିଲ୍ଲାବାସୀଙ୍କ ପାଇଁ ଭୟର କାରଣ ସାଜିଛି। ତେଣୁ ଜିଲ୍ଲାରେ ଆଇନ ଶୃଙ୍ଖଳାକୁ ସଦୃଢ କରିବା, ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ଏବଂ ଜିଲ୍ଲା ପ୍ରମୁଖ ସ୍ଥାନ ଓ ରାସ୍ତାରେ କଡାକଡି ପାଟ୍ରୋଲିଂ ବ୍ୟବସ୍ଥା ପାଇଁ ବିଜେଡି ଦାବି କରିଛି। ଆଗାମୀ ଦିନରେ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରା ନଗଲେ ବିଜେଡି ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ପ୍ରତିନିଧି ଦଳରେ ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଡା ଦେବାଶିଷ ମାର୍ଣ୍ଡି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ସରୋଜ କୁମାର ବୋଷ, ପ୍ରଭାତ କୁମାର ନାୟକ, ପ୍ରଭାତ ମହାନ୍ତି, ଅନନ୍ତ ଦାସ, ଦୀପ୍ତିଲତା ମିଶ୍ର, ଲଲାଟେନ୍ଦୁ ବେହେରା, ଶ୍ରାବଣୀ ଦାସ, ପ୍ରଭାତୀ ପୃଷ୍ଟି, ଜିତା ସିଂ, ସୁଧୀର ବାରିକ, ପ୍ରୀତିନନ୍ଦା କାନୁନଗୋ ସମେତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।



## ଜେଲ୍ ଗଲେ ତାମିଲ ଅଭିନେତା ଶ୍ରୀକାନ୍ତ

ଚେନ୍ନଇ, ୨୪।୬(ଏଜେନ୍ସି): କୋକେନ ଭଳି ନିଶାଦ୍ରବ୍ୟ ପାଖରେ ରଖିବା ଓ ତାକୁ ବ୍ୟବହାର କରିବା ଅଭିଯୋଗରେ ଗରିଫ ହେବାର ଗୋଟିଏ ଦିନ ପରେ ଜଣାଶୁଣା ତାମିଲ ଅଭିନେତା ଶ୍ରୀକାନ୍ତଙ୍କୁ ଜୁଲାଇ ୭ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୋମବାର ଗ୍ରେଟର ଚେନ୍ନଇ ପୁଲିସ୍ ତାଙ୍କୁ ଗିରଫ କରିଥିଲା। ତାଙ୍କୁ



ନୁଙ୍ଗାମ୍ବାକାମ୍ ଥାନାରେ ୯ ଘଣ୍ଟା ଧରି ପୁଲିସ୍ ପଚରାଉଚରା କରିଥିଲା। ପୁଲିସ ତାଙ୍କଠାରୁ ରକ୍ତ ନମୂନା ସଂଗ୍ରହ କରିଛି ଓ ଟେଷ୍ଟରେ ସେ ବିଫଳ ହୋଇଥିବା କଥା ପୁଲିସ କହିଛି। ତାଙ୍କ ନମୁନାରେ ନାର୍କୋଟିକ୍ ପଦାର୍ଥ ଥିବାର ପ୍ରମାଣ ମିଳିଥିଲା। ଏନେଇ ପୁଲିସ ତଦନ୍ତ ଜାରି ରଖିଛି। ଉଲ୍ଲେଖଥାଉ କି, ୪୬ ବର୍ଷୀୟ ଶ୍ରୀକାନ୍ତ ୧୯୯୯ରେ ଅଭିନେତା ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ସେ ଏକାଧିକ ସୁପରହିଟ୍ ତାମିଲ ସିନେମାରେ ଅଭିନୟ କରି ଦର୍ଶକଙ୍କ ମନ ଜିଣିଛନ୍ତି। ୨୦୦୨ରେ ମୁକ୍ତିଲାଭ କରିଥିବା 'ରୋଜା କୋଟାମ' ସିନେମା ପାଇଁ ସେ ପ୍ରସିଦ୍ଧି ଓ ଲୋକପ୍ରିୟତା ଲାଭ କରିଥିଲେ।

## ଖାଇବା ପରେ ଏୟାର ଇଣ୍ଡିଆ ବିମାନରେ ୫ ଅସୁସ୍ଥ

ନୂଆଦିଲ୍ଲୀ, ୨୪।୬(ଏଜେନ୍ସି): ଲଣ୍ଡନର ହିଥ୍ରୋ ବିମାନ ବନ୍ଦରରୁ ମୁମ୍ବାଇ ଆସୁଥିବା ଏୟାର ଇଣ୍ଡିଆର ଏଂ-୧୩୦ ବିମାନରେ ହଠାତ ୫ ଜଣ ଯାତ୍ରୀ ଓ ଦୁଇଜଣ କ୍ରୁ ମେମ୍ବର ଅସୁସ୍ଥ ହୋଇ ପଡ଼ିଥିଲେ। ଏମାନଙ୍କ ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇଥିଲା। ସୋମବାର ଏୟାର ଇଣ୍ଡିଆ ଏ ନେଇ ସୂଚନା ଦେଇଛି। ମୁମ୍ବାଇରେ ବିମାନ ସୁରକ୍ଷିତ ଭାବେ ପହଞ୍ଚିବା ପୂର୍ବରୁ ମେଡିକାଲ ଟିମ୍ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିଲା। ଦୁଇ ଯାତ୍ରୀ ଓ ଦୁଇଜଣ କ୍ରୁ ମେମ୍ବରଙ୍କୁ ମେଡିକାଲ ରୁମ୍‌କୁ ନିଆଯାଇ ଚିକିତ୍ସା କରାଯାଇଥିଲା। ପରେ ସମସ୍ତଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା। ଏହି ଘଟଣା ଯାଞ୍ଚ କରାଯାଉଛି ଓ ଯାଞ୍ଚ ଏଜେନ୍ସିକୁ ସୂଚନା ଦିଆଯାଇଛି ବୋଲି ଏୟାର ଇଣ୍ଡିଆ କହିଛି। ଫୁଡ ପଏଜନିଂ ଯୋଗୁଁ ସେମାନେ ଅସୁସ୍ଥ ହୋଇପଡ଼ିଥିବା କୁହାଯାଉଛି। ଉଲ୍ଲେଖଥାଉ କି, ସୋମବାର ୩ଟି ବିମାନରେ ସମସ୍ୟା ଦେଖାଦେଇଥିଲା। ସେହିପରି ରବିବାର ୩ଟି ବିମାନର ଉଡାଣଙ୍କୁ ବାତିଲ କରାଯାଇଥିଲା।

## ଚୀନ୍ ବୈଦେଶିକ ମନ୍ତ୍ରୀଙ୍କୁ ଭେଟିଲେ ଅଜିତ ଡୋଭାଲ

ନୂଆଦିଲ୍ଲୀ, ୨୪।୬(ଏଜେନ୍ସି): ନ୍ୟାସନାଲ ସିକ୍ୟୁରିଟି ଆଡଭାଇଜର (ଏସ୍ଏସ୍ଏ) ଅଜିତ ଡୋଭାଲ ସୋମବାର ବେଜିଂରେ ଚୀନର ଷ୍ଟେଟ୍ କାଉନସିଲର ତଥା ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟିଙ୍କୁ ଭେଟିଛନ୍ତି। ସାଂଘାଇ କୋପରେସନ୍ ଅର୍ଗାନାଇଜେସନ (ଏସ୍‌ସିଓ)ର ନ୍ୟାସନାଲ ଆଡଭାଇଜରମାନଙ୍କ ବିଂଶତମ ବୈଠକ ଅବସରରେ



ଦୁହେଁ ପରସ୍ପରକୁ ଭେଟିଥିଲେ। ଶାନ୍ତି ଓ ସ୍ଥିରତା ବଜାୟ ରଖିବାକୁ ହେଲେ ଆତଙ୍କବାଦର ସବୁ ରୂପ ତଥା ପ୍ରୟାସକୁ ମିଳିତ ଭାବେ ପଣ୍ଡ କରିବାର ଆବଶ୍ୟକତା ରହିଛି ବୋଲି ଡୋଭଲା ତାଙ୍କୁ କହିଥିଲେ। ଭାରତ ଓ ଚୀନ୍ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କର ଉନ୍ନତି ନେଇ ଦୁହେଁ ସମୀକ୍ଷା କରିଥିଲେ। ସୀମାରେ ଶାନ୍ତି ବଜାୟ ରଖିବା ଜରୁରି ବୋଲି ଡୋଭାଲ କହିଥିଲେ। ଏହାପୂର୍ବରୁ ୨୦୨୪ ଡିସେମ୍ବରରେ ଦୁହେଁ ବୈଠକରେ ଏକାଠି ହୋଇଥିଲେ। ୨୫ରୁ ୨୭ ତାରିଖ ମଧ୍ୟରେ ଚୀନ୍‌ର କିଙ୍ଗଦାଓ ସହରରେ ସାଂଘାଇ ଏସ୍‌ସିଓ ବୈଠକ ଆୟୋଜନ ହେବ ଓ ଏଥିରେ ଭାରତ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଯୋଗ ଦେବେ।

## 'କରୋନା ଏବେ ଗମ୍ଭୀର ରୋଗ ନୁହେଁ'

ନୂଆଦିଲ୍ଲୀ, ୨୪।୬(ଏଜେନ୍ସି): ଗତ ଦୁଇ ସପ୍ତାହ ମଧ୍ୟରେ କରୋନା ମାମାଲରେ ଯଥେଷ୍ଟ ଅବନତୀ ପରିଲକ୍ଷିତ ହୋଇଛି। ଗତ ୧୨ ଦିନ ମଧ୍ୟରେ ୩, ୦୦୦ରୁ ଅଧିକ ଆକ୍ଟିଭ କରୋନା କେସ୍‌ରେ ଅବନତୀ ପରିଲକ୍ଷିତ ହୋଇଛି। ଜୁନ୍ ୧୨ରେ ୭୧୩୧ ଆକ୍ଟିଭ କେସ୍ ଥିଲା। ଏହ ଏହି ସଂଖ୍ୟା ତଳକୁ ଖସି ୪୦୮୯ରେ ପହଞ୍ଚିଛି। ଗତ ୨୪ ଘଣ୍ଟା ମଧ୍ୟରେ କେବଳ ୭ଟି ନୂଆ କେସ ସାମ୍ନାକୁ ଆସିଛି। ଇତିମଧ୍ୟରେ ୩୩୬ ଜଣ ସଂକ୍ରମିତ ସୁସ୍ଥ ହୋଇଛନ୍ତି ବୋଲି ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୂଚନା ଦିଆଯାଇଛି। କରୋନାର ନୂଆ ଭ୍ୟାରିଏଣ୍ଟରେ ୨୦୨୫ ଜାନୁଆରୀରୁ ଏପର୍ଯ୍ୟନ୍ତ ୧୨୭ ଜଣ ମୃତ୍ୟୁବରଣ କରିଛନ୍ତି। ଗତ ୨୪ ଘଣ୍ଟାରେ ୩ ଜଣ ସଂକ୍ରମିତ ପ୍ରାଣ ହରାଇଛନ୍ତି। କେରଳରେ ସର୍ବାଧିକ ୪୦ଜଣ ଓ ମହାରାଷ୍ଟ୍ରରେ ୩୩ ଜଣ ଲୋକ ପ୍ରାଣ ହରାଇଛନ୍ତି। କରୋନା ଏବେ ଆଉ ଏକ ଗମ୍ଭୀର ରୋଗ ହୋଇ ରହିନାହିଁ ବୋଲି ମ୍ୟାକ୍ସ ସାକେତ ହସ୍ପିଟାଲର ନିର୍ଦ୍ଦେଶକ ରୋମେଲ ଟିକ୍କୁ କହିଛନ୍ତି। ଯେଉଁ ଲୋକଙ୍କୁ ଏବେ ସର୍ଦ୍ଦି, କାଶ, ଜ୍ୱର ହେଉଛି ସେମାନେ କରୋନା ଟେଷ୍ଟ କରିବାର ଆଉ ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି।

## ସରିଲା ଇରାନ-ଇସ୍ରାଏଲ ଯୁଦ୍ଧ

# ୧୨ ଦିନ ଲଢ଼େଇର ହିସାବ

ୱାସିଂଟନ, ୨୪।୬ (ଏଜେନ୍ସି): ଦୀର୍ଘ ୧୨ ଦିନ ଇସ୍ରାଏଲ-ଇରାନ ସଂଘର୍ଷର ଜାରି ରହିଛି। ଏହି ଯୁଦ୍ଧରେ ଆମେରିକା ପ୍ରବେଶ କରି ସ୍ଥିତିକୁ ଅଧିକ ସାଂଘାତିକ କରିଦେଇଥିଲା। ଇରାନର ତିନି ପରମାଣୁ କେନ୍ଦ୍ର ଉପରେ ବଙ୍କର ବଷ୍ଟର ଏବଂ ଟମ୍ ହକ୍ କ୍ଷେପଣାସ୍ତ୍ର ମାଡ଼ କରି ଏହାକୁ ବିଶ୍ୱଯୁଦ୍ଧ ମୁହାଁ କରାଇ ଥିଲା। ଏହା ପରେ ଇରାନ ଦୃଢ଼ ଜବାବ ଦେବାକୁ ଧମକ ଦେଇଥିଲା। କାତାରରେ ଥିବା ଆମେରିକା ଘାଟୀ ଉପରେ ଆକ୍ରମଣ କରିଥିଲା। କିନ୍ତୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଜି ନିଜେ ଇସ୍ରାଏଲ ଓ ଇରାନ ମଧ୍ୟରେ ଅସ୍ତ୍ରବିରତି ହୋଇଛି ବୋଲି ଘୋଷଣା କରିଥିଲେ। ନିଜ ପାଇଲଟଙ୍କୁ ଫେରାଇ ଆଣିବା ପାଇଁ ଇସ୍ରାଏଲକୁ କହିଥିଲେ। ଅସ୍ତ୍ରବିରତି ତତ୍କାଳ କାର୍ଯ୍ୟକାରୀ ହେଲା ବୋଲି କହିଥିଲେ। କେହି ଆଉ ଆହତ ହେବେନି ବୋଲି ଘୋଷଣା କରିଥିଲେ ଏବଂ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହା ଦ୍ୱାରା ବିଶ୍ୱକୁ ଆଶ୍ୱସ୍ତି ମିଳିବ ବୋଲି ଆଶା ଥିଲା। ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ହେଲା ବୋଲି ଧରା ଯାଇଥିଲା। କିନ୍ତୁ ଏହାର ଅଢ଼େଇ ଘଣ୍ଟା ପରେ ପୁଣି ଇସ୍ରାଏଲ ଏବଂ ଇରାନ ପରସ୍ପର ଉପରେ କ୍ଷେପଣାସ୍ତ୍ର ମାଡ଼ କରିଛନ୍ତି। ଟ୍ରମ୍ପଙ୍କୁ କେହି ଖାତିର କରିନାହାନ୍ତି। ଏହାକୁ ନେଇ ଟ୍ରମ୍ପ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଦୁଇ ଦେଶକୁ ଭର୍ତ୍ସନା କରି ଅଭଦ୍ର ଭାଷାରେ ଗାଳି ଦେଇଛନ୍ତି। ଦୀର୍ଘ ଦିନ ଧରି ଯୁଦ୍ଧ ଚାଲିବ। ଉଭୟ ରାଷ୍ଟ୍ର କଣ କରୁଛନ୍ତି ନିଜେ ଜାଣିନାହାନ୍ତି ବୋଲି ଟ୍ରମ୍ପ କହିଛନ୍ତି।

ଗତ ୧୨ ଘଣ୍ଟା ମଧ୍ୟରେ ଏହି ଯୁଦ୍ଧକୁ ନେଇ ଯାହା ଘଟିଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ଅସ୍ତ୍ରବିରତି ଘୋଷଣା ପରେ ତିନି ପକ୍ଷ ଆମେରିକା, ଇରାନ ଏବଂ ଇସ୍ରାଏଲ ବିଜୟୀ ହୋଇଥିବା ଘୋଷଣା କରିଥିଲେ। ଆମେରିକା ଦାବି କରିଥିଲା ଯେ ଏହା ଇରାନର ପରମାଣୁ କ୍ଷମତାକୁ ହ୍ରାସ କରିଦେଇଛି। ତେହେରାନକୁ ଯଥେଷ୍ଟ ଦୁର୍ବଳ କରିବାକୁ ନେଇ ଇସ୍ରାଏଲ ଗର୍ବ କରୁଛି। ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦେଶ ବିରୋଧରେ ଠିଆ ହେବା ଏବଂ ପଛକୁ ନ ହଟିବାକୁ ନେଇ ଇରାନ ମଧ୍ୟ ଗର୍ବ କରିପାରିବ। ଆଧୁନିକ ଯୁଦ୍ଧର ଏକ ପ୍ରମୁଖ ଦିଗ ହେଉଛି ଘରୋଇ ପ୍ରଚାରପ୍ରସାର। ଏହା ନିଜ ଦେଶକୁ କି ବାର୍ତ୍ତା ଦେଉଛି। ତିନୋଟି ଦେଶ ନିଜ ନିଜକୁ ବିଜୟୀ ଘୋଷଣା କରିବା ପାଇଁ ପ୍ରୋପାଗାଣ୍ଡା ଆରମ୍ଭ କରିଦେଇଛନ୍ତି। ଦେଶ ବିଜୟୀ ହେଲା ବୋଲି ଲୋକଙ୍କୁ କହୁଛନ୍ତି। କିନ୍ତୁ ଏହି ଯୁଦ୍ଧ ତିନି ଦେଶର କ୍ଷମତାକୁ ବିଶ୍ୱ ସମ୍ମୁଖରେ ଖୋଲି ଦେଇଛି। ଯୁଦ୍ଧରେ ଇସ୍ରାଏଲ ନିଜକୁ ଅଜେୟ ଭାବୁଥିଲା। ୨୦୨୧ ମସିହା ପରଠାରୁ ୫ଟି ଯୁଦ୍ଧ କରିଥିଲା। କିନ୍ତୁ ଇରାନ ଏହି ଦେଶର ଗର୍ବକୁ ଚୂର୍ଣ୍ଣ କରିଦେଇଛି। ଇରାନ ନିଜର ସାମରିକ କ୍ଷମତା ପ୍ରଦର୍ଶନ କରିଛି। ତୁହାକୁ ତୁହା କ୍ଷେପଣାସ୍ତ୍ର, ଡ୍ରୋନ ଆଦି ମାଡ଼ କରି ଇସ୍ରାଏଲର ଅଶେଷ କ୍ଷତି ଘଟାଇଛି। ଇରାନ ହାଇପରସୋନିକ କ୍ଷେପଣାସ୍ତ୍ର ଇସ୍ରାଏଲର ଆଇରନ ଡୋମକୁ ମାତ୍ ଦେଇଛି। ଭିତ୍ତିଭୂମିକୁ ଦୁର୍ବଳ କରିଦେଇଛି। ବିଭିନ୍ନ ସହରରେ ଧ୍ୱଂସଲୀଳା ରଚିଛି। ଏଥିରେ ଅନେକ ଲୋକଙ୍କ ଜୀବନ ଯାଇଛି।



କୂଟନୀତି ମାଧ୍ୟମରେ ବିବାଦର ସମାଧାନ ଦାବି କରୁଥିବା ଆମେରିକା ଗତ ରବିବାର ଇରାନରେ ବୋମା ମାଡ଼ କରି ସମସ୍ତଙ୍କୁ ଚମକାଇ ଦେଇଥିଲା। ଇରାନକୁ ଟ୍ରମ୍ପ ମଧ୍ୟପ୍ରାଚ୍ୟର ଗୁଣ୍ଡା ବୋଲି କହି ଶାନ୍ତି ପାଇଁ ଚାପ ପକାଇ ଥିଲେ। ଇରାନର ପରମାଣୁ କେନ୍ଦ୍ର ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିବା କହିଥିଲେ। କିନ୍ତୁ ଯୁଦ୍ଧ ସମାଧାନ ନୁହେଁ ବୋଲି ଆମେରିକା ଜାଣିଥିଲା। ଘରୋଇ ସମର୍ଥନ ମିଳୁଥିବା ପର୍ଯ୍ୟନ୍ତ ଇରାନ ଆଲୋଚନାର ମାର୍ଗକୁ ଫେରିବ ନାହିଁ ବୋଲି ଟ୍ରମ୍ପ ଜାଣିଥିଲେ। ଆଶ୍ଚର୍ଯ୍ୟଜନକ ଭାବେ କାତାର ଏୟାରବେସରେ ଇରାନ ଆକ୍ରମଣ ପରେ ବି ଟ୍ରମ୍ପ ଚୁପ୍ ରହିଥିଲେ। ଆଗକୁ କାହାର କୌଣସି କ୍ଷତି ହେବନି ବୋଲି କହିଥିଲେ। ଆଗୁଆ ନୋଟିସ ଦେଇଥିବାରୁ ସେ ଇରାନକୁ ଧନ୍ୟବାଦ ଦେଇଥିଲେ। ଏହା ପରେ ଟ୍ରମ୍ପ ଶାନ୍ତି ଦୂତ ସାଜିଥିଲେ। ସଂଘର୍ଷରେ ଆମେରିକାର କୌଣସି କ୍ଷତି ହୋଇ ନ ଥିଲା। ୱାଶିଂଟନ ନିଜ କ୍ଷମତା ମଧ୍ୟ ପ୍ରଦର୍ଶନ କରିଥିଲା। ଶେଷରେ ଟ୍ରମ୍ପ ଶାନ୍ତି ପ୍ରତିଷ୍ଠାର ଶ୍ରେୟ ନିଜକୁ ଦେବାକୁ ପଛାଇ ନ ଥିଲେ। ଏହା ଆମେରିକା ପାଇଁ ବିଜୟ ସ୍ଥିତି ଭଳି। ସେହିପରି ଇରାନରେ ଆକ୍ରମଣ କରି ୧୪ ପରମାଣୁ ବୈଜ୍ଞାନିକକୁ ହତ୍ୟା, ଏୟାର ଡିଫେନ୍ସ ସିଷ୍ଟମ, ପରମାଣୁ କେନ୍ଦ୍ର ଧ୍ୱଂସ ସହିତ ଅନେକ କ୍ଷୟକ୍ଷତି କରିଥିବା ଦାବି କରିଥିଲା। ଏହି ଯୁଦ୍ଧରେ ଆମେରିକାକୁ ସାମିଲ କରିବା ଇସ୍ରାଏଲର ବଡ଼ ସଫଳତା ଥିଲା। ଆମେରିକା ତେଲ ଆଭିଭକୁ ସମ୍ପୂର୍ଣ୍ଣ ସମର୍ଥନ କରୁଛି ବୋଲି ଜଣାଇ ଦେଇଥିଲା। ଚଳିତ ବର୍ଷ ଦେଶରେ ନିର୍ବାଚନ ହେଉଥିବାରୁ ଏହା ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ଛବି ମଜବୁତ ହୋଇଥିଲା। ତେଣୁ ସେ ଅସ୍ତ୍ରବିରତିର ଶ୍ରେୟ ନେବାରେ ଲାଗିଛନ୍ତି। ଅନ୍ୟପଟେ ଇରାନ ନିଜର ତିନି

- **ତିନି ପରମାଣୁ ଠିକଣା ଧ୍ୱଂସ କରିଛୁ: ଆମେରିକା**
- **ସାମରିକ ଆଡ୍ଡା ଧ୍ୱଂସ କରିଦେଇଛୁ: ଇସ୍ରାଏଲ**
- **ଇସ୍ରାଏଲ ସହର ଛାରଖାର କରିଛୁ: ଇରାନ**

ଶହ ବର୍ଷ ଇତିହାସରେ ପ୍ରଥମ ଥର ପାଇଁ ଇସ୍ରାଏଲ ଉପରେ ଆକ୍ରମଣ କରି ଯୁଦ୍ଧରେ ସାମିଲ ହୋଇଥିଲା। କିନ୍ତୁ ଯୁଦ୍ଧରେ ଆମେରିକା ସାମିଲ ହେବା ଇରାନ ପାଇଁ ଜଟିଳ ସ୍ଥିତି ସୃଷ୍ଟି କରିଥିଲା। ନିଜର ପ୍ରତିଷ୍ଠା ବଞ୍ଚାଇବା ପାଇଁ ଇରାନ ଆମେରିକା ଏୟାରବେସ୍ ଉପରେ ଆକ୍ରମଣ କରିବାକୁ ବି ପଛାଇ ନ ଥିଲା। ବଙ୍କରରେ ଥାଇ ସର୍ବୋଚ୍ଚ ନେତା ଅୟତୁଲ୍ଲା ଖାମନେଇ ଆକ୍ରମଣ ନିର୍ଦ୍ଦେଶ ଦେଇଥିଲେ। କାତାର ମଧ୍ୟ ଇରାନର ଘନିଷ୍ଠ ସହଯୋଗୀ। ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଏଲ ଉଦିଦ ଏୟାରବେସ ଉପରେ ଆକ୍ରମଣ ପୂର୍ବରୁ ଆମେରିକାକୁ ଇରାନ ଆଗୁଆ ସୂଚନା ପ୍ରଦାନ କରିଥିଲା। ଏହି ଆକ୍ରମଣ କରି ଇରାନ ନିଜ ଶକ୍ତି ପ୍ରଦର୍ଶନ କରିଥିଲା। ଯୁଦ୍ଧରେ କୌଣସି ଆମେରିକୀୟ ନାଗରିକ ପ୍ରାଣ ହରାଇଥିଲେ ସ୍ଥିତି ଭୟଙ୍କର ହୋଇଥାନ୍ତା ବୋଲି ଇରାନ ଜାଣିଥିଲା। ତେଣୁ ସେ ଆଲୋଚନାର ରାସ୍ତାକୁ ଉନ୍ମୁକ୍ତ ରଖିଥିଲା। ଏହାପରେ ଆମେରିକା କିମ୍ବା ଇରାନ କେହି ଆକ୍ରମଣ କରି ନ ଥିଲେ। ଏହା ଦ୍ୱାରା ଇରାନ ନିଜ ଛବିକୁ ଦୃଢ଼ କରିଥିଲା।

## ଇରାନର ୪୦୦ କେଜି ୟୁରାନିୟମ ଗାଏବ

### ଆମେରିକା ଛାନିଆ; ପ୍ରସ୍ତୁତ କରିହେବ ୧୦ଟି ପରମାଣୁ ବୋମା

ୱାସିଂଟନ, ୨୪।୬ (ଏଜେନ୍ସି): ଇରାନ ତିନି ପରମାଣୁ ଠିକଣାକୁ ନିଶାଣ କରି ଆମେରିକା ୬ଟି ଶକ୍ତିଶାଳୀ ବଙ୍କର ବଷ୍ଟ ଏବଂ ୩୦ ଟମ୍‌ହକ୍ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଏହି ଆକ୍ରମଣରେ ତିନୋଟି ଯାକ କ୍ଷେପଣାସ୍ତ୍ର କେନ୍ଦ୍ର ଫର୍ଦୋ, ଇସଫାହନ, ନତାଞ୍ଜ ଧ୍ୱଂସ ହୋଇଯାଇଛି ବୋଲି କୁହାଯାଇଥିଲା। ମାତ୍ର ଯେଉଁ ଉଦ୍ଦେଶ୍ୟ ରଖି ଆମେରିକା ଏହି ଆକ୍ରମଣ କରିଥିଲା ତାହା ଶତ ପ୍ରତଶତ ସଫଳ ହୋଇପାରି ନ ଥିଲା। କାରଣ ଆମେରିକାର କାର୍ଯ୍ୟାନୁଷ୍ଠାନ ପୂର୍ବରୁ ଇରାନ ୪୦୦ କେଜି ୟୁରାନିୟମକୁ ଅନ୍ୟତ୍ର ସ୍ଥାନାନ୍ତର କରିଦେଇଥିଲା। ଏହାକୁ ନେଇ ଆମେରିକା ଛାନିଆ ହୋଇଯାଇଛି। ୧୦ଟି ପରମାଣୁ ଅସ୍ତ୍ରଶସ୍ତ୍ର ନିର୍ମାଣ ପାଇଁ ଏହି ୟୁରାନିୟମ ଯଥେଷ୍ଟ ବୋଲି ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ କହିଛନ୍ତି। ଏହି ୟୁରାନିୟମ ଇରାନର ପରମାଣୁ କାର୍ଯ୍ୟକ୍ରମକୁ ପୁଣିଥରେ ଗତି ଦେବ ବୋଲି ଆମେରିକା ସନ୍ଦେହ କରୁଛି। ଇରାନ ପରମାଣୁ ଅସ୍ତ୍ର ହାସଲ ଦିଗରେ ଉଲ୍ଲେଖନୀୟ ଅଗ୍ରଗତି କରିଥିଲା। ୟୁରାନିୟମର ୬୦ ପ୍ରତିଶତ ସୁଦ୍ଧତା ହାସଲ କରି ନେଇଥିଲା। କିନ୍ତୁ ୯୦ ପ୍ରତିଶତ ସୁଦ୍ଧତା ହାସଲ କରିବା ପରେ ଯାଇ ପରମାଣୁ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ କରିହେବ। ଏହା ସହିତ ପରମାଣୁ ଚୁକ୍ତି ନେଇ ଆମେରିକା ଇରାନ ଉପରେ ଚାପ ପକାଇବାରେ ଲାଗିଛି। ଚୁକ୍ତି ନ କଲେ ବଡ଼ଧରଣର ଆକ୍ରମଣ ହେବ ବୋଲି ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଧମକ ଦେଇଛନ୍ତି।

ଉପଗ୍ରହ ଚିତ୍ରରୁ ଜଣାପଡ଼ିଛି ଯେ ଆମେରିକା ଆକ୍ରମଣ ପୂର୍ବରୁ ଫର୍ଦୋ ପରମାଣୁ କେନ୍ଦ୍ର ବାହାରେ ୧୬ଟି ଟ୍ରକ୍ ଛିଡ଼ା ହୋଇଥିଲା। ଏହି ପରମାଣୁ କେନ୍ଦ୍ର ପାହାଡ କାଟି ନିର୍ମାଣ କରାଯାଇଛି। ତେଣୁ ଏହା କ୍ଷେପଣାସ୍ତ୍ର ଆକ୍ରମଣକୁ ବି ସହି ନେଉଥିଲା। ଏହାକୁ ଦେଖି ଆମେରିକାକୁ ବଙ୍କର ବଷ୍ଟର ପକାଇବା ପାଇଁ ଇସ୍ରାଏଲ ଅନୁରୋଧ କରିଥିଲା। ଏହା ପରେ ବି-୨ ବମ୍ବର୍ସ ମାଧ୍ୟମରେ ଆମେରିକା ଆକ୍ରମଣ କରିଥିଲା। ତେବେ ଏଠାରୁ ଇରାନ କେଉଁଠିକୁ ୟୁରାନିୟମ ସ୍ଥାନାନ୍ତର କଲା ବୋଲି ଜଣାପଡ଼ି ନାହିଁ। ପୂର୍ବରୁ ପରମାଣୁ ଅସ୍ତ୍ରଶସ୍ତ୍ର ହସ୍ତାନ୍ତର କରିବା ପାଇଁ ରୁଷ୍ ଇରାନକୁ କହିଥିଲା। କିନ୍ତୁ ଇସ୍‌ଫାହନ ରାଜଧାନୀ ନିକଟସ୍ଥ କୌଣସି ଭୂତଳ କେନ୍ଦ୍ରକୁ ଏହି ୟୁରାନିୟମ ନିଆଯାଇଛି ବୋଲି ଆମେରିକା ଏବଂ ଇସ୍ରାଏଲ ଆଶଙ୍କା କରୁଛନ୍ତି। ଇଣ୍ଟରନ୍ୟାସନାଲ ଅଟୋମିକ ଏନର୍ଜି ଏଜେନ୍ସି (ଆଇଏଇଏ)ର ଅଧ୍ୟକ୍ଷ କହିଛନ୍ତି ଯେ ଇସ୍ରାଏଲର ପ୍ରଥମ ଆକ୍ରମଣ ସମୟରେ ଏହି କେନ୍ଦ୍ର ଉପରେ ଲକ୍ଷ୍ୟ ରଖାଯାଇଥିଲା। ଖୁବଶୀଘ୍ର ଏହାର ଯାଞ୍ଚ ଆରମ୍ଭ କରାଯିବ। କିନ୍ତୁ ସେ ଚେତାବନୀ ଦେଇ କହିଛନ୍ତି ଯେ ଇରାନକୁ ପରମାଣୁ ଅସ୍ତ୍ର ନିର୍ମାଣରୁ ବିରତ ରଖିବା ପାଇଁ ଖୁବଶୀଘ୍ର ଚର୍ଚ୍ଚା ଆରମ୍ଭ ହେବା ଉଚିତ। କିନ୍ତୁ ସାମରିକ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଏଥିରେ ବିଳମ୍ବ ହୋଇଚାଲିଛି। ଇରାନର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଇସ୍ରାଏଲ ଏବଂ ଆମେରିକା ଭିନ୍ନ ଭିନ୍ନ ଦାବି କରୁଛନ୍ତି। ଆକ୍ରମଣ ଦ୍ୱାରା ପରମାଣୁ କାର୍ଯ୍ୟକ୍ରମ ତିନି ବର୍ଷ ପଛୁଆ ହୋଇଯାଇଛି ବୋଲି ଇସ୍ରାଏଲ ଦାବି କରୁଥିବାବେଳେ ଠୁଳ ୟୁରାନିୟମରୁ କିଛି ସପ୍ତାହ ମଧ୍ୟରେ ତେହରାନ ପରମାଣୁ ଅସ୍ତ୍ର ନିର୍ମାଣ କରିପାରେ।

## ମଧ୍ୟପ୍ରାଚ୍ୟରୁ ୨, ୨୯୫ ଭାରତୀୟ ସ୍ୱଦେଶ ଫେରିଲେଣି

ନୂଆଦିଲ୍ଲୀ, ୨୪।୬(ଏଜେନ୍ସି): ମଧ୍ୟପ୍ରାଚ୍ୟ ତଥା ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ଯୋଗୁଁ ଇରାନ, ଇସ୍ରାଏଲ ଓ ଅନ୍ୟ ଦେଶଗୁଡିକରୁ ନାଗରିକଙ୍କୁ ଫେରାଇ ଆଣିବାକୁ ଭାରତ ସରକାର ଅପରେସନ ସିନ୍ଧୁ ଜାରି ରଖିଛନ୍ତି। ଏପର୍ଯ୍ୟନ୍ତ ଏହି ଅପରେସନ ମାଧ୍ୟମରେ ମୋଟ ଉପରେ ୨, ୨୯୫ ନାଗରିକଙ୍କୁ ଭାରତ ଅଣାଗଲାଣି। ମଙ୍ଗଳବାର ଭୋର ସମୟରେ ୨୯୨ ଜଣ ଭାରତୀୟଙ୍କୁ ଇରାନର ମସାଦ ସହରରୁ ଅଣାଯାଇଛି ବୋଲି ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରନ୍ଧିର ଜୟସ୍ୱାଲ କହିଛନ୍ତି। ଆବଶ୍ୟକ ସମୟରେ ବିଶ୍ୱର ଯେକୌଣସି ସ୍ଥାନରୁ ଭାରତୀୟ ନାଗରିକଙ୍କୁ ଫେରାଇ ଆଣିବାକୁ ସବୁ ବ୍ୟବସ୍ଥା କରିବାକୁ ଆମେ ବଦ୍ଧପରିକର ବୋଲି ଓ ଜୋର୍ଡାନ ଓ ଇଜିପ୍ଟ ଭଳି ଦେଶରୁ ମଧ୍ୟ ଭାରତୀୟଙ୍କୁ ଫେରାଇ ଆଣିବାକୁ ବ୍ୟବସ୍ଥା କରାଯାଉଛି ବୋଲି



ଭାରତୀୟ ବାୟୁ ସେନା ତରଫରୁ କୁହାଯାଇଛି। ମଙ୍ଗଳବାର ବାୟୁସେନାର ଅମାନ ଦେଇ ଇସ୍ରାଏଲରୁ ୩୨୬ ଜଣ ନଗରିକଙ୍କୁ ଭାରତ ଆଣିଛି। ଭାରତୀୟ ବାୟୁସେନାର ସି-୧୭ ବିମାନ ୧୬୫ଜଣ ଭାରତୀୟଙ୍କୁ ସକାଳେ ଇସ୍ରାଏଲରୁ ଆଣିଛି। ସେହିପରି ଆଉ ଏକ ପର୍ଯ୍ୟାୟରେ ୧୬୧ ଜଣ ଭାରତୀୟଙ୍କୁ ଇସ୍ରାଏଲରୁ ନୂଆଦିଲ୍ଲୀ ଅଣାଯାଇଛି। ଏମାନେ ସମସ୍ତେ ଇସ୍ରାଏଲରୁ ଅମାନ ବାଟ୍ ଦେଇ ଫେରିଛନ୍ତି। କେବଳ ଭାରତୀୟ ନୁହେଁ ଶ୍ରୀଲଙ୍କା ନାଗରିକଙ୍କୁ ମଧ୍ୟ ଭାରତ ଫେରାଇ ଆଣିବାକୁ ଉଦ୍ୟମ ଜାରି ରଖିଛି। ଉଲ୍ଲେଖଥାଉ କି, ୬ଟି ମଧ୍ୟପ୍ରାଚ୍ୟ ଦେଶରେ ୯୦ ଲକ୍ଷ ଭାରତୀୟ ରହୁଛନ୍ତି। ୟୁନାଇଟେଡ ଆରବ ଏମିରେଟ୍ସ ସର୍ବାଧିକ ୩୫.୫ ଲକ୍ଷ, ସାଉଦି ଆରବରେ ୨୬ ଲକ୍ଷ, କୁଏତରେ ୧୧ ଲକ୍ଷ, କତାରରେ ୭.୪୫ ଲକ୍ଷ, ଓମାନରେ ୭.୭୯ ଲକ୍ଷ ଓ ବାହାରିନ୍‌ରେ ୨.୨୩ ଲକ୍ଷ ଭାରତୀୟ ବସବାସ କରୁଛନ୍ତି।

## ଇସ୍ରାଏଲ- ଇରାନ୍ ଯୁଦ୍ଧ ଯୋଗୁଁ ଦେଶରେ ୬୦ରୁ ଊର୍ଦ୍ଧ୍ୱ ବିମାନ ଉଡାଣ ବାତିଲ

ନୂଆଦିଲ୍ଲୀ, ୨୪।୬(ଏଜେନ୍ସି): ପଶ୍ଚିମ ଏସିଆରେ ଇସ୍ରାଏଲ- ଇରାନ ଯୁଦ୍ଧ କାରଣରୁ ଭାରତରେ ବିମାନ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି। ମଧ୍ୟପ୍ରାଚ୍ୟରେ ସ୍ଥିତି ଉତ୍ତେଜନାମୂଳକ ହେବା କାରଣରୁ ଏୟାରସ୍ପେସ୍ ବନ୍ଦ କରାଯାଇଥିଲା। ଫଳରେ ଏପର୍ଯ୍ୟନ୍ତ ୬୦ରୁ ଊର୍ଦ୍ଧ୍ୱ ବିମାନର ଉଡାଣକୁ ରଦ୍ଦ କରିବାକୁ ହୋଇଛି। କେବଳ ଦିଲ୍ଲୀ ବିମାନ ବନ୍ଦରରେ ୪୮ ଟି ଉଡାଣ ବାତିଲ ହୋଇଛି। ସେହିପରି ଜୟପୁର ଏୟାରପୋର୍ଟରେ ୬ଟି ଫ୍ଲାଇଟ୍ ବାତିଲ ହୋଇଛି। ଲକ୍ଷ୍ନୌ ଏୟାର ପୋର୍ଟରୁ ଅବୁଧାବି ଓ ସାରଝା ଯିବାକୁ ଥିବା ୨ଟି ବମାନର ଉଡାଣ ବାତିଲ ହୋଇଥିଲା। ସେହିପରି ଅହମଦାବାଦ ଆସିବାକୁ ଥିବା ୫ଟି ଫ୍ଲାଇଟ୍‌କୁ ବାତିଲ କରାଯାଇଛି। ଏଥିରେ ଲଣ୍ଡନ, ଆବୁଧାବି, ଦୁବାଇ, କୁଏତ୍ ଓ ଦୋହାରୁ ଆସିବାକୁ ଥିବା ବିମାନ ସାମିଲ ରହିଛି। ସେହିପରି ଅମୃତସରରୁ ଦୁବାଇ ଯିବାକୁ ଥିବା ଫ୍ଲାଇଟ୍ ଏସ୍‌ଜି-୫୫କୁ ମଧ୍ୟ ବାତିଲ କରିବାକୁ ହୋଇଥିଲା। ଇତିମଧ୍ୟରେ ଇସ୍ରାଏଲ ଓ ଇରାନ ମଧ୍ୟରେ ଅସ୍ତ୍ରବିରତି ଘୋଷଣା ହେବା ଫଳରେ ଧିରେ ଧିରେ ବିମାନ ଉଡାଣ ପୁଣିଥରେ ଆରମ୍ଭ ହୋଇଛି।

## ରାଜସ୍ଥାନ ଲଜ୍ଜା: ଉଦୟପୁରରେ ଫ୍ରାନ୍ସ ମହିଳା ପର୍ଯ୍ୟଟକଙ୍କୁ ଦୁଷ୍କର୍ମ

ଉଦୟପୁର, ୨୪।୬(ଏଜେନ୍ସି): ରାଜସ୍ଥାନର ଉଦୟପୁରରେ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଜଣେ ଫ୍ରେଞ୍ଚ୍ ମହିଳା ପର୍ଯ୍ୟଟକ ଏଠାରେ ଦୁଷ୍କର୍ମର ଶିକାର ହୋଇଛନ୍ତି। ଅଭିଯୁକ୍ତଙ୍କ ସହ ଏକ ପାର୍ଟିରେ ସାକ୍ଷାତ ହୋଇଥିଲା ବୋଲି ଫ୍ରେଞ୍ଚ୍ ମହିଳା ଜଣକ କହିଛନ୍ତି। ଗୁରୁବାର ଏ ନେଇ ପୁଲିସ ସୂଚନା ଦେବା ସହ ଏଫଆଇଆର ତଥା ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କୁ ଗରିଫ କରିବାକୁ ପୁଲିସ ଅଭିଯାନ ଆରମ୍ଭ କରିଛି। ସୋମବାର ସନ୍ଧ୍ୟାରେ ଏହି ଘଟଣା ଘଟିଥିଲା। ଜୁନ୍ ୨୨ରେ ଦିଲ୍ଲୀରୁ ମହିଳା ଜଣକ ଉଦୟପୁରରେ ପହଞ୍ଚିଥିଲେ ଓ ଅମ୍ବାମାତା ଅଞ୍ଚଳରେ ଏକ ହୋଟେଲରେ ରହିଥିଲେ। ସୋମବାର ଟାଇଗର ହିଲସ୍ଥିତ ଗ୍ରୀକ୍ ଫାର୍ମ କେଫ୍ ଆଣ୍ଡ ରେଷ୍ଟ୍ରୋ କେଫ୍‌ରେ ମହିଳା ଜଣକ ଏକ ପାର୍ଟିରେ ଯୋଗ ଦେଇଥିଲେ। ସେଠାରେ ଅଭିଯୁକ୍ତ ଶ୍ରୀକାନ୍ତଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା। ଦର୍ଶନୀୟ ସ୍ଥାନ ବୁଲାଇ ନେବାକୁ ଶ୍ରୀକାନ୍ତ ତାଙ୍କୁ କହିଥିଲା।



ବୁଲିବା ଅବସରରେ ସେ ତାଙ୍କୁ ଏକ ଆପାର୍ଟମେଣ୍ଟକୁ ନେଇଥିଲା। ଆପାର୍ଟମେଣ୍ଟରେ ପସିବା ପରେ ଶ୍ରୀକାନ୍ତ ତାଙ୍କ ସହ ଅସଦାଚରଣ କରିଥିଲା। ବିରୋଧ କରିବା ସତ୍ତ୍ୱେ ଶ୍ରୀକାନ୍ତ ତାଙ୍କୁ ବଳପୂର୍ବକ ଦୁଷ୍କର୍ମ କରିଥିଲା ବୋଲି ମହିଳା ଜଣକ ଅଭିଯୋଗ କରିଛନ୍ତି। ଏହାପରେ ଅସୁସ୍ଥ ହୋଇ ପଡ଼ିଥିବାରୁ ମହିଳା ଜଣକ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏବେ ସେ ବିପଦମୁକ୍ତ ଅଛନ୍ତି ବୋଲି କୁହାଯାଇଛି। ଫ୍ରେଞ୍ଚ ଦୂତାବାସକୁ ଏହି ଘଟଣା ସମ୍ପର୍କରେ ଅବଗତ କରାଯାଇଛି। ପୂର୍ବରୁ ମଧ୍ୟ ଏକାଧିକବାର ବିଦେଶୀ ମହିଳା ପର୍ଯ୍ୟଟକଙ୍କ ବିରୋଧରେ ଏହି ଅପରାଧ ଘଟିଛି।

## ନିଟ୍ ଟେଷ୍ଟରେ କମ୍ ନମ୍ବର ରଖିବାରୁ ଝିଅକୁ ବାଡ଼େଇ ମାରିଲା ବାପା

ନୂଆଦିଲ୍ଲୀ, ୨୪।୬(ଏଜେନ୍ସି): ମହାରାଷ୍ଟ୍ର ସଙ୍ଗଲି ଜିଲ୍ଲାରେ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ନ୍ୟାସନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ନିଟ) ମକ୍ ଟେଷ୍ଟରେ କମ୍ ନମ୍ବର ରଖିବାରୁ ଜଣେ ଝିଅକୁ ତା'ର ବାପା ବାଡେଇ ମାରିଛି। ଧୋଣ୍ଡିରାମ୍ ଭଗବାନ ବୋନସଲେ ନାମକ ଏହି ୫୦ ବର୍ଷୀୟ ବ୍ୟକ୍ତିଙ୍କୁ ପୁଲିସ ଗିରଫ




ବାଡିରେ ପିଟିବା ଫଳରେ ସେ ଆହତ ହୋଇଥିଲା। ପରଦିନ ସକାଳେ ପ୍ରୀତି ଝିଅକୁ ମେଡିକାଲ ନେଇଥିଲେ। ସ୍ଥିତି ଆହୁରି ଖରାପ ହେବାରୁ ସାଧନାଙ୍କୁ ଜିଲ୍ଲା ହସ୍ପିଟାଲକୁ ପଠାଇ ଦିଆଯାଇଥିଲା। ସେଠାରେ ଚିକିତ୍ସା ଅବସରରେ ସାଧନା ମୃତ୍ୟୁବରଣ କରିଥିଲା। ୧୦ମ

କରିଛି। ଧୋଣ୍ଡିରାମ୍ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ପ୍ରିନ୍‌ସିପାଲ ଭାବେ ଦାୟିତ୍ୱ ସମ୍ପାଦନ କରୁଛନ୍ତି। ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଏହି ଝିଅର ନାମ ସାଧନା। ସେ ନିଟ୍ ପାଇଁ ପ୍ରସ୍ତୁତି କରୁଥିଲା। ସାଧନାଙ୍କ ମା ପ୍ରୀତି ବୋନସଲେ ଧୋଣ୍ଡିରାମଙ୍କ ବିରୋଧରେ ଥାନାରେ ଏ ନେଇ ଅଭିଯୋଗ କରିଛନ୍ତି। ଶୁକ୍ରବାର ରାତିରେ ଧୋଣ୍ଡିରାମ ସାଧନାଙ୍କୁ ଶ୍ରେଣୀରେ ଝିଅ ୯୫ ପ୍ରତିଶତ ନମ୍ବର ରଖିଥିଲା। ସେ ଡାକ୍ତର ହେବାକୁ ସ୍ୱପ୍ନ ଦେଖୁଥିଲା। କିନ୍ତୁ ସେ ନିଟ୍ ପରୀକ୍ଷାରେ କମ୍ ନମ୍ବର ରଖିଥିଲା ବୋଲି ପ୍ରୀତି କହିଛନ୍ତି। ମାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲସି ଧୋଣ୍ଡିରାମଙ୍କ ବିରୋଧରେ ମାମଲା ରୁଜୁ କରିଛି। ତାଙ୍କୁ ଗରିଫ କରି ପୁଲିସ କୋର୍ଟ ଚାଲାଣ କରାଯାଇଛି।

## ପ୍ରେମିକକୁ ଫସାଇବା ପାଇଁ... | ୧୨ ରାଜ୍ୟକୁ ବୋମା ଧମକ ଦେଇ ମହିଳା ଇଞ୍ଜିନିୟର ଗିରଫ

ନୂଆଦିଲ୍ଲୀ,୨୪।୬ (ଏଜେନ୍ସି): ଏକପାଖିଆ ପ୍ରେମ କରୁଥିଲେ। କିନ୍ତୁ ଯୁବକ ତାଙ୍କୁ ପସନ୍ଦ କରୁ ନଥିଲେ। ଅନ୍ୟ ଜଣେ ଯୁବତୀଙ୍କୁ ସେ ବିବାହ କରି ନେଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ପ୍ରେମିକର ଜୀବନକୁ ନଷ୍ଟ କରିଦେବାକୁ ଚାହୁଁଥିଲେ। ତାଙ୍କୁ ଫସାଇବାକୁ ଷଡ଼ଯନ୍ତ୍ର କରିଥିଲେ। ସେଥିପାଇଁ ୧୨ ରାଜ୍ୟକୁ ଇମେଲ ପଠାଇ ୨୧ ଥର ବୋମା ଧମକ ଦେଇଥିଲେ। ଏବେ ଏହି ଯୁବତୀଙ୍କୁ ଚେନ୍ନଇରୁ ଗିରଫ କରାଯାଇଛି। ଅହମଦାବାଦ ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ରୋବୋଟିକ୍ସ ଇଞ୍ଜିନିୟର ଥିବା ଏହି ଯୁବତୀଙ୍କ ନାମ ରେନି ଜୋସିଲ୍ଡା ବୋଲି ଜଣାପଡ଼ିଛି।

ରେନି ଡିଲୟେଟରେ ସିନିୟର କନସଲ୍‌ଟାଣ୍ଟ ଭାବେ କାମ କରୁଛନ୍ତି। ସେ ନିଜ ଅଫିସର ଜଣେ ଯୁବକଙ୍କୁ ଏକପାଖିଆ ଭାବେ ଭଲ ପାଉଥିଲେ। ତାଙ୍କୁ ଫସାଇବା ପାଇଁ ନିଜ ପରିଚୟ ଏବଂ ଠିକଣା ଲୁଚାଇ ଥିଲେ। ଜାଲ୍ ଇମେଲ ଆଇଡି, ଭର୍ଚୁଆଲ ପ୍ରାଇଭେଟ ନେଟୱାର୍କ (ଭିପିଏନ) ଏବଂ ଡାର୍କ ୱେବ ବ୍ୟବହାର କରି ଧମକ ଦେଇଥିଲେ। ସେ ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ, ଜୟପୁରର ଏମଏମଏସ ଷ୍ଟାଡିୟମ ଉଡାଇବାକୁ ଧମକ ଦେଇଥିଲେ।



ଏହା ବ୍ୟତୀତ ଅହମଦାବାଦ ବିମାନ ଦୁର୍ଘଟଣା ପରେ ଇମେଲ ପଠାଇ ନିଜକୁ ଦାୟୀ କରିଥିଲେ। ଆଜି ମଧ୍ୟ ଗୁଜରାଟ ହାଇକୋର୍ଟକୁ ଏକ ଧମକପୂର୍ଣ୍ଣ ଇ-ମେଲ୍ ମିଳିଥିଲା। ଏଥିରେ ବି ରେନିଙ୍କ ନାମ ରହିଛି। ଏହା ପୂର୍ବ ନିର୍ଦ୍ଧାରିତ ଇ-ମେଲ ହୋଇପାରେ ବୋଲି ପୁଲିସ କହିଛି। ଅହମଦାବାଦ ଯୁଗ୍ମ ପୋଲିସ କମିଶନର (କ୍ରାଇମବ୍ରାଞ୍ଚ) ଶରଦ ସିଂଘଲ କହିଛନ୍ତି ଯେ ରେନି ତାଙ୍କ ସହଯୋଗୀ ଦିବିଜ ପ୍ରଭାକର ଏବଂ ପାକିସ୍ତାନ ୱେବ୍ ଭଳି ନାମ ବ୍ୟବହାର କରି ଧମକ ପଠାଇଥିଲେ।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜାନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ଚାକିରିରେ ନୂଆ ସୁଯୋଗ ଜୁଟିବ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ଚାକିରିରେ ସହକର୍ମୀଙ୍କ ସହଯୋଗ ମିଳିବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୯୪୧- ଫିନ୍‌ଲ୍ୟାଣ୍ଡ ସୋଭିଏତ୍ ସଂଘ ଉପରେ ଆକ୍ରମଣ ପାଇଁ ଘୋଷଣା କଲା।
- ୧୯୫୦-ଉତ୍ତର କୋରିଆ ଓ ଦକ୍ଷିଣ କୋରିଆ ମଧ୍ୟରେ ଗୃହଯୁଦ୍ଧ ଆରମ୍ଭ ହେଲା।
- ୧୯୭୫- ଭାରତରେ ଜରୁରିକାଳୀନ ପରିସ୍ଥିତି ଘୋଷଣା କରାଗଲା।
- ୨୦୦୯ - ପପ୍ ଗାୟକ ମାଇକେଲ୍ ଜ୍ୟାକସନ୍‌ଙ୍କ ଦେହାନ୍ତ।
- ୨୦୧୧- ପ୍ରଥମ ଥର ପାଇଁ ଅନ୍ତରାଷ୍ଟ୍ରୀୟ ନାବିକ ଦିବସ ପାଳନ କରାଗଲା।

# ଏହି କାରଣରୁ ଅଟକିଛି 'ୱେଲକମ୍ ଟୁ ଦ ଜଙ୍ଗଲ'ର ସୁଟିଂ



ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କ ଫିଲ୍ମ 'ୱେଲକମ୍ ଟୁ ଦ ଜଙ୍ଗଲ'ର ସୁଟିଂ ଅଚାନକ ଅଟକି ଯିବାରୁ ତାଙ୍କ ପ୍ରଶଂସକମାନେ ନିରାଶ ହୋଇଛନ୍ତି। ଫିଲ୍ମର କେତେଜଣ କଳାକାରଙ୍କୁ ସେମାନଙ୍କ ପାରିଶ୍ରମିକ ନ ମିଳିବାରୁ ଫିଲ୍ମ ସୁଟିଂ ବନ୍ଦ ହୋଇଯାଇଥିବା ନିକଟରେ କିଛି ରିପୋର୍ଟରେ ପ୍ରକାଶ ପାଇଥିଲା। ଏବେ ସୁଟିଂ ଅଟକି ରହିବାର ପ୍ରକୃତ କାରଣ ସାମ୍ନାକୁ ଆସିଛି। ଏହାର ସମ୍ପର୍କ ପହଲଗାମ ଆତଙ୍କବାଦୀ ଆକ୍ରମଣ ସହ ରହିଛି। ଫିଲ୍ମର ସୁଟିଂ କାଶ୍ମୀରରେ ହେବାର ଥିଲା। ସୁଟିଂରେ ହେଲିକପ୍ଟର, ୨୫୦ଟି ଘୋଡ଼ା, ୧୨୦୦ ଜୁନିୟର କଳାକାର ସାମିଲ ହେବାର ଥିଲା। ଏବେ ସୁରକ୍ଷା କାରଣରୁ ପହଲଗାମ ସୁଟିଂକୁ ସ୍ଥଗିତ ରଖାଯାଇଛି। ବର୍ଷାଦିନ ସରିଲେ ଏହାର ସୁଟିଂ ଅନ୍ୟସ୍ଥାନରେ କରାଯିବ ବୋଲି ଖବର ଆସିଛି। ଏନେଇ 'ୱେଲକମ୍ ଟୁ ଦ ଜଙ୍ଗଲ' ଟିମ୍‌ର ଜଣେ ସଦସ୍ୟ କହିଛନ୍ତି, 'ଫିଲ୍ମର ୭୦% ସୁଟିଂ ସରିଛି। ୩୦% କାଶ୍ମୀରରେ ସୁଟ୍ ହେବାର ଥିଲା। କିନ୍ତୁ ଆତଙ୍କବାଦୀ ଆକ୍ରମଣ ଯୋଗୁଁ ସୁଟିଂକୁ ଟାଳି ଦିଆଯାଇଛି। ବର୍ଷା ଦିନ ପରେ ନୂଆ ଲୋକେସନ୍‌ରେ ସୁଟ୍ କରାଯିବ।' ଅହମ୍ମଦ ଖାନ୍‌ଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଅକ୍ଷୟଙ୍କ ବ୍ୟତୀତ ସୁନୀଲ ସେଟ୍ଟୀ, ପରେଶ ରାୱଲ, ଅନୀଲ କପୁର, ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍, ରବିନା ଟଣ୍ଡନ ପ୍ରମୁଖ ନଜର ଆସିବେ।

## ମହିଳାଙ୍କ ଅଜବ ସଉକ

# ୪୨ କୋଟିର ଘର ପାଲଟିଲା ଅଳିଆଗଦା



ସାଧାରଣତଃ ଲୋକେ ଘରକୁ ପରିଷ୍କାର ରଖିବାକୁ ଚାହାନ୍ତି। ଏଥିପାଇଁ ଘରକୁ ନିୟମିତ ରୂପେ ଝାଡ଼ୁପୋଛା କରି ସ୍ୱଚ୍ଛ ରଖିଥାନ୍ତି। କିନ୍ତୁ କିଛି ଲୋକ ଅଛନ୍ତି, ଯେଉଁମାନେ ଘରେ ଅଳିଆ ଜମା କରିବାକୁ ପସନ୍ଦ କରନ୍ତି। ସେମିତି ଜଣେ ମହିଳା ହେଲେ ଚେଙ୍ଗ୍। ୬୦ ବର୍ଷିୟା ଏହି ବୃଦ୍ଧାଙ୍କର ଏଭଳି ଖରାପ ଅଭ୍ୟାସ ଯୋଗୁ ପଡ଼ୋଶୀମାନେ ମଧ୍ୟ ନାକେଦମ୍ ହୋଇଗଲେଣି। ଚେଙ୍ଗ୍‌ଙ୍କ ଫ୍ଲାଟ୍‌ର ମୂଲ୍ୟ ୪୨ କୋଟି ଟଙ୍କାରୁ ଅଧିକ ହେଲେ ହେଁ ସେ ଏହାକୁ ଅଳିଆଗଦା କରି ରଖିଛନ୍ତି। ଦୀର୍ଘ ବର୍ଷ ହେଲାଣି ସେ ଘରେ ଅଳିଆ ଗଦେଇ ରଖିଛନ୍ତି। ତାଙ୍କ ଫ୍ଲାଟ୍ ୧୬ ମହଲାରେ ଥିବାବେଳେ ଏହି ମହଲାଟି ଚେଙ୍ଗ୍‌ଙ୍କ ଯୋଗୁଁ ଦୁର୍ଗନ୍ଧମୟ ହୋଇଯାଇଛି। ତାଙ୍କର ଏହି ଅଭ୍ୟାସ ଯୋଗୁ ପଡ଼ୋଶୀ ଫ୍ଲାଟ୍ ଛାଡ଼ି ଯିବାକୁ ମଧ୍ୟ ସ୍ଥିର କରିଥିଲେ। ସେ ବୋତଲ, ପ୍ଲାଷ୍ଟିକ୍ ବ୍ୟାଗ୍‌ଠୁ ଆରମ୍ଭ କରି ବଳକା ଖାଦ୍ୟ ପର୍ଯ୍ୟନ୍ତ ସବୁକୁ ଘରେ ସାଇତି ରଖନ୍ତି। ଚେଙ୍ଗ୍ ଇଟାଲୀରୁ ଆଣିଥିବା ୨୩ ଲକ୍ଷ ଟଙ୍କାର ସୋଫା ଏବେ ଅଳିଆଗଦା ପାଲଟିଛି। ଚେଙ୍ଗ୍‌ଙ୍କ ପଡ଼ୋଶୀମାନଙ୍କ କହିବାନୁଯାୟୀ, ତାଙ୍କ ଘର ବାହାରେ ମାଛି, ମଶା, ବିଛା, ଅସରପା ସାଙ୍ଗକୁ ମଲା ମୂଷା ପଡ଼ିଥିବାର ଅନେକ ସମୟରେ ଦେଖିବାକୁ ମିଳିଥାଏ। ଚେଙ୍ଗ୍‌କୁ ସ୍ଥାନୀୟ ପ୍ରଶାସନର ଅଧିକାରୀମାନେ ସର୍ବସାଧାରଣଙ୍କ ସ୍ୱାସ୍ଥ୍ୟ ନିମନ୍ତେ ଏପରି ସମସ୍ୟା କର ନାହିଁ ବୋଲି ଚେତାବନୀ ମଧ୍ୟ ଦେଇଥିଲେ। ସେ କିନ୍ତୁ କାହାରି କଥା ଶୁଣି ନ ଥିଲେ। ବାରମ୍ବାର ଅଭିଯୋଗ ପରେ ଅଧିକାରୀମାନେ ଚେଙ୍ଗ୍‌ଙ୍କ ଝିଅ ସହିତ କଥା ହୋଇଥିଲେ। ପ୍ରଥମେ ସେ ନିଜ ମାଆଙ୍କୁ ବୁଝାଇବେ ବୋଲି କହିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ଏହି ମାମଲାରେ ପଡ଼ିବେନି ବୋଲି କହିଥିଲେ। ଏହାପରେ ଅଧିକାରୀ ଚେଙ୍ଗ୍‌ଙ୍କ ସ୍ୱାମୀଙ୍କୁ ଯୋଗାଯୋଗ କରିଥିଲେ। ସେ ତାଙ୍କୁ ମାନସିକ ରୋଗୀ ବୋଲି କହିଥିଲେ। ସେ ଖୁବ୍‌ଶୀଘ୍ର ଚେଙ୍ଗ୍‌ଙ୍କ ଚିକିତ୍ସା କରାଇବେ ବୋଲି କହିଛନ୍ତି। ସେହିପରି ଚେଙ୍ଗ୍‌ଙ୍କ ଶୌଚାଳୟ, ବାଥ୍‌ଟବ, ବେଡ୍‌ରୁମ୍ ଏପରିକି ହଲ୍ ମଧ୍ୟ ଅଳିଆରେ ପୂର୍ଣ୍ଣ ହୋଇଛି। କିନ୍ତୁ ସେ ଏହି ଅଳିଆ ଗଦା କରି ନଥିବା ଚେଙ୍ଗ୍ କହିଛନ୍ତି। ପଡ଼ୋଶୀମାନେ ତାଙ୍କୁ ପାଗଳ ସାବ୍ୟସ୍ତ କରିବା ପାଇଁ ତାଙ୍କ ଘରେ ଏପରି ଅଳିଆ ଆବର୍ଜନା ଜମା କରିଥିବା ଚେଙ୍ଗ୍ କୁହନ୍ତି।

## ରେସ୍ତୋରାଁର ଅଜବ ନିୟମ

# ଗ୍ରାହକ କମ୍ ହେଲେ ଜରିମାନା

ଅନେକ ହୋଟେଲ ଓ ରେସ୍ତୋରାଁ ସେମାନଙ୍କ ଅଜବ ନିୟମ ପାଇଁ ଚର୍ଚ୍ଚାରେ ରହିଥାନ୍ତି। ଯାହା ଶୁଣିବାକୁ ବେଶ୍ ଅସ୍ୱାଭାବିକ ଲାଗିଥାଏ। ଏହି କ୍ରମରେ ଏକ ଫ୍ରେଞ୍ଚ୍ ରେସ୍ତୋରାଁର ଅଜବ ନିୟମ ଭାଇରାଲ ହୋଇଛି। ନିୟମ ଅନୁଯାୟୀ, ରେସ୍ତୋରାଁ ମଧ୍ୟକୁ ନିର୍ଦ୍ଦିଷ୍ଟ ସଂଖ୍ୟକ ଅତିଥିଙ୍କଠାରୁ କମ୍ କିମ୍ବା ଅଧିକ ଆସିଲେ ଏଥିପାଇଁ ଜରିମାନା ଦେବାକୁ ପଡ଼ିବ ବୋଲି ଲେଖାଯାଇଛି। ଅମ୍ବୋଇଜରେ ଥିବା ଲିଲାଟ ନାମକ ରେସ୍ତୋରାଁର ସେଫ୍ ଏବଂ ମ୍ୟାନେଜର ଓଲିବିୟା ଭିସେଣ୍ଟ ଦୀର୍ଘଦିନ ଧରି ଏକ ସମସ୍ୟାର ସମ୍ମୁଖୀନ ହେଉଥିଲେ। ତାଙ୍କ ରେସ୍ତୋରାଁରେ ମୋଟ ୨୦ ଟି ସିଟ୍ ରହିଛି। ଲୋକେ ପାର୍ଟି ଆୟୋଜନ କରିବାର ଥିଲେ ୨୦ ଟି ସିଟ୍ ବୁକ୍ କରିଥାନ୍ତି। କିନ୍ତୁ ଅନେକ ସମୟରେ ଲୋକମାନେ କମ୍ ଆସନ୍ତି। ଫଳରେ ରେସ୍ତୋରାଁକୁ କ୍ଷତି ସହିବାକୁ ପଡୁଥିଲା। ସେହିପରି ବୁକିଂ ସିଟ୍‌ରୁ ଅଧିକ ଲୋକ ହେଲେ ମଧ୍ୟ ରେସ୍ତୋରାଁକୁ ଏଥିପାଇଁ ସମସ୍ୟା ହେଉଥିଲା। ତେବେ ମ୍ୟାନେଜରଙ୍କୁ ପ୍ରତି ସପ୍ତାହରେ ଏଭଳି ସମସ୍ୟାର ସାମ୍ନା କରିବାକୁ ପଡୁଥିଲା। ଏଥିପାଇଁ ତାଙ୍କୁ ବ୍ୟବସାୟରେ ଅଧିକ କ୍ଷତି ସହିବାକୁ ପଡୁଥିଲା। ତେଣୁ ସେ ଫେସବୁକ୍‌ରେ ଏକ ପୋଷ୍ଟ ସେୟାର କରିଥିଲେ। ନିୟମ ଅନୁଯାୟୀ, ରେସ୍ତୋରାଁ ରିସେପସନରେ ପଞ୍ଜୀକୃତ ହୋଇଥିବା ସଂଖ୍ୟାରୁ କମ୍ କିମ୍ବା ଅଧିକ ଲୋକେ ଆସିଲେ ଏଥିପାଇଁ ଜଣକ ବାବଦରେ ଭାରତୀୟ ମୁଦ୍ରାରେ ୧୪୦୦ ଟଙ୍କା ନିଆଯିବ। ତେବେ ରେସ୍ତୋରାଁର ଏହି ନିୟମ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ କିଛି ଜଣ ମ୍ୟାନେଜରଙ୍କ ଏଭଳି ନିଷ୍ପତ୍ତିକୁ ସମର୍ଥନ କଲାବେଳେ ଆଉ କିଛି ଜଣ ସମାଲୋଚନା କରିଛନ୍ତି।




# ସମ୍ଭାବନା



## ଫ୍ରିଲାନ୍ସିଂ ପୂର୍ବରୁ



**ଫ୍ରିଲାନ୍ସିଂରେ କ୍ୟାରିୟର କରିବାର ଅନେକ ବିକଳ୍ପ ଅଛି। ଏଥିରେ ସ୍ୱାଧୀନ ଭାବେ କାମ କରାଯାଏ। ଫ୍ରିଲାନ୍ସିଂ ମାଧ୍ୟମରେ ଚାକିରି ସହିତ ଅତିରିକ୍ତ ଆୟ କରିବା ସମ୍ଭବପର। ତେବେ ଫ୍ରିଲାନ୍ସିଂ କରିବା ପୂର୍ବରୁ କେଉଁ ସବୁ ଦିଗ ଉପରେ ଧ୍ୟାନ ଦେବା ଦରକାର, ସେ ସମ୍ପର୍କରେ ଜାଣିବା।**

- ଯେଉଁ କ୍ଷେତ୍ରରେ ରୁଚି ଅଛି ତାହାକୁ ପ୍ରଥମେ ଜାଣନ୍ତୁ।
- ରୁଚି ଥିବା କାମରେ ଫ୍ରିଲାନ୍ସିଂ କରିବା ଭଲ।
- ଅନଲାଇନ୍ ମାଧ୍ୟମରେ କିଛି କାମ ଶିଖି, ଫ୍ରିଲାନ୍ସିଂ କରିପାରିବେ।
- ଫ୍ରିଲାନ୍ସିଂ ଯେଉଁ କ୍ଷେତ୍ରରେ କରିବାକୁ ଚାହୁଁଛନ୍ତି, ତା'ସହିତ ଜଡ଼ିତ ୱେବସାଇଟରେ ଆକାଉଣ୍ଟ ତିଆରି କରନ୍ତୁ। ଏହା ଦ୍ୱାରା କାମ ଖୋଜିବା ସହଜ ହୁଏ।
- ଫ୍ରିଲାନ୍ସିଂ କରିବା ପୂର୍ବରୁ ମାର୍କେଟ୍ ରିସର୍ଚ୍ଚ କରିବା ଜରୁରି।
- ଫ୍ରିଲାନ୍ସିଂରେ କାମ କରିବାକୁ ହେଲେ ତାହାକୁ ସମୟ ମଧ୍ୟରେ ପୂରା କରିବାକୁ ହୋଇଥାଏ।

## ଆତ୍ମସମୀକ୍ଷାରୁ ଆତ୍ମବିଶ୍ୱାସ ବୃଦ୍ଧି

ସମସ୍ତଙ୍କୁ ଶୋଇବା ପୂର୍ବରୁ ରାତିରେ କିଛି ସମୟ ଆତ୍ମସମୀକ୍ଷା କରିବା ନିହାତି ଦରକାର। ଏହାଦ୍ୱାରା ନିଜକୁ ବୁଝିବା ସହଜ ହୁଏ। ଆତ୍ମସମୀକ୍ଷାର ଅର୍ଥ ହେଉଛି, ନିଜ ଅଭ୍ୟାସ, ନିଷ୍ପତ୍ତି, ବିଚାରଧାରାକୁ ବୁଝିବା। ଏପରିକି ଏହା ଦ୍ୱାରା ନିଜେ କରିଥିବା କୌଣସି ଭୁଲକୁ ସୁଧାରିବା ସହଜ ହୁଏ। ତେବେ ଆତ୍ମସମୀକ୍ଷା ଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ପାଏ। ଏହା ଦ୍ୱାରା କ୍ରୋଧକୁ ନିୟନ୍ତ୍ରଣରେ ରଖିବା ସହଜ ହୁଏ। କେବଳ ସେତିକି ନୁହେଁ, ଚାପ ଏବଂ ଚିନ୍ତାକୁ ସହଜରେ ନିୟନ୍ତ୍ରଣ କରି ହୁଏ। ଆତ୍ମସମୀକ୍ଷା ଦ୍ୱାରା ନିର୍ଣ୍ଣୟ ନେବା କ୍ଷମତା ମଜଭୁତ ହୁଏ। ଏହା ଦ୍ୱାରା କିଛି ନୂଆ ଶିଖିବାର କୌଶଳ ନିଜ ଭିତରେ ବୃଦ୍ଧି ପାଏ। ଅନ୍ୟପଟେ ଆତ୍ମସମୀକ୍ଷା କରିବାର ସବୁଠୁ ଉତ୍ତମ ଉପାୟ ହେଉଛି ନିଜକୁ ନିଜେ ପ୍ରଶ୍ନ କରିବା। ଏଇ ଯେମିତି ଦିନକ ଭିତରେ କେଉଁ କଥା ସମସ୍ୟାରେ ପକାଇଛି, କ'ଣ ନୂଆ ଶିଖିବାକୁ ମିଳିଲା ଭଳି ଆଉ କିଛି ପ୍ରଶ୍ନ ନିଜକୁ ପଚରା ଯାଇପାରିବ।



## ୱାର୍କେସନ୍ ବୁଲାବୁଲି ସହିତ କାମ



**ଅଫିସ୍ କାମ ଓ ବୁଲାବୁଲି ଏକକାଳୀନ କରିବାକୁ 'ୱାର୍କେସନ୍' କୁହାଯାଉଛି। ଏହାଦ୍ୱାରା ଅଫିସ୍‌ରେ ଛୁଟି ନ ମିଳିଲେ ବି ଜଣେ ଆଖପାଖ ସ୍ଥାନକୁ ବୁଲିବାକୁ ଯାଇ ସେଠାରେ ବସି କାମ କରିପାରିବେ। କରୋନାରେ ଘରୁ କାମ କରିବା ପରମ୍ପରା ଆରମ୍ଭ ହେବା ପରେ ହିଁ କାମ କରିବାର ଏହି ନୂଆ ଉପାୟ ଲୋକପ୍ରିୟତା ସାଉଁଟୁଛି।**

- 'ୱାର୍କ' ଏବଂ 'ଭାକେସନ୍' ଶବ୍ଦରୁ 'ୱାର୍କେସନ୍' ହୋଇଛି। ଛୁଟି ସହିତ କାମ କରିବା ଧାରାକୁ ଏହା ବୁଝାଏ। ଏହା ଦ୍ୱାରା କାମ ଉପରେ କୌଣସି ପ୍ରଭାବ ପଡ଼ି ନ ଥାଏ। କେବଳ ସେତିକି ନୁହେଁ, ଏହା ମାଧ୍ୟମରେ ଜଣେ ବ୍ୟକ୍ତି କାମକୁ ଉପଭୋଗ କରି ଖୁସିର ସହିତ କାମ କରିଥାନ୍ତି। ୱାର୍କେସନ୍ ଅସ୍ଥାୟୀ ହୋଇଥାଏ। କାରଣ କିଛି ସମୟ ପରେ କର୍ମଚାରୀ ପୁଣି କାର୍ଯ୍ୟାଳୟରୁ ନିଜ କାମ କରନ୍ତି। ତେବେ ଯେଉଁ କମ୍ପାନି ସ୍ଥାୟୀ ଭାବେ କର୍ମଚାରୀଙ୍କୁ ଘରୁ କାମ କରିବାର ସୁବିଧା ଦିଏ, ସେମାନଙ୍କ ପାଇଁ ୱାର୍କେସନ୍ ହେଉଛି ଏକ ସୁନ୍ଦର ବିକଳ୍ପ। ତେଣୁ କର୍ମଚାରୀ ଏବଂ କମ୍ପାନି ମଧ୍ୟରେ ୱାର୍କେସନ୍‌କୁ ନେଇ ଏକ ଉତ୍ତମ ବୁଝାମଣା ହେବା ଦରକାର।
- ତେବେ ୱାର୍କେସନର ପ୍ରଧାନ ଉପକରଣ ହେଉଛି ଲାପଟପ୍। ଲାପଟପ୍ ଥିଲେ କେଉଁଠୁ ବି କାମ କରିବା ସହଜ। ୱାର୍କେସନ୍ ମାଧ୍ୟମରେ କର୍ମଚାରୀ ସ୍ଥାୟୀ ଭାବେ ଯାତ୍ରା କରି ନ ଥାନ୍ତି। ୱାର୍କେସନ୍ ସମୟରେ କର୍ମଚାରୀ କିଛି ସପ୍ତାହ ପାଇଁ ଅନ୍ୟ ସ୍ଥାନକୁ ଯାଇ ସେଠାରେ ରହନ୍ତି। ଏହାର ଲୋକପ୍ରିୟତା ବି ଦିନକୁ ଦିନ ବୃଦ୍ଧି ପାଉଛି। ତେଣୁ ଏହାକୁ ନେଇ କର୍ମଚାରୀ ନିଜ ଚାକିରିକୁ ଭିନ୍ନ ଦୃଷ୍ଟିକୋଣରୁ ଦେଖିପାରିବେ।
- ୱାର୍କେସନ୍ ବିଭିନ୍ନ ଦୃଷ୍ଟିରୁ କର୍ମଚାରୀଙ୍କୁ ସୁବିଧା ପ୍ରଦାନ କରେ। ଏହା ସେମାନଙ୍କ କାମ ଚାପକୁ କମ୍ କରିଥାଏ। ଏହାଦ୍ୱାରା କର୍ମଚାରୀଙ୍କ କାର୍ଯ୍ୟକ୍ଷମତା ବୃଦ୍ଧି ପାଏ। କେବେ କେବେ ଏହା କର୍ମଚାରୀଙ୍କୁ ସମସ୍ୟାରେ ମଧ୍ୟ ପକାଇପାରେ। କିଛି କାମ ଠିକ୍ ସ୍ଥାନରେ ଠିକ୍ ସମୟରେ କରିବାକୁ ହୋଇଥାଏ, ଯାହାକି ୱାର୍କେସନ୍ ଦ୍ୱାରା ସମ୍ଭବ ହୋଇ ନ ଥାଏ। ଅନ୍ୟପକ୍ଷରେ ମଲଟିଟାସ୍କିଂ ବା ଏକକାଳୀନ ଅନେକ କାମ କରୁଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ଏହାକୁ ଏକ ଉତ୍ତମ ବିକଳ୍ପ ବୋଲି କୁହାଯାଉଛି।

## ଇନଷ୍ଟାଗ୍ରାମ୍‌ରେ 'ରିପୋଷ୍ଟ ଫିଚର୍'

ଫଟୋ ଏବଂ ଭିଡିଓ ସେୟାରିଂ ପ୍ଲାଟଫର୍ମ ହେଉଛି ଇନଷ୍ଟାଗ୍ରାମ। ବିଭିନ୍ନ ସମୟରେ ବ୍ୟବହାରକାରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖାଯାଇ ଏଥିରେ ନୂଆ ନୂଆ ଫିଚର୍ ସାମ୍ନାକୁ ଆସେ। ତେବେ ଏବେ କମ୍ପାନି ଆଉ ଏକ ନୂଆ ଫିଚର୍ ଉପରେ କାମ କରୁଛି। ଯାହାର ନାଁ 'ରିପୋଷ୍ଟ ଫିଚର୍'। ଏହାଦ୍ୱାରା ବ୍ୟବହାରକାରୀ ଅନ୍ୟର ପୋଷ୍ଟ ଏବଂ ରିଲ୍ସକୁ ସିଧାସଳଖ ନିଜ ପ୍ରୋଫାଇଲ ଫିଡ଼ରେ ସେୟାର୍ କରିପାରିବେ। ଇନଷ୍ଟାଗ୍ରାମରେ ଏବେ ସୁଦ୍ଧା ଅନ୍ୟ କାହାର ପୋଷ୍ଟକୁ ସେୟାର୍ କରିବା ଲାଗି ବ୍ୟବହାରକାରୀଙ୍କୁ ଭିନ୍ନ ଭିନ୍ନ ଉପାୟର ସାହାରା ନେବାକୁ ପଡୁଥିଲା। ଏଇ ଯେମିତି ସ୍କ୍ରିନ୍ ସଟ୍ ଦ୍ୱାରା ସେୟାର୍ କରିବା, ଥାର୍ଡ ପାର୍ଟି ଆପ୍ ବ୍ୟବହାର କରିବା ନଚେତ୍ ପୋଷ୍ଟକୁ ନିଜ ଷ୍ଟୋରିରେ ସେୟାର୍ କରିବା। ଅବଶ୍ୟ ଏହି ରିପୋଷ୍ଟ ଫିଚର୍ ଦ୍ୱାରା ଏବେ ଏସବୁ କିଛି ବ୍ୟବହାରକାରୀଙ୍କୁ କରିବାକୁ ପଡ଼ିବ ନାହିଁ। ନୂଆ ଫିଚର୍ ମାଧ୍ୟମରେ ବ୍ୟବହାରକାରୀ ନିଜ ପୋଷ୍ଟ ସହ ଅନ୍ୟର ରିଲ୍ସ ଆଦିକୁ ପୁଣି ଥରେ ସେୟାର୍ କରିପାରିବେ। ସେହିପରି କୌଣସି ପୋଷ୍ଟକୁ ରିପୋଷ୍ଟ କଲେ, ପ୍ରୋଫାଇଲରେ ଏକ ଅଲଗା 'ରିପୋଷ୍ଟ' ଦେଖାଇବ। ଅନ୍ୟପକ୍ଷରେ ଏହି ଫିଚର୍ ଉପରେ ପରୀକ୍ଷା ଚାଲିଛି। ଖୁବ୍‌ଶୀଘ୍ର ଏହା ସମସ୍ତ ବ୍ୟବହାରକାରୀଙ୍କ ଲାଗି ଉପଲବ୍ଧ ହେବ।



## ଭାରତ-ଇଂଲଣ୍ଡ ପ୍ରଥମ ଟେଷ୍ଟରେ ବର୍ଷା ବାଧକ

# ଡକେଟଙ୍କ ଶତକ, କ୍ରାଲୀଙ୍କ ଅର୍ଦ୍ଧଶତକ

ଲିଡ୍ସ, ୨୪।୬ (ଏଜେନ୍ସି)

ଓପନର ବେନ୍ ଡକେଟଙ୍କ ଶତକ ଓ ଜ୍ୟାକ୍ କ୍ରାଲୀଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ଭାରତ ପ୍ରଦତ୍ତ ୩୭୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦ୍ୱିତୀୟ ଇନିଂସରେ ବର୍ଷା ଯୋଗୁ ଖେଳ ବନ୍ଦ ରହିଲାବେଳେକୁ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୪ ୱିକେଟ ହରାଇ ୨୬୯ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଜୋ ରୁଟ୍ ୧୪ ଓ ବେନ୍ ଷ୍ଟୋକ୍ସ ୧୩ ରନ୍‌ରେ ବ୍ୟାଟିଂ କରିବା ସହ ଘରୋଇ ଦଳକୁ ବିଜୟର ନିକଟତର କରାଇଛନ୍ତି। ଇଂଲଣ୍ଡ ପକ୍ଷରୁ ଜ୍ୟାକ୍ କ୍ରାଲୀ ୬୫ ରନ୍ କରି ଆଉଟ ହେବା ପୂର୍ବରୁ ଡକେଟଙ୍କ ସହ ପ୍ରଥମ ୱିକେଟରେ ୧୮୮ ରନ୍ ସଂଗ୍ରହ କରିଥିଲେ। ଟେଷ୍ଟ କ୍ୟାରିୟରର ୬ଷ୍ଠ ଶତକ ହାସଲ କରିଥିବା ଡକେଟ ୧୪୯ ରନ୍‌ରେ ଆଉଟ ହୋଇଥିଲେ। ଇଂଲଣ୍ଡ ପକ୍ଷରୁ ନଂ-୩ ଓଲି ପୋପ୍ ୮, ହ୍ୟାରୀ ବ୍ରୁକ୍ ଶୂନ୍ ରନ୍‌ରେ ଆଉଟ ହୋଇ ଫେଲ୍ ମାରିଥିଲେ। ଭାରତ ପକ୍ଷରୁ ମିଡିୟମ୍ ପେସ୍‌ର ପ୍ରସିଦ୍ଧ କ୍ରିଷ୍ଣା ଓ ଶାର୍ଦ୍ଦୁଳ ଠାକୁର ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଛନ୍ତି। ଆଜି ମ୍ୟାଚ୍‌ର ପଞ୍ଚମ ତଥା ଶେଷ ଦିନ ହୋଇଥିଲାବେଳେ ଏବେ ଉଭୟ ଦଳ ବିଜୟ ଲାଗି ସଂଘର୍ଷ କରୁଛନ୍ତି। ବର୍ଷା ଯୋଗୁଁ ଖେଳ ବାଧାପ୍ରାପ୍ତ ହେଲା ବେଳକୁ ବାକିଥିବା ୩୭.୩ ଓଭରରେ ଇଂଲଣ୍ଡକୁ ମ୍ୟାଚ୍ ଜିତିବା ଲାଗି ଆଉ ମାତ୍ର ୧୦୨ ରନ୍ ଆବଶ୍ୟକ ହେଉଛି। ଏହି ସିରିଜ୍‌ର ଦ୍ୱିତୀୟ ଟେଷ୍ଟ ୮ ଦିନ ପରେ ଖେଳାଯିବ। ବର୍ମିଂହାମ୍‌ର ଏଜବାଷ୍ଟନରେ ଦ୍ୱିତୀୟ ଟେଷ୍ଟ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।



ଏହି ମ୍ୟାଚ୍‌ର ପଞ୍ଚମ ଦିନ ସକାଳେ ଇଂଲଣ୍ଡ ତାହାର ଅସମାପ୍ତ ଦ୍ୱିତୀୟ ଇନିଂସ ବିନା ୱିକେଟରେ ୨୧ ରନ୍‌ରୁ ଖେଳ ଆରମ୍ଭ କରିଥିଲା। ଖେଳର ପ୍ରଥମ ଏକ ଘଣ୍ଟାରେ ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ୍ ସିରାଜଙ୍କୁ ମୁକାବିଲା କରିବାରେ ଇଂଲଣ୍ଡ ଓପନର କଷ୍ଟ ସ୍ୱୀକାର କରିଥିଲେ ମଧ୍ୟ ୱିକେଟ ଦେଇ ନ ଥିଲେ। ଏହି ଏକ ଘଣ୍ଟା ପରେ ଭାରତର ବୋଲିଂ ଦୁର୍ବଳ ହୋଇଯାଇଥିଲା ଓ ଇଂଲଣ୍ଡ ବ୍ୟାଟର ମନ ଇଚ୍ଛା ଏବଂ ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲେ। ଯାହା ଫଳରେ ପ୍ରଥମ ଦିନ ଲଞ୍ଚ ସୁଦ୍ଧା ଇଂଲଣ୍ଡ କୌଣସି ୱିକେଟ ନ ହରାଇ ୧୦୮ ରନ୍ କରିଥିଲା। ଲଞ୍ଚ ପରେ ବର୍ଷା ଆଶଙ୍କା କରି ଇଂଲଣ୍ଡ ଦଳ ଦ୍ରୁତ ଗତିରେ ରନ୍ ସଂଗ୍ରହ ଉପରେ ଗୁରୁତ୍ୱ ଦେଇଥିଲା। ଯାହା ଫଳରେ ୪୩ତମ ଓଭରରେ କ୍ରାଲୀ ଓ ୪୫ତମ ଓଭରରେ ଓଲି ପୋପ୍‌ଙ୍କ ୱିକେଟ ହରାଇଥିଲା। ଉଭୟ ଖେଳାଳିଙ୍କୁ ପ୍ରସିଦ୍ଧ କ୍ରିଷ୍ଣା ଆଉଟ କରିଥିଲେ। ଅତ୍ୟନ୍ତ ଧୈର୍ଯ୍ୟର ସହ ଖେଳୁଥିବା କ୍ରାଲୀ ୧୨୬ ବଲ୍‌ର ସାମ୍ନା କରି ୭ ଚୌକା ସହ ୬୫ ରନ୍ କରିଥିଲେ। ଅନ୍ୟ ପକ୍ଷରେ ସହଜରେ ଖେଳୁଥିବା ବେନ୍ ଡକେଟ ୯୭ ରନ୍ କରିଥିଲାବେଳେ ଏକ ଜୀବନଦାନ ପାଇଥିଲେ। ଆଜି ସବୁଠାରୁ ସୁନ୍ଦର ବୋଲିଂ କରୁଥିବା ମହମ୍ମଦ୍ ସିରାଜଙ୍କ ବୋଲିଂରେ ଡିପ୍ ବ୍ୟାକ୍‌ୱାର୍ଡ ଏରିଆରେ ଯଶସ୍ୱୀ ଜୟସ୍ୱାଲ ତାଙ୍କ କ୍ୟାଚ୍ ହାତଛଡ଼ା କରିଦେଇଥିଲେ। ଏହାକୁ ବାଦ୍ ଦେଲେ ଦୁଇ ଓପନର ଆଉଟ ହେବା ପୂର୍ବରୁ ଆଉ କିଛି ସୁଯୋଗ ଦେଇ ନ ଥିଲେ। ଏହି ସମୟରେ ବର୍ଷା ଯୋଗୁ କିଛି ସମୟ ଖେଳ ବନ୍ଦ ରହିଥିଲା। ବର୍ଷା ପରେ ୫୫ତମ ଓଭରରେ ଶାର୍ଦ୍ଦୁଳ ଠାକୁରଙ୍କ ବୋଲିଂରେ ଡକେଟ ବଦଳ ଖେଳାଳି ନୀତୀଶ ରେଡ୍ଡୀଙ୍କ ହାତରେ ଧରାପଡ଼ି ପଡ଼ିଆରୁ ବିଦା ହୋଇଥିଲେ। ସେ ଆକ୍ରମଣାତ୍ମକ ବ୍ୟାଟିଂ କରି ୧୭୦ ବଲ୍‌ରୁ ୨୧ ଚୌକା ଓ ୧ ଛକା ସହ ୧୪୯ ରନ୍‌ରେ ଆଉଟ ହୋଇଥିଲେ। ସୁଇପ୍ ସଟ୍‌ରୁ ସେ କେବଳ ୩୨ ରନ୍ ଉଠାଇଥିଲେ। ପ୍ରସିଦ୍ଧ କ୍ରିଷ୍ଣା ଓ ଶାର୍ଦ୍ଦୁଳ ଠାକୁର ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରି ଭାରତର ସମ୍ମାନ ରଖିଥିଲେ।

## ରଷଭ ପନ୍ତ୍ ଦଣ୍ଡିତ

ଲିଡ୍ସ, ୨୪।୬ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତୀୟ ୱିକେଟ ରକ୍ଷକ ରଷଭ ପନ୍ତ୍ ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ କରି ଦଣ୍ଡିତ ହୋଇଛନ୍ତି। ଦଣ୍ଡସ୍ୱରୂପ ତାଙ୍କୁ ଗୋଟିଏ ଡିମେରିଟ ପଏଣ୍ଟ ମିଳିଛି ଓ ଏଭଳି କାମ ଆଉଥରେ ନ କରିବାକୁ ଚେତାବନୀ ଦିଆଯାଇଛି। ଏହି ମ୍ୟାଚ୍‌ର ତୃତୀୟ ଦିନ ଇଂଲଣ୍ଡ ପ୍ରଥମ ଇନିଂସର ୬୧ତମ ଓଭର ବେଳେ ବଲର ଆକାର ଖରାପ ହୋଇଥିବା ନେଇ ପନ୍ତ୍ ଫିଲ୍ଡ ଅମ୍ପାୟାର ପଲ ରିଫେଲଙ୍କୁ ଦେଖାଇଥିଲେ। ଏହି ବଲ୍‌କୁ ବଦଳାଇବା ଲାଗି ମଧ୍ୟ ଦାବି କରିଥିଲେ। କିନ୍ତୁ ରିଫେଲ ଏହି ଦାବିର ପରୀକ୍ଷା କରିବା ପରେ ବଲର ଆକାରରେ କୌଣସି ଅସୁବିଧା ନାହିଁ ବୋଲି କହିବା ସହ ବଲ ବଦଳାଇବାକୁ ମନା କରିଦେଇଥିଲେ। ଏହା ଫଳରେ ପନ୍ତ୍ ନିରାଶ ହେବା ସହ ବଲ୍‌କୁ ପଡ଼ିଆରେ ଫିଙ୍ଗିଦେଇଥିଲେ। ତାଙ୍କର ଏଭଳି ଆଚରଣ ଆଇସିସି ଆଚରଣ ସଂହିତାର ଧାରା ୨.୮ ଅନୁଯାୟୀ ଲେଭଲ-୧ ଅପରାଧ ଭାବେ ବିବେଚନା କରାଯାଇଛି। ଗତ ୨୪ ମାସ ମଧ୍ୟରେ ପନ୍ତ୍‌ଙ୍କର ଏହା ପ୍ରଥମ ଅପରାଧ ହୋଇଥିବାରୁ ଡିମେରିଟ୍ ପଏଣ୍ଟ ସହ ଚେତାବନି ଦିଆଯାଇ ଛାଡିଦିଆଯାଇଛି। ପନ୍ତ୍ ଏହି ଟେଷ୍ଟର ଉଭୟ ଇନିଂସରେ ଶତକ ହାସଲ କରିଛନ୍ତି। ଏଭଳି ସଫଳତା ପାଇବାରେ ସେ ଭାରତର ୭ମ ବ୍ୟାଟର ଓ ପ୍ରଥମ ୱିକେଟ ରକ୍ଷକ।



## ୪ଟି କ୍ୟାଚ୍ ଡ୍ରପ୍ କଲେ ଜୟସ୍ୱାଲ

ଲିଡ୍ସ, ୨୪।୬ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତର କ୍ଷେତ୍ରରକ୍ଷଣ ସବୁଠାରୁ ଦୁର୍ବଳ ହୋଇଥିଲା। ଏଥିରେ ପ୍ରତିପକ୍ଷ ବ୍ୟାଟରଙ୍କୁ ଆଉଟ କରିବାକୁ ମିଳିଥିବା ସୁଯୋଗ ମଧ୍ୟରୁ ଭାରତୀୟ ଫିଲ୍ଡରମାନେ ଅଧା ଡଜନେରୁ ଅଧିକ କ୍ୟାଚ୍ ଡ୍ରପ୍ କରିଥିଲେ। ଏହା ମଧ୍ୟରୁ କେବଳ ଓପନର ଯଶସ୍ୱୀ ଜୟସ୍ୱାଲ ୪ଟି କ୍ୟାଚ୍ ଡ୍ରପ କରି ଜଣେ ଭାରତୀୟ ଭାବେ ଗୋଟିଏ ଟେଷ୍ଟରେ ସର୍ବାଧିକ କ୍ୟାଚ୍ ଛାଡିବାର ରେକର୍ଡ କରିଛନ୍ତି। ଇଂଲଣ୍ଡ ପ୍ରଥମ ଇନିଂସରେ ସେ ୩ଟି କ୍ୟାଚ୍ ଡ୍ରପ୍ କରିଥିଲେ। ଏ ସବୁ କ୍ୟାଚ୍ ବୁମ୍‌ରାଙ୍କ ବୋଲିଂରୁ ମିଳିଥିଲା। ପ୍ରଥମ ଇନିଂସରେ ବୁମ୍‌ରାଙ୍କ ବୋଲିଂରେ ରଷଭ ପନ୍ତ୍ ଓ ରବୀନ୍ଦ୍ର ଜାଡେଜା ମଧ୍ୟ ଗୋଟିଏ ଲେଖାଏଁ କ୍ୟାଚ୍ ଡ୍ରପ୍ କରିଥିଲେ। ଏହାର ଫଳ ଭାରତକୁ ଭୋଗିବାକୁ ପଡ଼ିଛି। ଏହି ମ୍ୟାଚ୍‌ର ମଙ୍ଗଳବାର ଖେଳ ଶେଷ ଦିନରେ ପ୍ରତିପକ୍ଷ ଓପନର ବେନ୍ ଡକେଟ ୯୭ ରନ୍ କରିଥିଲାବେଳେ ଡିପ୍ ବ୍ୟାକ୍‌ୱାର୍ଡରେ ଦେଇଥିବା କ୍ୟାଚ୍‌କୁ ଜୟସ୍ୱାଲ ଧରି ପାରି ନ ଥିଲେ। ଫଳରେ ବୋଲର ମହମ୍ମଦ୍ ସିରାଜ ଓ ଭାରତୀୟ ଟିମ୍ ନିରାଶ ହୋଇଥିଲେ। ଏହି କ୍ୟାଚ୍ ଡ୍ରପ ଯୋଗୁଁ ପ୍ରଥମ ଟେଷ୍ଟ ଭାରତ ନିକଟରୁ ହାତଛଡ଼ା ହୋଇଯାଇଥିଲା।



## ତୃତୀୟଥର କଳାପଟି ବାନ୍ଧିଲେ ଖେଳାଳି

ଲିଡ୍ସ,୨୪।୬ (ଏଜେନ୍ସି): ସ୍ଥାନୀୟ ଲିଡ୍ସ କ୍ରିକେଟ ଗ୍ରାଉଣ୍ଡରେ ଆଜି ଶେଷ ହୋଇଥିବା ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଉଭୟ ଦଳର ଖେଳାଳିମାନେ ମଙ୍ଗଳବାର କଳାପଟି ବାନ୍ଧି ଖେଳିଥିଲେ। ଏହା କାରଣ ଥିଲା ଗତକାଲି ରାତିରେ ଭାରତୀୟ କ୍ରିକେଟର ଦିଲୀପ ଦୋଶୀଙ୍କ ବିୟୋଗ। ତାଙ୍କ ଅମର ଆତ୍ମାକୁ ସମ୍ମାନ ଜଣାଇ ଉଭୟ ଦଳର ଖେଳାଳିମାନେ ଏହି ମ୍ୟାଚ୍‌ର ୫ମ ଦିନରେ ହାତରେ କଳାପଟି ବାନ୍ଧି ଖେଳିଥିଲେ। ଏହା ପୂର୍ବରୁ ତୃତୀୟ ଦିନ ଇଂଲଣ୍ଡର କ୍ରିକେଟର ଡାନ ଲରେନ୍ସଙ୍କ ପରଲୋକ ଯୋଗୁଁ ମଧ୍ୟ ଉଭୟ ଦଳର ଖେଳାଳିମାନେ କଳାପଟି ବାନ୍ଧିଥିଲେ। ଟେଷ୍ଟ ଆରମ୍ଭର ପ୍ରଥମ ଦିନ ଅହମ୍ମଦାବାଦ୍ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିବିଶେଷଙ୍କ ଆତ୍ମାକୁ ସମ୍ମାନ ଜଣାଇ ଉଭୟ ଦଳର ଖେଳାଳିମାନେ ହାତରେ କଳାପଟି ବାନ୍ଧି ଖେଳିଥିଲେ। ଏହା ଫଳରେ ଗୋଟିଏ ଟେଷ୍ଟରେ ଖେଳାଳିମାନଙ୍କୁ ୩ ଥର କଳାପଟି ବାନ୍ଧି ଖେଳିବାକୁ ପଡ଼ିଥିଲା।

## ରିଙ୍କୁ-ପ୍ରିୟାଙ୍କ ବିବାହ ଫେବୃଆରୀକୁ ଘୁଞ୍ଚିଲା



ଲକ୍ଷ୍ନୌ, ୨୪।୬ (ଏଜେନ୍ସି): ଭାରତୀୟ ଯୁବ କ୍ରିକେଟର୍ ରିଙ୍କୁ ସିଂ ଓ ସାଂସଦ ପ୍ରିୟା ସରୋଜଙ୍କ ମଧ୍ୟରେ ଚର୍ଚ୍ଚିତ ବିବାହ ନଭେମ୍ବର ୧୯ରେ ବାରଣାସୀରେ ହେବାର କାର୍ଯ୍ୟସୂଚୀ ରହିଥିଲା। ତେବେ ସଦ୍ୟ ରିପୋର୍ଟ ମୁତାବକ, ଏହି ବିବାହକୁ ଘୁଞ୍ଚାଇ ଦିଆଯାଇଛି। ଆସନ୍ତାବର୍ଷ ଫେବୃଆରୀରେ ବିବାହ ଲାଗି ନୂଆ ସମୟ ଧାର୍ଯ୍ୟ ହୋଇଛି। କିନ୍ତୁ ତାରିଖ ଧାର୍ଯ୍ୟ ହୋଇ ନ ଥିବା ପରିବାର ସୂତ୍ରରୁ ଜଣାପଡ଼ିଛି। ନଭେମ୍ବରରେ ରିଙ୍କୁଙ୍କ ଘରୋଇ କ୍ରିକେଟ୍‌ର ବ୍ୟସ୍ତ କାର୍ଯ୍ୟସୂଚୀକୁ ନଜରରେ ରଖି ବିବାହକୁ ଘୁଞ୍ଚାଇ ଦିଆଯାଇଛି ବୋଲି ଜଣାପଡ଼ିଛି। ପ୍ରକାଶଯୋଗ୍ୟ, ଚଳିତ ମାସ ପ୍ରାରମ୍ଭରେ ଲକ୍ଷ୍ନୌରେ ଏକ ଜାକଜମକ ଉତ୍ସବରେ ରିଙ୍କୁ ଓ ପ୍ରିୟାଙ୍କ ନିର୍ବନ୍ଧ ଅନୁଷ୍ଠିତ ହୋଇଥିଲା। ପ୍ରିୟା ସମାଜବାଦୀ ପାର୍ଟିର ସାଂସଦ ଥିବାରୁ ଏହା ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ, ଅଭିନେତ୍ରୀ ଜୟା ବଚ୍ଚନ, ଭାରତୀୟ କ୍ରିକେଟର୍ ଭୁବନେଶ୍ୱର କୁମାରଙ୍କ ସମେତ ଏକାଧିକ ସେଲିବ୍ରିଟ ଏହି ନିର୍ବନ୍ଧରେ ଉପସ୍ଥିତ ରହିଥିଲେ।

## କାଉଣ୍ଟି ପଦାର୍ପଣରେ ତିଲକ ବର୍ମାଙ୍କ ଶତକ

ନୂଆଦିଲ୍ଲୀ,୨୪।୬ (ଏଜେନ୍ସି): ଭାରତୀୟ ସୀମିତ ଓଭର କ୍ରିକେଟ ବିଶେଷଜ୍ଞ ତିଲକ ବର୍ମା ବିଶ୍ୱର ଖ୍ୟାତନାମା କାଉଣ୍ଟି କ୍ରିକେଟର ପଦାର୍ପଣରେ ଶତକ ହାସଲ କରିଛନ୍ତି। ହାଇଦରାବାଦର ଏହି ଖେଳାଳି କାଉଣ୍ଟି ଚାମ୍ପିଅନସିପ୍‌ରେ ଇସେକ୍ସ ପକ୍ଷରୁ ପ୍ରତିନିଧିତ୍ୱ କରି ଇସେକ୍ସ ବିପକ୍ଷରେ ଶତକ ହାସଲ କରିଛନ୍ତି। ଚେମ୍ସଫୋର୍ଡ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ସେ ୨୩୯ ବଲ୍‌ରେ ଶତକ ପୂରଣ କରିଥିଲେ। ଏହି ଶତକୀୟ ପାଳିରେ ୧୧ଟି ଚୌକା ଓ ୩ଟି ଛକା ସାମିଲ ଥିଲା। ଏହା ସହ ସେ ଲିଆମ ଡାଓ୍ୱସନଙ୍କ ସହ ମିଶି ୫ମ ୱିକେଟ ଭାଗୀଦାରିରେ ୧୩୩ ରନ୍ ଉଠାଇଥିଲେ। ପ୍ରଥମଶ୍ରେଣୀ କ୍ରିକେଟରେ ଏହା ତିଲକଙ୍କ ଷଷ୍ଠ ଶତକ। ଏହା ପୂର୍ବରୁ ସେ ହାଇଦରାବାଦ୍ ପକ୍ଷରୁ ରଣଜୀ ଟ୍ରଫିରେ ୩ଟି, ଭାରତ-ଏ' ପକ୍ଷରୁ ଖେଳି ନ୍ୟୁଜିଲାଣ୍ଡ ଓ ଦକ୍ଷିଣାଞ୍ଚଳ ପକ୍ଷରୁ ଦୁଲୀପ ଟ୍ରଫି ଖେଳି ଗୋଟିଏ ଲେଖାଏଁ ଶତକ ହାସଲ କରିଛନ୍ତି। ଭାରତ ପକ୍ଷରୁ ୪ଟି ଦିନିକିଆ ଓ ୨୫ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ତିଲକ ଏବେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଆଇପିଏଲ୍ ଖେଳୁଛନ୍ତି।



## କ୍ଲବ୍ ବିଶ୍ୱକପ୍: ପ୍ରି-କ୍ୱାର୍ଟରରେ ଇଣ୍ଟର ମିଆମି

ସିନ୍‌ସିନାଟି, ୨୪।୬ (ଏଜେନ୍ସି): ଲିଓନେଲ ମେସୀ ଓ କାର୍ଲୋସ ସୁଆରେଜ୍ ଗୋଲ ସ୍କୋର କରିବାରେ ବିଫଳ ହେବା ଫଳରେ ଏଠାରେ ମଙ୍ଗଳବାର ସକାଳେ ଅନୁଷ୍ଠିତ ଗ୍ରୁପ୍-ଏ' ମ୍ୟାଚ୍‌ରେ ଇଣ୍ଟର ମିଆମି ୨-୨ ଗୋଲରେ ପାଲମେଇରାସ ସହ ମ୍ୟାଚ୍ ଡ୍ର ରଖିଛି। ଏହା ଫଳରେ ଉଭୟ ଦଳ ସମାନ ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଗ୍ରୁପ୍-ଏ'ର ପ୍ରଥମ ସ୍ଥାନରେ ରହିଥିବା ପାଲମେଇରାସ ପ୍ରି-କ୍ୱାର୍ଟରରେ ନିଜ ଦେଶ ବ୍ରାଜିଲ୍‌ର ବୋଟାଫୋଗୋ ସହ ଖେଳିବେ। ସେହିପରି ଅନ୍ୟଏକ ମୁକାବିଲାରେ ପ୍ୟାରିସ ସେଣ୍ଟ ଜର୍ମେନ ସହ ମେସୀଙ୍କ ଇଣ୍ଟର ମିଆମି କ୍ୱାର୍ଟର ଫାଇନାଲ ସ୍ଥାନ ଲାଗି ମୁକାବିଲା କରିବ। ଆମେରିକାର ଏକମାତ୍ର କ୍ଲବ୍ ଭାବେ ଇଣ୍ଟର ମିଆମି ଫିଫା କ୍ଲବ୍ ବିଶ୍ୱକପ୍ ନକ୍‌ଆଉଟରେ ପ୍ରବେଶ କରିଛି।

## ସାତ୍ତ୍ୱିକ, ପ୍ରଣତୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୪।୬ (ସମିସ): ଏସିଆନ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ଜିତିଥିବା ପ୍ରଣତୀ ନାୟକ ଓ ୯ ବର୍ଷରୁ କମ୍ ୩୮ତମ ଜାତୀୟ ଚେସ୍‌ରେ ଚାମ୍ପିଅନ ହୋଇ ରାଜ୍ୟ ପାଇଁ ଗୌରବ ଆଣିଥିବା ସାତ୍ତ୍ୱିକ ସ୍ୱାଇଁଙ୍କୁ ମଙ୍ଗଳବାର କ୍ରୀଡ଼ା ବିଭାଗ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଛି। କାଂସ୍ୟ ପଦକ ବିଜୟିନୀ ପ୍ରଣତୀଙ୍କୁ ୭୫ ହଜାର ଟଙ୍କା ଓ ସାତ୍ତ୍ୱିକଙ୍କୁ ୩୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଚଳିତ ସପ୍ତାହ ପ୍ରାରମ୍ଭରେ ହରିୟାଣାର ଗୁରୁଗ୍ରାମରେ ଅନୁଷ୍ଠିତ ୯ ବର୍ଷରୁ କମ୍ ଜାତୀୟ ଚେସ୍‌ରେ ୧୦ ପଏଣ୍ଟ ରଖି ସାତ୍ତ୍ୱିକ ଐତିହାସିକ ଟ୍ରଫି ଜିତିଥିଲେ। ପ୍ରଥମଥର ଲାଗି ଓଡ଼ିଶାର ଜଣେ ଚେସ୍ ଖେଳାଳି ଏହି ବୟସବର୍ଗରେ ଜାତୀୟ ଚାମ୍ପିଅନ ହୋଇଥିଲେ। ସେହିଭଳି ପ୍ରଣତୀ ଦକ୍ଷିଣ କୋରିଆରେ ଅନୁଷ୍ଠିତ ଏସିଆନ ଆର୍ଟିଷ୍ଟିକ ଜିମ୍ନାଷ୍ଟିକରେ ଭଲ୍ଟ ଇଭେଣ୍ଟରେ ୩ୟ ସ୍ଥାନରେ ରହି ପଦକ ଜିତିଥିଲେ। ମଙ୍ଗଳବାର ଏହି ସମ୍ବର୍ଦ୍ଧନା ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ, ବିଜୟାନନ୍ଦ ନାୟକ ଓ ଅଶୋକ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ।

## ଦିଲୀପ ଦୋଶୀଙ୍କ ବିୟୋଗ

ଲଣ୍ଡନ, ୨୪।୬ (ଏଜେନ୍ସି): ଇଂଲଣ୍ଡ ମାଟିରେ ଭାରତ ପ୍ରଥମ ଟେଷ୍ଟ ଖେଳୁଥିବାବେଳେ ୪ର୍ଥ ଦିବସରେ ଏକ ଦୁଃଖଦ ଖବର ଆସିଛି। ପୂର୍ବତନ ଭାରତୀୟ କ୍ରିକେଟର୍ ଦିଲୀପ ଦୋଶୀଙ୍କ ସୋମବାର ହୃଦଘାତରେ ଲଣ୍ଡନରେ ବିୟୋଗ ଘଟିଛି। ମୃତ୍ୟୁବେଳକୁ ଦିଲୀପଙ୍କୁ ୭୭ ବର୍ଷ ବୟସ ହୋଇଥିଲା ଏବଂ ସେ ଦୀର୍ଘ ବର୍ଷ ହେବ ଲଣ୍ଡନରେ ରହିଆସୁଥିଲେ। ବାମହାତୀ ସ୍ପିନ ବୋଲର ଦିଲୀପ ୧୯୭୯ରୁ ୧୯୮୩ ମସିହା ପର୍ଯ୍ୟନ୍ତ ଭାରତ ପକ୍ଷରୁ ୩୩ ଟେଷ୍ଟ ଓ ୧୫ ଏକଦିବସୀୟ ମ୍ୟାଚ୍ ଖେଳିଥିଲେ। ଟେଷ୍ଟରେ ତାଙ୍କ ନାମରେ ୧୧୪ ଓ ଏକଦିବସୀୟରେ ୨୨ ୱିକେଟ୍ ଲିପିବଦ୍ଧ ରହିଛି। ୧୯୭୯ରେ ଅଷ୍ଟ୍ରେଲିଆ ଦଳ ଭାରତ ଗସ୍ତରେ ଆସିଥିବାବେଳେ ସେ ଚେନ୍ନଇ ଟେଷ୍ଟ ଖେଳି ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପଦାର୍ପଣ କରିଥିଲେ। ଏହି ମ୍ୟାଚର ପ୍ରଥମ ପାଳିରେ ସେ ଅଷ୍ଟ୍ରେଲିଆର ୬ଜଣ ବ୍ୟାଟର୍‌ଙ୍କୁ ଆଉଟ୍ କରିଥିଲେ। ରାଜକୋଟରେ ଜନ୍ମିତ ଦୋଶୀ ଘରୋଇ କ୍ରିକେଟ୍‌ରେ ସୌରାଷ୍ଟ୍ର ଓ ବେଙ୍ଗଲ ପକ୍ଷରୁ ଏବଂ କାଉଣ୍ଟି କ୍ରିକେଟ୍‌ରେ ନର୍ଥିଂହାମଶାୟର ଓ ୱର୍କଶାୟର ପାଇଁ ପ୍ରତିନିଧିତ୍ୱ କରି ୨୩୮ ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳି ମୋଟ୍ ୮୯୮ଟି ୱିକେଟ୍ ହାସଲ କରିଥିଲେ। ଯେଉଁଥିରେ ୬ଥର ୧୦ ୱିକେଟ୍ ଓ ୪୩ଥର ପାଞ୍ଚ ୱିକେଟ୍ ସଫଳତା ପାଇଛନ୍ତି।

## ସ୍ରିଷ୍ଟି ଜିତିଲେ କାଂସ୍ୟ

ଭୁବନେଶ୍ୱର, ୨୪।୬ (ସମିସ): କଳିଙ୍ଗ ଷ୍ଟାଡିୟମସ୍ଥିତ ଇଣ୍ଡୋର ଆକ୍ୱାଟିକ ସେଣ୍ଟରରେ ଚାଲିଥିବା ୭୮ତମ ଜାତୀୟ ସିନିଅର ଜଳକ୍ରୀଡ଼ା ଚାମ୍ପିଅନସିପ୍‌ର ତୃତୀୟ ଦିବସରେ ଓଡ଼ିଶାର ସ୍ରିଷ୍ଟି ଉପାଧ୍ୟାୟ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ମହିଳା ୨୦୦ ମିଟର ବଟରଫ୍ଲାଏ ଫାଇନାଲରେ ସ୍ରିଷ୍ଟି ୨ ମିନିଟ୍ ୨୩.୧୧ ସେକେଣ୍ଡରେ ଫିନିଶ କରି ୩ୟ ସ୍ଥାନ ହାସଲ କରିଥିଲେ। ଚାମ୍ପିଅନସିପ୍‌ରେ ସ୍ରିଷ୍ଟିଙ୍କ ଏହା ୨ୟ ପଦକ। ପୂର୍ବରୁ ସେ ପ୍ରଥମ ଦିବସରେ ୧୦୦ ମିଟର ବଟରଫ୍ଲାଏରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଅପରପକ୍ଷର ତୃତୀୟ ଦିବସରେ ୩ଟି ନୂଆ ଜାତୀୟ ରେକର୍ଡ ଦେଖିବାକୁ ମିଳିଛି।

## ମାଷ୍ଟର୍ସ କପ୍ ହକି: ସେମିରେ ଓଡ଼ିଶା ମହିଳା

ଭୁବନେଶ୍ୱର, ୨୪।୬ (ସମିସ): ଚେନ୍ନଇରେ ହକି ଇଣ୍ଡିଆ ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ମାଷ୍ଟର୍ସ କପ୍ ହକିର ମହିଳା ବିଭାଗରେ ଓଡ଼ିଶା ଦଳ ସେମିଫାଇନାଲରେ ପହଞ୍ଚିଛି। ମଙ୍ଗଳବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ ଓଡ଼ିଶା ଭେଟେରାନ ମହିଳା ହକି ଦଳ ୧୦-୦ ଗୋଲରେ କେରଳକୁ ପରାସ୍ତ କରିଛି। ବିଜୟୀ ଓଡ଼ିଶା ପକ୍ଷରୁ ସରିତା ଲାକ୍ରା ୫ ଓ ରୋଶନ ସରିତା ମିଞ୍ଜ ୩ଟି ଗୋଲ୍ ଦେଇଥିଲେ। ସେହିଭଳି ଅନ୍ୟ ୩ଟି କ୍ୱାର୍ଟରରେ ପଞ୍ଜାବ, ହରିୟାଣା ଓ ତାମିଲନାଡୁ ବିଜୟୀ ହୋଇ ସେମିଫାଇନାଲକୁ ଉଠିଛନ୍ତି। ଗୁରୁବାର ସେମିଫାଇନାଲ ଖେଳାଯିବ। ସେମିଫାଇନାଲରେ ଓଡ଼ିଶାର ମୁକାବିଲା ତାମିଲନାଡୁ ସହ ହେବ। ଅପରପକ୍ଷରେ ପୁରୁଷ ବିଭାଗରେ ବୁଧବାର ଦୁଇଟି ଯାକ ସେମିଫାଇନାଲ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ଓ ମହାରାଷ୍ଟ୍ର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ।




## ଜାତୀୟ ଜୁନିଅର ଆଥ୍‌ଲେଟିକ୍ସରେ ଓଡ଼ିଆଙ୍କ ଚମକ

ଭୁବନେଶ୍ୱର, ୨୪।୬ (ସମିସ)

ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଶେଷ ହୋଇଥିବା ଜାତୀୟ ଜୁନିଅର ଫେଡେରେସନ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍(୨୦ ବର୍ଷରୁ କମ୍)ର ୨୩ତମ ସଂସ୍କରଣରେ ଓଡ଼ିଆ କ୍ରୀଡ଼ାବିତ୍‌ଙ୍କ ଚମକ ଦେଖିବାକୁ ମିଳିଛି। ପ୍ରତିଯୋଗିତାର ଶେଷ ଦିବସରେ ମଙ୍ଗଳବାର ଓଡ଼ିଶାକୁ ୨ଟି ପଦକ ମିଳିଛି। ଓମକାର ପ୍ରସାଦ ନନ୍ଦ ପୁରୁଷ ସଟ୍‌ପୁଟ୍‌ରେ ରୌପ୍ୟ ଓ ମହିଳା ହାମର ଥ୍ରୋରେ ଅଙ୍କିତା ମହାପାତ୍ର କାଂସ୍ୟ ପଦକ ଜିତିଛନ୍ତି। ଓମକାର ୧୮.୪୬ ମିଟର ଦୂରକୁ ଫିଙ୍ଗି ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ଉତ୍ତରପ୍ରଦେଶର ଅନୁରାଗ ସିଂ ୧୮.୯୯ ମିଟର ସହ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ସେହିଭଳି ମହିଳା ହାମର ଥ୍ରୋ'ରେ ଅଙ୍କିତା ୪୭.୪୦ ମିଟର ଦୂରତା ହାସଲ କରି ପୋଡିୟମର ୩ୟ ସ୍ଥାନରେ ରହିଥିଲେ। ପୂର୍ବରୁ ସୋମବାର ଓଡ଼ିଶାର ଧାବକ ଅସତିକ ପ୍ରଧାନ ୪୦୦ ମିଟର ରେସରେ ମିଟ୍ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ସଫଳତା ପାଇଥିଲେ। ଅସତିକ ୪୬.୫୮ ସେକେଣ୍ଡରେ ରେସ୍ ଶେଷ କରିଥିଲେ। ଉଲ୍ଲେଖଯୋଗ୍ୟ, ଓମକାର, ଅସତିକ କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି।







### ଏସିଆନ୍ ସ୍କ୍ୱାଶ ଚାମ୍ପିଅନସିପ୍

## ଭାରତର ଦୁଇ ପଦକ ନିଶ୍ଚିତ

ନୂଆଦିଲ୍ଲୀ, ୨୪।୬ (ଏଜେନ୍ସି): ମାଲେସିଆରେ ଚାଲିଥିବା ଦ୍ୱିତୀୟ ଏସିଆନ ଡବଲ୍ ସ୍କ୍ୱାଶ ଚାମ୍ପିଅନସିପ୍‌ରେ ଭାରତ ଦୁଇ ପଦକ ନିଶ୍ଚିତ କରିଛି। ଭାରତର ଉଭୟ ପୁରୁଷ ଓ ମହିଳା ଦଳ ସେମିଫାଇନାଲରେ ସ୍ଥାନ ପକ୍କା କରିବା ସହ ପଦକ ପାଇବା ନିଶ୍ଚିତ ହୋଇଛି। ପୁରୁଷ ଡବଲ୍ସ କ୍ୱାର୍ଟର ଫାଇନାଲରେ ଅଭୟ ସିଂ ଓ ଭେଲାଭାନ ସେନ୍ଥିଲକୁମାରଙ୍କୁ ନେଇ ଭାରତୀୟ ଯୋଡ଼ି ୧୦-୧୧, ୧୧-୩, ୧୧-୫ରେ କୋରିଆ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ସେମିଫାଇନାଲରେ ଏହି ଭାରତୀୟ ଯୋଡ଼ି ହଂକଂର ଟି ହିମ୍ ୱଙ୍ଗ୍ ଓ ମିଙ୍ଗ୍ ହଙ୍ଗ୍ ଟାଙ୍ଗ୍ ଯୋଡ଼ିଙ୍କୁ ଭେଟିବେ। ସେହିଭଳି ମହିଳା ଡବଲ୍ସରେ ଜୋସ୍ନା ଚିନ୍ନାପ୍ପା ଓ ଅନହାତ ସିଂ ମାତ୍ର ୧୨ ମିନିଟ୍‌ରେ ୧୧-୬, ୧୧-୩ରେ ଫିଲିପାଇନ୍ସ ଯୋଡ଼ିଙ୍କୁ ପରାସ୍ତ କରି ସେମିକୁ ଉଠିଛନ୍ତି। ସେମିଫାଇନାଲରେ ପ୍ରବେଶ କରିଥିବାରୁ ପରାସ୍ତ ହେଲେ ମଧ୍ୟ କାଂସ୍ୟ ପଦକ ନିଶ୍ଚିତ କରିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS